


বিবাহ বন্ধনরে সামন্থা

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-156 ◆TUESDAY ◆2 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୫୬ ◆ମଙ୍ଗଳବାର ◆୨ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଆରମ୍ଭରୁ ଏସ୍ଆଇଆର୍ ତାତି

## ପ୍ରଥମ ଦିନରେ ସଂସଦ ଅଚଳ

■ ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଆଜି ଠାରୁ ଆରମ୍ଭ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନ ସରଗରମ ରହିଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍‌କୁ ନେଇ ସରକାର ଏବଂ ବିରୋଧୀ ମୁହାଁମୁହିଁ ହୋଇ ରହିଥିବାରୁ ସଂସଦର ଉଭୟ ଗୃହ ପ୍ରଥମ ଦିନରୁ ଅଚଳ ହୋଇପଡ଼ିଛି। ଏସ୍ଆଇଆର୍ ଉପରେ ତୁରନ୍ତ ଆଲୋଚନା କରିବାକୁ ବିରୋଧୀ ଦଳମାନେ ଦାବି କରିଥିବା ବେଳେ ସରକାର ତୁରନ୍ତ ଆଲୋଚନା ପାଇଁ ରାଜି ହେଉ ନାହାନ୍ତି। ବିରୋଧୀ ସଭ୍ୟମାନଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।

ଆଜି ସଂସଦ ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳମାନେ ଏସ୍ଆଇଆର୍ ଉପରେ ତୁରନ୍ତ ଆଲୋଚନା କରିବାକୁ ଦାବି କରିଥିଲେ। ଅଧ୍ୟକ୍ଷ ଏଥିପାଇଁ ଅନୁମତି ନଦେବାରୁ ସେମାନେ ହଟ୍ଟଗୋଳ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ସରକାର ରାଜି ଅଛନ୍ତି। କିନ୍ତୁ ଏହି ଆଲୋଚନା ବିରୋଧୀଙ୍କ ସର୍ତ୍ତ ଅନୁଯାୟୀ ହେବ ନାହିଁ। ଗତକାଲି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କିଛି ବିରୋଧୀ ଦଳ ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ସରକାରଙ୍କର ବିଚାରାଧୀନ ଅଛି। ଏଥିପାଇଁ ସମୟ ଦରକାର। କିନ୍ତୁ ତୁରନ୍ତ ଆଲୋଚନା ପାଇଁ ବିରୋଧୀଙ୍କ ଦାବି ଗ୍ରହଣଯୋଗ୍ୟ ନୁହେଁ। ଆଲୋଚନା କେବେ ହେବ ଏବଂ କେତେ ସମୟ ପାଇଁ ହେବ, ତାହା କେବଳ ଗୃହ ପରିଚାଳନା କମିଟି ସ୍ଥିର କରିବ। ଗୃହରେ ଆହୁରି ଅନେକ ପ୍ରସଙ୍ଗ ରହିଥିବାରୁ ତୁରନ୍ତ ଏସ୍ଆଇଆର୍ ଉପରେ ଆଲୋଚନା ହୋଇପାରିବ ନାହିଁ ବୋଲି ରୋକଠୋକ୍ ଜଣାଇଦେଇଥିଲେ। ମନ୍ତ୍ରୀଙ୍କର ଏଭଳି ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଦଳ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ।



### ଆଲୋଚନା ପାଇଁ ସରକାର ରାଜି, କିନ୍ତୁ ବିରୋଧୀଙ୍କ ସର୍ତ୍ତରେ ନୁହେଁ: ମନ୍ତ୍ରୀ

ବାଚସ୍ପତି ଓମ୍ ବିର୍ଲାଙ୍କ ତାଗିଦ ସତ୍ତ୍ୱେ ଲୋକସଭାରେ ବିରୋଧୀ ସଭ୍ୟମାନେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ଜିଦ୍ ଧରିଥିଲେ। ଫଳରେ ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପୁଣି ୨ଟା ପର୍ଯ୍ୟନ୍ତ ଏବଂ ଶେଷରେ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି। ତେବେ ଏହି ସମୟ ମଧ୍ୟରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ତିନିଟି ବିଲ୍ ଆଗତ କରିଥିଲେ। ୨ଟା ପରେ ମଧ୍ୟ ହଟ୍ଟଗୋଳ ଜାରି ରହିବାରୁ ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି।

ରାଜ୍ୟସଭାରେ ମଧ୍ୟ ଏସ୍ଆଇଆର୍ ପ୍ରସଙ୍ଗରେ ହଟ୍ଟଗୋଳ ହୋଇଥିଲା। ତେ।।ବେ ଗୃହ ପ୍ରଥମେ ନବନିର୍ବାଚିତ ଉପରାଷ୍ଟ୍ରପତି ତଥା ଗୃହର ନୂଆ ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ ସବୁ ଦଳର ସଭ୍ୟମାନେ ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ଦିନକୁ ଐତିହାସିକ ବୋଲି କହିଥିଲେ। ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ▶ପୃଷ୍ଠା-୭

## ‘ସକାଳ’ର ୫ମ ସ୍ୱନକ୍ଷତ୍ର ଦିବସ

# ୫ ସହରରେ ମିନି ମାରାଥନ୍: ଦୌଡ଼ିଲା ଓଡ଼ିଶା


■ ଭୁବନେଶ୍ୱର, ୧।୧୨ (ସମିସ): ‘ସକାଳ’ର ୫ମ ସ୍ୱନକ୍ଷତ୍ର ଅବସରରେ ରାଜଧାନୀ ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା, ସମ୍ବଲପୁର ଓ ଜୟପୁର ଆଦି ୫ଟି ସ୍ଥାନରେ ଅନୁଷ୍ଠିତ ହୋଇଛି ମିନି ମାରାଥନ। ସକାଳ ୬ଟାରେ ରାଜ୍ୟର ୫ ସହରରେ ଏକ ସମୟରେ ଆରମ୍ଭ ହୋଇଥିବା ମିନି ମାରାଥନରେ ବିଭିନ୍ନ ବର୍ଗର ହଜାର ହଜାର ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି। ଭୁବନେଶ୍ୱରରେ ଶିଶୁଭବନ ଛକରୁ ଆରମ୍ଭ ହୋଇଥିବା ମିନି ମାରାଥନ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନିକଟସ୍ଥ ଏକାମ୍ର ହାଟରେ ଶେଷ ହୋଇଛି। ପ୍ରଥମ ଓଡ଼ିଆ ମହିଳା ଗ୍ରାଣ୍ଡ ମାଷ୍ଟର କିରଣ ମନିଷା ମହାନ୍ତି, ପ୍ରଥମ ଓଡ଼ିଆ ବିଶ୍ୱ ଚେସ୍ ଚାମ୍ପିଅନ୍ ପଦ୍ମିନୀ ରାଉତ, ଓଲିଉଡ ଅଭିନେତ୍ରୀ ପୁନମ୍ ମିଶ୍ର, ଅଭିନେତ୍ରୀ ଦେବଯାନୀ, ହିରୋ ମୋଟୋ କର୍ପ ଏରିଆ ମ୍ୟାନେଜର ଉଜ୍ଜ୍ୱଳ କୋହଲି ପ୍ରମୁଖ ପତାକା ହଲାଇ ମିନି ମାରାଥନକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ର ଉଦ୍ୟମକୁ ବେଶ୍ ପ୍ରଶଂସା କରିଥିଲେ। ୫ବର୍ଷ ପୂର୍ବରୁ ଜନ୍ମ ନେଇଥିବା ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ନିଚ୍ଛକ ଖବର ପ୍ରସାରଣ କରି କିଭଳି ଘରେ ଘରେ ପରିଚିତ ହୋଇପାରିଛି ଓ ▶ପୃଷ୍ଠା-୭




## ବାରବାଟୀ ଟି-୨୦ ଆଉ ୭ ଦିନ

# ୪୫ ମିନିଟରେ ସରିଗଲା ଅନ୍‌ଲାଇନ୍ ଟିକଟ

■ କଟକ, ୧।୧୨ (ସମିସ): ବାରବାଟୀ ଟି-୨୦କୁ ଆଉ ୭ଦି ବାକି ଥିବାବେଳେ ସୋମବାରଠାରୁ ଟିକଟ୍ ବିକ୍ରି ଆରମ୍ଭ ହୋଇଛି। ୪୫ ମିନିଟରେ ୨ହଜାର ଅନଲାଇନ ଟିକଟ ବୁକିଂ ହୋଇଗଲା। ଆଜି ଦିନ ଠିକ୍ ୨ଟାରେ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ୍‌ରେ ଟିକଟ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ କିଛି କ୍ଷଣରେ ଗ୍ୟାଲେରୀ ଟିକଟଗୁଡିକ ବୁକିଂ ଶେଷ ହୋଇଯାଇଥିଲା। ଏସି ବକ୍ସ, ସ୍ପେଶିଆଲ ଏନକ୍ଲୋଜର ଭଳି ଦାମୀ ଟିକଟ ଗୁଡିକ ବିଳମ୍ବରେ ସରିଥିଲା। ତେବେ ଗତ ମ୍ୟାଚ୍ ତୁଳନାରେ ଚଳିତଥର ଅନଲାଇନ୍‌ରେ କମ୍ ସଂଖ୍ୟକ ଟିକଟ ଆଶାୟୀ ଆପ୍ଲିକେସନ୍ ହିଟ୍ କରିଥିବା ଦେଖିବାକୁ ମିଳିଥିଲା। ଏଥର ମାତ୍ର ୨ହଜାର ଟିକଟ ଅନଲାଇନ୍ ▶ପୃଷ୍ଠା-୭



### ୩ରେ ଟିକଟ କିଣିବେ ଅନୁବନ୍ଧିତ ୟୁନିଟ୍

### ୫ରେ ଖୋଲିବ ୫ଟି କାଉଣ୍ଟର; ମହିଳାଙ୍କ ନିମନ୍ତେ ଦୁଇଟି

# ଡିଜିଟାଲ ଆରେଷ୍ଟ ମାମଲାର ତଦନ୍ତ କରିବ ସିବିଆଇ

## ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ‘ଡିଜିଟାଲ ଆରେଷ୍ଟ’କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଦ୍ରୁତ ଗତିରେ ବଢୁଥିବା ଏଭଳି ସାଇବର କ୍ରାଇମ ଉଦବେଗଜନକ ସ୍ଥିତି ସୃଷ୍ଟି କରିଥିବାରୁ ଏହାର ତଦନ୍ତ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯାଞ୍ଚରେ ସିବିଆଇକୁ ସହଯୋଗ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଠକେଇରେ ବ୍ୟାଙ୍କରମାନଙ୍କ ଭୂମିକାର ମଧ୍ୟ ଯାଞ୍ଚ କରାଯିବ। ପ୍ରଥମ ଥର ପାଇଁ ସିବିଆଇ ଏଭଳି ମାମଲାର ଯାଞ୍ଚ କରିବାକୁ ଯାଉଛି। ଏଥିପାଇଁ କେନ୍ଦ୍ରୀୟ ଏଜେନ୍ସିକୁ ଅଖଣ୍ଡ କ୍ଷମତା ଦିଆଯାଇଛି। ଡିଜିଟାଲ ଆରେଷ୍ଟ ସମ୍ବନ୍ଧିତ ମାମଲାରେ ବ୍ୟାଙ୍କ ଅଧିକାରୀଙ୍କୁ ଜେରା ଏବଂ ଫୋନ ତଥ୍ୟ ▶ପୃଷ୍ଠା-୭

## ଯୋଜନା ବ୍ୟୟ ନୈରାଶ୍ୟଜନକ

# ୭ ମାସରେ ୩୯% ଖର୍ଚ୍ଚ

■ ଭୁବନେଶ୍ୱର, ୧।୧୨ (ସମିସ): ରାଜ୍ୟରେ ବିତ୍ତୀୟ ପରିଚାଳନାରେ ଦୁର୍ବଳତାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ବିଶେଷକରି ବଜେଟ ଅର୍ଥ ଖର୍ଚ୍ଚକୁ ନେଇ ସରକାରଙ୍କ ଉପରେ ପ୍ରଶ୍ନବାଚୀ ଉଠୁଥିବା ବେଳେ ଆଜି ଗୃହରେ ଏକ ତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖିଥିବା ତଥ୍ୟ ରାଜ୍ୟର ଅର୍ଥନୀତିଜ୍ଞମାନଙ୍କୁ ନିରାଶ କରିଛି। ଗତ ୭ ମାସ ମଧ୍ୟରେ ଆର୍ଥିକ ବ୍ୟୟ ମାତ୍ର ୩୯% ରହିଥିବା ଓ ଆଗାମୀ ଦିନଗୁଡ଼ିକରେ ଯୋଜନା ବ୍ୟୟ ବୃଦ୍ଧି ପାଇବ ବୋଲି ଉଲ୍ଲେଖ କରି ଗତବର୍ଷ ତୁଳନାରେ ଚଳିତ ବର୍ଷ ଏହି ସମୟରେ ଅଧିକ ୩ ପ୍ରତିଶତ ବ୍ୟୟ ହୋଇଥିବା ଶ୍ରୀ ହରିଚନ୍ଦନ କହିଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟକୁ କଟୁ ସମାଲୋଚନା ସହ କ୍ଷୋଭ ପ୍ରକାଶ କରିଛନ୍ତି। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର କେଇମାସ ବାକିଥିବା ବେଳେ ବଜେଟ ବରାଦ ପୂର୍ଣ୍ଣ ଖର୍ଚ୍ଚ ହୋଇ ନ ପାରିବା ଆଶଙ୍କା ସୃଷ୍ଟି କରିଛି। ୨୦୨୫-୨୬ ଆର୍ଥିକ ବର୍ଷର ମାସ ୭ ମାସରେ ବଜେଟ ଅର୍ଥ ବ୍ୟୟ ମାତ୍ର ୩୯ ପ୍ରତିଶତ ମଧ୍ୟରେ ରହିବାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଆର୍ଥିକ ବର୍ଷ ସରିବାକୁ ହାତରେ ମାତ୍ର ଆଉ ୫ ମାସ ସମୟ ଥିବା ବେଳେ ଆଉ ମାତ୍ର ୧୫ରୁ ୨୦ ପ୍ରତିଶତ ବ୍ୟୟ ସମ୍ଭାବନା ରହିଛି, ତେଣୁ ଡବଲ ଇଞ୍ଜିନ ଓଡ଼ିଶାରେ କାମ କରୁଛି ତ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

### ■ ଆର୍ଥିକ ପ୍ରଦର୍ଶନକୁ ନେଇ ବିରୋଧୀଙ୍କ କ୍ଷୋଭ

### ■ ୫ ମାସରେ ବ୍ୟୟ ହେବ ବଳକା ଅର୍ଥ: ମନ୍ତ୍ରୀ

ସୋମବାର ପ୍ରଶ୍ନକାଳ ଆରମ୍ଭରେ ବଜେଟ ଅର୍ଥ ଖର୍ଚ୍ଚରେ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ବିଜେଡିର ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ। ସେ ▶ପୃଷ୍ଠା-୭



ଦୁଇ ରାଜପଥର ସଂଯୋଗସ୍ଥଳରେ ରାସ୍ତାରୋକ

ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା ଅବରୋଧ

## ସମ୍ବଲପୁରରେ ଧାନକିଣା ଅବ୍ୟବସ୍ଥା

# ଅର୍ଥନୈତିକ ଅବରୋଧ କଲେ ଚାଷୀ

■ ସମ୍ବଲପୁର, ୧।୧୨ (ସମିସ): ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ଏଯାଏଁ ଆରମ୍ଭ ହୋଇପାରିନାହିଁ। ଚଳିତବର୍ଷ ଆଗୁଆ ମୌସୁମୀ ଯୋଗୁଁ ଭଲ ଅମଳ ହୋଇଛି। ଅକ୍ଟୋବରରୁ ଚାଷୀ ଅମଳ ଆରମ୍ଭ କଲାଣି। କ୍ଷେତ ଓ ଖଳାରେ ଧାନ ଜମା ହୋଇଛି। କିନ୍ତୁ ଧାର୍ଯ୍ୟ ଦିନକୁ ୪ ଦିନ ବିତିଯାଇଥିଲେ ହେଁ ଏଯାଏଁ ଧାନ କିଣା ହୋଇନାହିଁ। ଏହାକୁ ନେଇ ଚାଷୀର ରୋଷ ସୀମା ଲଂଘିଛି। ଆଜି ଦିନ ୧୧ଟାରେ ଶହଶହ ସଂଖ୍ୟାରେ ଚାଷୀ ସକାଳ ୧୧ଟାରେ ଜାତୀୟ ରାଜପଥ-୫୩ ଓ ଜାତୀୟ ରାଜପଥ-୫୫ର ସଂଯୋଗସ୍ଥଳ ସିନ୍ଦୂରପଙ୍କ ତୁମ୍ଭେସିଂହା ଛକରେ ଅର୍ଥନୈତିକ ଅବରୋଧ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଟ୍ରକ୍ ଅଟକି ରହିଥିଲା। ଗୋଟିଏପଟେ ରେମେଡ୍ ଛକ ଓ ▶ପୃଷ୍ଠା-୭

## ଶତାୟୁ ଡାକ୍ତରାଣୀ ଲକ୍ଷ୍ମୀବାଇଙ୍କ ମହାନତା

# ଭୁବନେଶ୍ୱର ଏମ୍ସକୁ ଦେଲେ ୩.୪୦ କୋଟି

■ ବ୍ରହ୍ମପୁର, ୧।୧୨ (ସମିସ): ବ୍ରହ୍ମପୁରର ଖ୍ୟାତନାମା ତଥା ଅବସରପ୍ରାପ୍ତ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଲକ୍ଷ୍ମୀବାଇ ନିଜର ଜୀବନବ୍ୟାପୀ ସଞ୍ଚିତ ଅର୍ଥ ୩ କୋଟି ୪୦ ଲକ୍ଷ ଟଙ୍କାକୁ ଭୁବନେଶ୍ୱର ଏମ୍‌ସକୁ ଦାନ କରିଛନ୍ତି। ଏହି ଅର୍ଥ କର୍କଟ ରୋଗୀଙ୍କ ଉପଶମ ଉଦ୍ଦେଶ୍ୟରେ ବିନିଯୋଗ କରାଯିବାରୁ ସେ ଆଗ୍ରହ କରିଛନ୍ତି। ୧୦୦ ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ସେ ଏଭଳି ନିଆରା ପଦକ୍ଷେପ ନେଇଥିବା ବେଳେ ସବୁ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଛି।

ଆସନ୍ତା ୫ ତାରିଖରେ ଶହେବର୍ଷରେ ପଦାର୍ପଣ କରିବେ ପ୍ରଫେସର୍ ଡା. ଲକ୍ଷ୍ମୀ ବାଇ। ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ଜୀବନବ୍ୟାପୀ ସଞ୍ଚିତ ପୁଞ୍ଜିକୁ ସେ ସ୍ୱାସ୍ଥ୍ୟସେବାର ବିକାଶ କ୍ଷେତ୍ରରେ ବିନିଯୋଗ କରିବା ପାଇଁ ମନସ୍ଥ କରିଛନ୍ତି। ଚଳିତ ବର୍ଷ ଏପ୍ରିଲ ୨୧ତାରିଖରେ ସେ ଜୀବନଯାକର ଜମା ପୁଞ୍ଜିକୁ ଏମ୍ସ ବ୍ୟାଙ୍କ ଏକାଉଣ୍ଟକୁ ପ୍ରଦାନ କରିଛନ୍ତି। ଭାବାନଗରସ୍ଥିତ ନିଜ ଘରକୁ ବିକ୍ରି କରି ରୋଗୀଙ୍କୁ ଉଚ୍ଚତର ସେବା ଯୋଗାଇବା ଆଶାରେ ଏହି ଅର୍ଥକୁ ସେ ଦାନ କରିଥିବା କହିଛନ୍ତି।



### ମହିଳାଙ୍କ କର୍କଟ ରୋଗ ଓ ଯତ୍ନ କେନ୍ଦ୍ର ପ୍ରତିଷ୍ଠାରେ ହେବ ବିନିଯୋଗ

ପ୍ରଫେସର୍ ଲକ୍ଷ୍ମୀବାଇ କଟକ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବ୍ୟାଚ୍ ଏମବିବିଏସ୍ ଛାତ୍ରୀ। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଅବସର ଗ୍ରହଣ ପରେ ସେ ସ୍ଥାନୀୟ ଭାବାନଗରସ୍ଥିତ ନିଜ ବାସଭବନରେ ରହୁଛନ୍ତି। ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିନିଯୋଗ ପାଇଁ ଦାନ କରି ସେ ଅତ୍ୟନ୍ତ ଖୁସି ଥିବା କହିଛନ୍ତି। ଟଙ୍କା ପଇସା ପଛରେ ନଦୌଡ଼ି ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ସେ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ଡାକ୍ତର ଲକ୍ଷ୍ମୀବାଇ ଅବସର ପରେ ସ୍ୱାମୀ ଚିନ୍ମୟାନନ୍ଦ ମିଶନର ସଦସ୍ୟା ଭାବେ ଦୀକ୍ଷା ଗ୍ରହଣ କରିଛନ୍ତି। ଡାକ୍ତର ଲକ୍ଷ୍ମୀବାଇଙ୍କ ଛାତ୍ରୀ ତଥା ଜଣାଶୁଣା ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ପ୍ରଫେସର ଡା. ▶ପୃଷ୍ଠା-୭




## ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା

# ବରିଷ୍ଠରେ ଶାଶ୍ୱତୀ, କନିଷ୍ଠରେ ଶୁଭମ୍ ପ୍ରଥମ

■ ମାଗଣା ଯୋଜନା ଲକ୍ଷ୍ୟଚ୍ୟୁତ, ଭୋଟସର୍ବସ୍ୱ
■ ପରିବେଶ ଓ ବିକାଶ ମଧ୍ୟରେ ସନ୍ତୁଳନ ଅତ୍ୟନ୍ତ ଜରୁରୀ

ଭୁବନେଶ୍ୱର, ୧।୧୨(ସମିସ): ମାଗଣା ଯୋଜନା ସମାଜର ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଏକ ଅନିବାର୍ଯ୍ୟ ଆବଶ୍ୟକତା; ମାତ୍ର ବର୍ତ୍ତମାନ ସମୟରେ ଏହା ଲକ୍ଷ୍ୟଚ୍ୟୁତ ଓ ଭୋଟ ସର୍ବସ୍ୱ ହୋଇଛି । ଯାହାଦ୍ୱାରା ଦେଶର ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇଛି। ଋଣ କରି ଘିଅ ଖାଇବା ପରି ମାଗଣା ଯୋଜନା ଦେଶବାସୀ ଆର୍ଥିକ ଅସନ୍ତୁଳନର ପ୍ରମୁଖ କାରଣ ହୋଇଛି ଏବଂ ଋଣ ଭାର ବୃଦ୍ଧି ବିକାଶକୁ ବାଧାପ୍ରାପ୍ତ କରୁଛି । ସେହିପରି ପରିବେଶ ଓ ବିକାଶ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ଏବଂ ଏହା ମଧ୍ୟରେ ସନ୍ତୁଳନ ଅତ୍ୟନ୍ତ ଜରୁରୀ। ଗୋଟିଏ ପାଇଁ ଅନ୍ୟଟିକୁ ବଳି ଦିଆଯିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ, ତେଣୁ ବିକାଶ ପାଇଁ ପରିବେଶର ସତର୍କ ସଂରକ୍ଷଣ ଅତ୍ୟନ୍ତ ଜରୁରୀ ବୋଲି 'ସକାଳ' ୫ମ ସ୍ୱନକ୍ଷତ୍ର ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ବିଚାରକ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

କନିଷ୍ଠ ବର୍ଗରେ 'ପରିବେଶ ଠାରୁ ବିକାଶକୁ ଅଧିକ ଗୁରୁତ୍ୱ ଦେବା ଉଚିତ୍ କି' ଶୀର୍ଷକ ବିତର୍କ ପ୍ରତିଯୋଗିତାରେ ବିଚାରକ ଭାବେ ଶୈଳବାଳା ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ନିରଞ୍ଜନ ପ୍ରସାଦ ରଥ, ଫକିରମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମଣୀନ୍ଦ୍ର ମେହେର, ଅବସରପ୍ରାପ୍ତ ପ୍ରଫେସର ଓ ଭୂତତ୍ତ୍ୱବିତ୍ ଡ. ଜେନାମଣି ସଞ୍ଜୀବ କୁମାର ଯୋଗଦେଇ ମୂଲ୍ୟାୟନ କରିଛନ୍ତି। ସେହିପରି ବରିଷ୍ଠ ବର୍ଗ ନିମନ୍ତେ 'ଦେଶର ଅଭିବୃଦ୍ଧିରେ ବାଧକ କି ମାଗଣା ଯୋଜନା' ଶୀର୍ଷକ ବିତର୍କ ପ୍ରତିଯୋଗିତାରେ ବିଚାରକ ଅତିଥି ରୂପେ ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥୀ, ପଠାଣିସାମନ୍ତ ପ୍ଲାନେଟୋରିଅମ୍‌ର ପ୍ରାକ୍ତନ ନିର୍ଦ୍ଦେଶକ ବୈଜ୍ଞାନିକ ଶୁଭେନ୍ଦୁ ପଟ୍ଟନାୟକ, ପ୍ରଫେସର ଡ଼. ମଣୀନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଆଇଆର୍‌ଏସ୍ ଅଧିକାରୀ ତଥା ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଏହି ଅବସରରେ ଉପସ୍ଥିତ ଥିଲେ।

କନିଷ୍ଠ ବର୍ଗରେ ଯଥାକ୍ରମେ ପ୍ରଥମ ତିନିଟି ସ୍ଥାନ ଅଧିକାର କରିଥିବା ଫୁଲବାଣୀ ପବ୍ଲିକ୍ ସ୍କୁଲ୍‌ର ସାଇ ଶୁଭମ ମହାନ୍ତି ,ଢେଙ୍କାନାଳସ୍ଥିତ ପିଏମ୍‌ଶ୍ରୀ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ସୁଶ୍ରୀ ସାଗରିକା ସ୍ୱାଇଁ ଓ କଟକସ୍ଥିତ ପ୍ରଥମ ରେଭେନ୍ସା କଲେଜିଏଟ୍ ସ୍କୁଲ୍‌ର ସିଦ୍ଧାନ୍ତ କୁମାର ସାହୁଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁରୂପ ଭାବରେ ବରିଷ୍ଠ ବର୍ଗରେ ତିନି ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶନୀ, ନୟାଗଡ଼ ରାଜ ସୁନାଖଳା ଡିଆଇଇଟିର ଛାତ୍ର ସାଗର ବେହେରା ଓ କଳାହାଣ୍ଡି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆର୍ଯ୍ୟ ନାୟକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ବିତର୍କ ପ୍ରତିଯେଗୀତାର ପ୍ରାୟୋଜକ ତଥା ଭାରତ ମସଲା ପରିଚାଳନା ନିର୍ଦ୍ଦେଶକ ସୁକାନ୍ତ କୁମାର ପଣ୍ଡା ଓ ବିନାୟକ କନ୍‌ସେପ୍ଟ ସ୍କୁଲ୍ ନିର୍ଦ୍ଦେଶକ ତଥା ଅଧକ୍ଷ ସଞ୍ଜୟ ରାଜଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସକାଳର ସିଇଓ ସୁବ୍ରତ ଦାସ ଓ କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ସକାଳ ପରିବାରର ଦିଗଦର୍ଶକ ଡ଼. ଉମାକାନ୍ତ ମିଶ୍ର ଛାତ୍ରଛାତ୍ରୀ ଓ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ବିଭାଗରେ 'ସକାଳ'ର ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ ଓ କନିଷ୍ଠ ବର୍ଗରେ ବରିଷ୍ଠ ସହ-ସମ୍ପାଦକ ସଞ୍ଜୟ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଫିଚର୍ ବିଭାଗ ବରିଷ୍ଠ ସହ ସମ୍ପାଦକ ସୁଶୀଲ କୁମାର ବାଗ୍ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ 'ସକାଳ'ର ବ୍ୟୁରୋ ମୁଖ୍ୟ ରଞ୍ଜିତ ମହାନ୍ତି, ବିଜ୍ଞାପନ ମୁଖ୍ୟ ନରୋତ୍ତମ ଗୁରୁଙ୍କ ସହ ଦିଲ୍ଲୀପ ମହାପାତ୍ର, ଅଭିଷେକ ସାହୁ ପ୍ରସାର ବିଭାଗର ପ୍ରିୟବ୍ରତ ଦାସ, ସୁଧାଂଶୁ ସାହୁ, ଚନ୍ଦନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।












## ବ୍ୟାପକ ହେଲା ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ

# ଡାକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଲେ 'ହ୍ୱାଇଟ୍ କୋର୍ଟ'



ବ୍ରହ୍ମପୁର, ୧।୧୨(ସମିସ): ୮ ଦଫା ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆୟୁଷ ଡାକ୍ତର ଛାତ୍ରଛାତ୍ରୀ। ଆନ୍ଦୋଳନର ୮ମ ଦିନରେ ଅର୍ଥାତ୍ ରବିବାରଠାରୁ ଅହୋରାତ୍ର ଆନ୍ଦୋଳନ କରି ସଂଘର୍ଷକୁ ବ୍ୟାପକ କରାଯାଇଛି। ଆୟୁଷ ଡାକ୍ତରଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରିବା ସହ ଚରମ ଅବହେଳା ପ୍ରଦର୍ଶନ କରୁଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ନେଇ ବାରମ୍ବାର ଦିଆଯାଇଥିବା ପ୍ରତିଶ୍ରୁତି ପରବର୍ତ୍ତୀ ସମୟରେ ପ୍ରତାରଣା ପାଲଟିଛି। ଏଣୁ, ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ କଡା ଚେତାବନୀ ଦେଇଛନ୍ତି ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀ। ଏହି କ୍ରମରେ ସ୍ଥାନୀୟ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନିଆରା ଢଙ୍ଗରେ ଆନ୍ଦୋଳନ କରି ପ୍ରତିବାଦ କରାଯାଇଛି। ଛାତ୍ରଛାତ୍ରୀମାନେ ସେମାନଙ୍କ ଦାବି ସହ ସରକାର ବିରୋଧୀ ପ୍ଲାକାର୍ଡ ଧରି କଲେଜରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ପୁରୁଣା ବସଷ୍ଟାଣ୍ଡସ୍ଥିତ ମୁଖ୍ୟ ଡାକଘର ନିକଟରେ ରାସ୍ତାରେ ବସି ପ୍ରତିବାଦ କରିଥିଲେ। ସେଠାରେ ଡାକ୍ତରୀ ଛାତ୍ରଛାତ୍ରୀମାନେ ନିଜେ ପରିଧାନ କରିଥିବା ହ୍ୱାଇଟ କୋର୍ଟ ବା ଧଳା ଆପ୍ରନକୁ ବାହାର କରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉଦ୍ଦେଶ୍ୟରେ ଡାକ ଯୋଗେ ଲୋକସେବା ଭବନକୁ ପଠାଇଛନ୍ତି। ଆନ୍ଦୋଳନକାରୀଙ୍କ ଏଭଳି ନିଆରା ପ୍ରତିବାଦ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଭକ୍ତଙ୍କ ଉପରେ ଦର୍ଶନ ଟିକଟ ବୋଝ

■ ଟଙ୍କା ଦେଲେ ମିଳୁଛି ପବିତ୍ର ଓ ଧାର୍ମିକସ୍ଥଳୀରେ ଦର୍ଶନ
■ ଗୁଣ୍ଡିଚା ମନ୍ଦିର ଖୋଲିଲେ ଦେବାକୁ ପଡ଼ିବ ୧୦ ଟଙ୍କା

ପୁରୀ, ୧।୧୨(ସମିସ): ଶ୍ରୀମନ୍ଦିର ପରିସର ଏବଂ ମନ୍ଦିର ବାହାରେ ଏକାଧିକ ପବିତ୍ର ପୀଠ ବା ସ୍ଥାନ ରହିଛି। ଏଗୁଡ଼ିକ ମଧ୍ୟରେ ରୋଷଘର, କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ, ନରେନ୍ଦ୍ର ପୁଷ୍କରିଣୀ ଅନ୍ୟତମ। ଏ ସବୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ରହିଛି। ସେହିପରି ଶ୍ରୀକ୍ଷେତ୍ରର ବେଢ଼ି ହନୁମାନ, ଲକ୍ଷ୍ମୀଙ୍କ ବାପଘର ତଥା ଚକ୍ର ନୃସିଂହ ମନ୍ଦିର ଭଳି ଏକାଧିକ ଧାର୍ମିକସ୍ଥଳୀ ରହିଛି। ଯେଉଁଠିକୁ ମହାପ୍ରଭୁଙ୍କୁ ପ୍ରତିଦିନ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଅଧିକାଂଶ ଏହିସବୁ ସ୍ଥାନକୁ ବୁଲି ଯାଆନ୍ତି। ଆସ୍ଥା ଓ ବିଶ୍ୱାସର ଏହି ପବିତ୍ର ତଥା ଧାର୍ମିକସ୍ଥଳୀକୁ ଯିବା ପାଇଁ ଭକ୍ତଙ୍କୁ ଟଙ୍କା ଗଣିବାକୁ ପଡୁଛି। ଏବେ ପୁଣି ଗୁଣ୍ଡିଚା ମନ୍ଦିର ଖୋଲିଲେ ସେଥିପାଇଁ ବି ଦର୍ଶନ ଦେୟ ୧୦ ଟଙ୍କା ରହିବ ବୋଲି ଘୋଷଣା କରାଯାଇଛି। ଏହାକୁ ନାପସନ୍ଦ କରିଛନ୍ତି ଶ୍ରଦ୍ଧାଳୁ। ଶ୍ରୀମନ୍ଦିର ପାଇଁ ସରକାର ୫୦୦ କୋଟି ଟଙ୍କାର କର୍ପସ୍ ଫଣ୍ଡ ଏବଂ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ ଲାଗି ଚିନ୍ତା କରୁଥିବା ବେଳେ ଦର୍ଶନ ଟିକଟ୍ ବୋଝ କାହିଁକି ଲଦି ଦିଆଯାଉଛି, ତାହା ଶ୍ରଦ୍ଧାଳୁଙ୍କୁ ଆଶ୍ଚର୍ଯ୍ୟ କରିଛି।

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ମନ୍ଦିର ପରିସର (କୋଇଲି ବୈକୁଣ୍ଠ, ରୋଷଘର, ରୋହିଣୀକୁଣ୍ଡ, ନୀଳାଚଳ ଉପବନ ଇତ୍ୟାଦି) ବିଭିନ୍ନ ପବିତ୍ର ସ୍ଥାନ ବୁଲିଥା'ନ୍ତି। ସେହିପରି ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ମନ୍ଦିର ବାହାରେ ମଧ୍ୟ ଏକାଧିକ ପବିତ୍ର ପୀଠ(ଯେପରିକି ନରେନ୍ଦ୍ର ପୁଷ୍କରିଣୀ, ଶ୍ରୀଗୁଣ୍ଡିଚା ମନ୍ଦିର) ରହିଛି। ମହାପ୍ରଭୁଙ୍କ ଦର୍ଶନ ପରେ ଅଧିକାଂଶ ଶ୍ରଦ୍ଧାଳୁ ଏସବୁ ବୁଲି ଏହାର ମାହାତ୍ମ୍ୟ ଏବଂ ଇତିହାସ ସମ୍ପର୍କରେ ଅନେକ ତଥ୍ୟ ଜାଣିଥା'ନ୍ତି। ହେଲେ ଶ୍ରୀମନ୍ଦିର ପ୍ରଶାସନ ରୋଷଘର, ଲୁଣପତ୍ର, କୋଇଲି ବୈକୁଣ୍ଠ, ନରେନ୍ଦ୍ର ସଂକଳ୍ପ ଏବଂ ନୀଳାଚଳ ଉପବନକୁ ନିଲାମରେ ଦେଇଛି। ଫଳରେ ଏହିସବୁ ଜାଗା ବୁଲିବା ପାଇଁ ଚାହୁଁଥିବା ଭକ୍ତଙ୍କୁ ପ୍ରତ୍ୟେକ ସ୍ଥାନ ପାଇଁ ୧୦ ଟଙ୍କା ଲେଖାଏଁ ଦେବାକୁ ପଡୁଛି। କେବଳ ଏତିକି ନୁହେଁ, ଶ୍ରୀକ୍ଷେତ୍ରର ବେଢ଼ି ହନୁମାନ ମନ୍ଦିର, ଲକ୍ଷ୍ମୀଙ୍କ ବାପଘର ତଥା ଚକ୍ରନୃସିଂହ ମନ୍ଦିର ଭଳି ଏମିତି କିଛି ଦେବସ୍ଥଳୀ ରହିଛି, ଯେଉଁଠିକୁ ବୁଲିଗଲେ ଟଙ୍କା ଦେବାକୁ ପଡୁଛି। ଯଦିଓ ଏହି ଦେୟ ବଡ଼ଧରଣର ନୁହେଁ, କିନ୍ତୁ ଅନେକ ସମୟରେ ଏହାକୁ ନେଇ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଏବେ ଗୁଣ୍ଡିଚା ମନ୍ଦିରକୁ ନେଇ ଚର୍ଚ୍ଚା, ଆଲୋଚନା ଚାଲିଛି। ଦୀର୍ଘ ୬ବର୍ଷ ଧରି ଭକ୍ତଙ୍କ ପାଇଁ ବନ୍ଦ ରହିଛି ମହାପ୍ରଭୁଙ୍କ ଜନ୍ମବେଦୀ। କୋଭିଡ୍ କଟକଣା ପରଠାରୁ ଶ୍ରଦ୍ଧାଳୁଙ୍କୁ ଗୁଣ୍ଡିଚା ମନ୍ଦିର ଭିତରକୁ ଛଡ଼ାଯାଉ ନଥିବା ବେଳେ ଏହାକୁ ଖୋଲିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ତେବେ ନିକଟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଗୁଣ୍ଡିଚା ମନ୍ଦିର ଖୋଲିବା ଉପରେ ନିଷ୍ପତ୍ତି ନିଆଗଲା। ଡିସେମ୍ବର ୧ରୁ ଖୋଲାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ ଗଣମାଧ୍ୟମ ସମ୍ମୁଖରେ ଘୋଷଣା କଲେ। ହେଲେ ଏହି ଘୋଷଣାର ଦିନକ ପରେ ପୁଣି ମନ୍ଦିର ଖୋଲିବାକୁ ସାମୟିକ ଭାବେ ସ୍ଥଗିତ ରଖାଗଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଗଲା। ଏଭଳି ନିଷ୍ପତ୍ତିକୁ ନେଇ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ଏବେ ଗୁଣ୍ଡିଚା ମନ୍ଦିର ଦର୍ଶନ ଦେୟକୁ ମଧ୍ୟ ବିରୋଧ କରାଯାଉଛି।

ଗୁଣ୍ଡିଚା ମନ୍ଦିର ଦର୍ଶନ ପାଇଁ ଦେୟ ୧୦ଟଙ୍କା ରହିବ। କିନ୍ତୁ ୫ ବର୍ଷରୁ କମ୍, ୮୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କୌଣସି ଟିକଟ୍ ପଡ଼ିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ଘୋଷଣା କରିଛନ୍ତି। ହେଲେ ଏହାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ। ଏହାକୁ ପ୍ରତ୍ୟାହାର ଦାବିରେ ଭଏସ୍ ଅଫ୍ କମନ୍‌ମ୍ୟାନ୍‌ର ମୁଖ୍ୟ ହେକ୍ଟର ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। କୌଣସି ଦେବାଳୟରେ ଦର୍ଶନ ଶୁଳ୍କ ନେବାର ପ୍ରଥା ନ ଥିଲା। ଏହାକୁ ଗୁଣ୍ଡିଚା ମନ୍ଦିରରେ ଲାଗୁ କରିବା ମନ୍ଦିର ସଂସ୍କୃତିକୁ ବ୍ୟାପାରୀକରଣ କରିବାର ଗନ୍ଧ ବାରି ହୋଇପଡୁଛି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି।

# ସରକାର ଆଣିଲେ ଓଡ଼ିଶା ଜନ ବିଶ୍ୱାସ ବିଲ୍

ଭୁବନେଶ୍ୱର,୧।୧୨(ସମିସ): ସୋମବାର ଅପରାହ୍ଣରେ ରାଜ୍ୟ ସରକାର ବିଧାନସଭାରେ ୨ଟି ବିଲ୍ ଆଣିଛନ୍ତି। ଓଡ଼ିଶା ଜନ ବିଶ୍ୱାସ ବିଲ୍-୨୦୨୫ ସମେତ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍-୨୦୨୫ ବିଧାନସଭାରେ ଉପସ୍ଥାପନ ହୋଇଛି। ଉପସ୍ଥାପନ ପରେ ବିଲ୍ ଉପରେ ଆଲୋଚନା ପାଇଁ ସମୟ ନିର୍ଘଣ୍ଟ କରିବାକୁ ୨ଟି ବିଲ୍‌କୁ କାର୍ଯ୍ୟ ପରାମର୍ଶଦାତ୍ତା କମିଟିକୁ ପଠାଇ ଦିଆଯାଇଛି। ଓଡ଼ିଶା ଜନବିଶ୍ୱାସ ବିଲକୁ ଗୃହରେ ଉପସ୍ଥାପନ କରି ଶିଳ୍ପମ ନ୍ତ୍ରୀ ସମ୍ପଦ ସ୍ୱାଇଁ ଗୃହରେ କହିଛନ୍ତି ଯେ ଏହି ବିଲ୍‌ରେ ୯ ଟି ବିଭାଗର ରାଜ୍ୟର ୧୬ଟି ଆଇନରୁ ପ୍ରସଙ୍ଗ ରହିଛି। ଅପରାଧମୁକ୍ତ ଏବଂ ଯୁକ୍ତିଯୁକ୍ତ ବ୍ୟବସ୍ଥା ପାଇଁ କିଛି ଆଇନ୍‌ରେ ସଂଶୋଧନ ଆଣିବାକୁ ଏହି ବିଲ୍ ଆସିଛି। ଏହି ବିଲ୍‌କୁ ନେଇ ଆପତ୍ତି କରିଛନ୍ତି ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଶ୍ରୀ ସ୍ୱାଇଁ କହିଛନ୍ତି ଏହି ବିଲ୍‌ରେ ଜୁଆ ଖେଳକୁ ପ୍ରୋତ୍ସାହିତ କଲା ଭଳି ବ୍ୟବସ୍ଥା ରହିଛି। ସେହିପରି, ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍-୨୦୨୫ ଉପସ୍ଥାପନ କରି ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ୨୦ଜଣ କର୍ମଚାରୀ ପର୍ଯ୍ୟନ୍ତ ନିଯୁକ୍ତି ଦେଇଥିବା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ, ୧୯୫୬ର ପ୍ରୟୋଗରୁ ବାଦ୍ ଦିଆଯିବ। ଏହାସହ ସର୍ବାଧିକ ଦୈନିକ କାର୍ଯ୍ୟ ଘଣ୍ଟା ୧୦ ଘଣ୍ଟାକୁ ବୃଦ୍ଧି କରିବା ସହ ଓଭରଟାଇମ୍ ସମୟକୁ ୧୪ ଘଣ୍ଟାକୁ ବୃଦ୍ଧି କରିବା ଭଳି ବ୍ୟବସ୍ଥା ରହିଛି। ଓଭରଟାଇମ୍ ସହ ସାପ୍ତାହିକ ଛୁଟି ଓ ମହିଳାଙ୍କୁ ରାତିରେ କାମରେ ନିୟୋଜିତ ଭଳି ପ୍ରସଙ୍ଗକୁ ବିଧାୟକ ଶ୍ରୀ ସ୍ୱାଇଁ ସମାଲୋଚନା କରିଛନ୍ତି।



ସୋମବାର ନବୀନ ନିବାସରେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି

## ଏନ୍‌ଆରଟିଏସ୍ ପରୀକ୍ଷା ଫଳ ପ୍ରକାଶିତ

କଟକ, ୧।୧୨ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି(ଏନ୍‌ଆର୍‌ଟିଏସ୍) ପରୀକ୍ଷା-୨୦୨୫ର ଫଳ ଆଜି ପ୍ରକାଶ ପାଇଛି। ବୋର୍ଡ ୱେବସାଇଟରେ ପରୀକ୍ଷାର୍ଥୀମାନଙ୍କ ଫଳ ଉପଲବ୍ଧ ହୋଇଥିବା ଜଣାପଡ଼ିଛି। ଏନ୍‌ଆରଟିଏସ୍ ପରୀକ୍ଷା ରାଜ୍ୟର ମୋଟ ୩୫୫ଟି କେନ୍ଦ୍ରରେ ଗତ ସେପ୍ଟେମ୍ବର୨୫ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୩୮୧୦ଜଣ ପରୀକ୍ଷାର୍ଥୀ ଅବତୀର୍ଣ୍ଣ ହୋଇଥିବା ବେଳେ ୧୨୦୧ଜଣ ଅନୁପସ୍ଥିତ ରହିଥିଲେ।

### ଜଳ ପ୍ରତିରୋଧ ଓ ପ୍ରଦୂଷଣ ନିୟନ୍ତ୍ରଣ ସଂଶୋଧନ ଆଇନ ୨୦୨୪

# ବିରୋଧୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ବିଲ୍ ପାରିତ

ଭୁବନେଶ୍ୱର,୧।୧୨(ସମିସ): ଗତ ୨୦୨୪ ମସିହା ଫେବୃଆରୀ ୧୫ ତାରିଖରେ କେନ୍ଦ୍ର ସରକାର ଜଳ (ପ୍ରତିରୋଧ ଓ ପ୍ରଦୂଷଣ ନିୟନ୍ତ୍ରଣ) ସଂଶୋଧନ ଆଇନ୍, ୨୦୨୪ର ବିଜ୍ଞପିତ କରିଛନ୍ତି। ଏହି ସଂଶୋଧନ ପରେ ଓଡ଼ିଶାରେ ଏହାକୁ ଲାଗୁ କରିବା ପାଇଁ ରାଜ୍ୟ ସରକାର ଏହି ସଂଶୋଧନ ପ୍ରସ୍ତାବକୁ ସଂକଳ୍ପ ଆକାରରେ ସୋମବାର ଗୃହରେ ଆଗତ କରିଥିବା ବେଳେ ଏହା ପାରିତ ହୋଇଛି। ଏହି ସଂକଳ୍ପ ପାରିତ ପୂର୍ବରୁ ସଂଶୋଧନ ପ୍ରସ୍ତାବରେ ରହିଥିବା ବିଭିନ୍ନ ଦିଗକୁ ନେଇ ବିରୋଧୀ ବିଜେଡି, କଂଗ୍ରେସ ଓ ଶାସକ ବିଜେପି ମଧ୍ୟରେ ଘମାଘୋଟ୍ ବିତର୍କ ହୋଇଛି।

ଏହି ସଂକଳ୍ପ ବିରୋଧରେ ନିଜର ପକ୍ଷ ରଖି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ଏହି ସଂକଳ୍ପ ପାରିତ ହେବା ପରେ ରାଜ୍ୟ ସରକାରଙ୍କ କ୍ଷମତା ବହୁମାତ୍ରାରେ ସଂକୁଚିତ ହେବା ସହ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ହିଁ ରାଜ୍ୟ ଉପରେ ଲଦି ଦିଆଯିବ। ଏହାସହିତ ଏହି ସଂକଳ୍ପରେ ପୂର୍ବରୁ ପ୍ରଦୂଷଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ପାଇଁ ଫୌଜଦାରୀ ମାମଲା ସହ ଜେଲ୍ ଦଣ୍ଡାଦେଶ ବ୍ୟବସ୍ଥା ରହିଥିଲା; ମାତ୍ର ଏହି ବ୍ୟବସ୍ଥାକୁ ଉଚ୍ଛେଦ କରି ଖିଲାପକାରୀଙ୍କ ପାଇଁ କେବଳ ଜରିମାନା ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ଏଣିକି ପ୍ରଦୂଷଣ କ୍ଷେତ୍ରରେ ଶିଳ୍ପ ସଂସ୍ଥାମାନଙ୍କର ଆଦୌ ଭୟ ରହିବ ନାହିଁ ବୋଲି ଶ୍ରୀ ସ୍ୱାଇଁ ନିଜ ଯୁକ୍ତିରେ ଦର୍ଶାଇଛନ୍ତି। ତେଣୁ ଏହାକୁ ଲୋକଙ୍କ ମତାମତ ଲୋଡ଼ିବା ପାଇଁ ପଠାଇବାକୁ ସେ ପ୍ରସ୍ତାବ ଦେଇଛନ୍ତି।

**ସଂଶୋଧିତ ଆଇନରେ ଜେଲ୍ ବଦଳରେ ଜରିମାନା ବ୍ୟବସ୍ଥା**

ସେହିପରି ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ ସାରା ଦେଶରେ ୧୧ ପ୍ରତିଶତ ପାଣି ଓଡ଼ିଶାରେ ରହିଛି। ଏହି ସଂକଳ୍ପ ଦ୍ୱାରା ସବୁ ପାଣି କେନ୍ଦ୍ର ହାତକୁ ଚାଲିଯିବ। ଏହି ସଂକଳ୍ପ ଲାଗୁ ଦ୍ୱାରା କେନ୍ଦ୍ର ସରକାର ଚାହିଁଲେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିଷ୍ପତ୍ତିକୁ ମାନି ନ ପାରନ୍ତି। ଏହାସହିତ ଯଦି କୌଣସି ସଂସ୍ଥା ଆବଶ୍ୟକ ଅନୁମତି ନ ନେଇ ଶିଳ୍ପ କରିନ୍ତି, ତେବେ ସେମାନଙ୍କୁ ମାତ୍ର ୧୫ ଲକ୍ଷ ଜରିମାନା ଦେବାକୁ ହେବ। ସେହିପିର ଏହି ନିୟମ ସବୁ ସଂସ୍ଥାଙ୍କ ପାଇଁ ମଧ୍ୟ ଲାଗୁ ହେବ ନାହିଁ ବୋଲି ଏଥିରେ ବ୍ୟବସ୍ଥା ରହିଛି, ଯାହାକି ଗ୍ରହଣୀୟ ନୁହେଁ। ଏହି ବିଲ୍‌କୁ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ନିଜ ନିଜ ରାଜ୍ୟରେ ଲାଗୁ କରି ନ ଥିବା ବେଳେ ଓଡ଼ିଶାରେ କାହିଁକି ଏହାକୁ ଲାଗୁ କରିବାକୁ ସରକାର ତରତର ହେଉଛନ୍ତି, ତାକୁ ନେଇ ଶ୍ରୀ ଦେବ ପ୍ରଶ୍ନ କରିଛନ୍ତି।

ସେହିପରି ବିଧାୟକ ଅରବିନ୍ଦ ମହାପାତ୍ର ବଡ଼ ସଂସ୍ଥାଙ୍କ ପାଇଁ ୧୫ ଲକ୍ଷ ଜରିମାନା ଝାଲ୍‌ମୁଢ଼ି ସଦୃଶ କହି ସମାଲୋଚନା କରିଥିଲେ।

କଂଗ୍ରେସ ପକ୍ଷରୁ ବିଧାୟକ ସିଏସ୍ ରାଜନ ଏକ୍କା ସଂକଳ୍ପକୁ ବିରୋଧ କରି ରାଜ୍ୟର ନଦୀଗୁଡ଼ିକ ସ୍ଥିତି ଅତି ଖରାପ ଥିବା କହିବା ସହ ଜେଲ୍ ଦଣ୍ଡ ବଦଳରେ ଜରିମାନା ବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିଛନ୍ତି। ଏହାସହିତ ନୂତନ ଆଇନ୍‌ରେ ଜଣେ ନ୍ୟାୟ ନିର୍ଣ୍ଣୟ ଅଧିକାରୀ ନିଯୁକ୍ତି ନେଇ ବ୍ୟବସ୍ଥା ହୋଇଥିବା ବେଳେ ଜଣେ ସଚିବ ସ୍ତରର ଅଧିକାରୀ ଏହି କାର୍ଯ୍ୟ କରିବେ। ତେଣୁ କୋର୍ଟ ପରିବର୍ତ୍ତେ ତାଙ୍କ ନିଷ୍ପତ୍ତି ସରକାରଙ୍କ ସପକ୍ଷରେ ଯିବ ବୋଲି ଦର୍ଶାଇ ଶ୍ରୀ ଏକ୍କା କହି ବିଲ୍‌କୁ ବିରୋଧ କରିଛନ୍ତି।

ବିଲ୍ ସପକ୍ଷରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ଏହାଦ୍ୱାରା ବର୍ଷ ବର୍ଷ ଧରି କୋର୍ଟରେ ପଡ଼ି ରହିଥିବା ମାମଲାର ସମାଧାନ ହେବ। ବର୍ତ୍ତମାନ ଏ ସମ୍ପର୍କିତ ୧୭୩୭ ମାମଲା କୋର୍ଟରେ ରହିଥିବା ବେଳେ ଏଥିମଧ୍ୟରୁ ମାତ୍ର ୩୧୯ଟିରେ ଦଣ୍ଡ ବିଧାନ କରାଯାଇଛି। ଏହି ସଂକଳ୍ପ ଦ୍ୱାରା କୋର୍ଟକୁ ଦୌଡୁଥିବା ସଂସ୍ଥାମାନେ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ କକ୍ଷ ତ୍ୟାଗ କରିଥିବା ବେଳେ ସଂକଳ୍ପଟି ପାରିତ ହୋଇଛି।

### କୋଣାର୍କ ଉତ୍ସବ ଉଦ୍‌ଘାଟିତ

# ଦର୍ଶକଙ୍କ ମନ ମୋହିଲା ଓଡ଼ିଶୀ ଓ ଭାରତନାଟ୍ୟମ୍

କୋଣାର୍କ, ୧।୧୨(ସମିସ): ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଆନୁକୂଲ୍ୟରେ ସୋମବାର କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ପାଞ୍ଚଦିନିଆ ୩୬ତମ କୋଣାର୍କ ଉତ୍ସବ ଓ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି।

ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ବାଲୁକା କଳା ଉତ୍ସବରେ ସ୍ପେନ୍, ରୁଷିଆ, ଜାପାନ, ପର୍ତ୍ତୁଗାଲ ଓ ଶ୍ରୀଲଙ୍କାରୁ ୫ଜଣ ବାଲୁକା ଶିଳ୍ପୀଙ୍କ ସମେତ ଭାରତର ୧୩୧ଜଣ ବାଲୁକା ଶିଳ୍ପୀ ୪୫ଟି ଷ୍ଟଲ୍‌ରେ ବାଲୁକା କଳା ପ୍ରଦର୍ଶନ କରିଛନ୍ତି। ଏଥିସହ ଦର୍ଶକଙ୍କ ମନମୁଗ୍ଧ କରିଥିଲା ଓଡ଼ିଶୀ ଓ ଭାରତନାଟ୍ୟମ୍। କୋଣାର୍କ ଉତ୍ସବର ପ୍ରଥମ ସନ୍ଧ୍ୟାର ପ୍ରଥମ ଉପସ୍ଥାପନରେ ଥିଲା ସୋନାଲି ମହାପାତ୍ରଙ୍କ ନୃତ୍ୟ ଅନୁଷ୍ଠାନ ନୃତ୍ୟ ଉପାସନା ପୀଠର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ। ସେମାନଙ୍କ ପ୍ରଥମ ପ୍ରସ୍ତୁତିରେ ଥିଲା ସନ୍ଥ ତୁଳସୀ ଦାସଙ୍କ ଦ୍ୱାରା ରଚିତ ହନୁମାନ ଚାଳୀସା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଅଭିରାମ ନନ୍ଦ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ସୋନାଲି ମହାପାତ୍ର। ସେମାନଙ୍କ ଦ୍ୱିତୀୟ ପ୍ରସ୍ତୁତିରେ ଥିଲା ସାରଙ୍ଗ ପଲ୍ଲବୀ। ଏହାର ନୃତ୍ୟ ସଂରଚନା କରିଛନ୍ତି ଗୁରୁ ସୋନାଲି ମହାପାତ୍ର ଏବଂ ସଙ୍ଗୀତ ଓ ତାଳ ସଂଯୋଜନା କରିଛନ୍ତି ନିର୍ମଳ କୁମାର ମହାପାତ୍ର। ଶେଷରେ ନୃତ୍ୟ ଉପାସନା ପୀଠର ଶିଳ୍ପୀମାନଙ୍କ ପ୍ରସ୍ତୁତିରେ ଥିଲା ଚାରି ଯୁଗ ଦେବୀ। ଏଥିରେ ଦେବୀ ଦୁର୍ଗାଙ୍କ ଦିବ୍ୟ ଶକ୍ତିକୁ ବର୍ଣ୍ଣନା କରଯାଇଥିଲା। ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମକୁ ମଞ୍ଚରେ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲ୍ଲମ୍। ପରିଚାଳନରେ ସହଯୋଗ କରିଥିଲେ ଡ. ସଂଗୀତା ଗୋସାଇଁ। ଉତ୍ସବ ପରିଚାଳନା କରିଥିଲେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ।


**ଚନ୍ଦ୍ରଭାଗା ବେଳାଭୂମିରେ ୧୩୧ଜଣ ଶିଳ୍ପୀଙ୍କ ବାଲୁକା କଳା ପ୍ରଦର୍ଶିତ**



କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## ରାଜ ଭବନ ହେଲା 'ଲୋକ ଭବନ'

ଭୁବନେଶ୍ୱର,୧।୧୨(ସମିସ): ବଦଳିଲା ରାଜଭବନର ନାମ। ଆନୁଷ୍ଠାନିକ ଭାବେ 'ରାଜ ଭବନ'ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଥିବା ସୋମବାର ରାଜ ଭବନ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ୨୦୨୪ ମସିହାରେ ରାଜ୍ୟପାଳମାନଙ୍କ ସମ୍ମିଳନୀ ସମୟରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜ ଭବନଗୁଡ଼ିକର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ 'ଲୋକ ଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ ଅଟେ। 'ଲୋକ ଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବା ସହ ସମସ୍ତଙ୍କ ସୁଗମତା ଉପରେ ଧ୍ୟାନ ଦେବ।




# ଅଟୋ ଚାଳକଙ୍କୁ ମାଡ଼ମାରି ଗିରଫ

ସାକ୍ଷୀଗୋପାଳ,୧।୧୨(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ମଝିକେରା ଗ୍ରାମର ଅଟୋ ଚାଳକ ପ୍ରସନ୍ନ କୁମାର ସେଠୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଅଟୋ ଭାଙ୍ଗିଦେବା ଅଭିଯୋଗରେ ସେହି ଗ୍ରାମର ବିରଞ୍ଚି ନାରାୟଣ ବରାଳଙ୍କୁ ସତ୍ୟବାଦୀ ପୁଲିସ ଗିରଫ କରି ପୁରୀ କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ଜେଲ୍‌କୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ପୂର୍ବ ଯୋଜନା ମୁତାବକ ବିରଞ୍ଚି ନାରାୟଣ ବରାଳ ଅଟୋ ଚାଳକ ପ୍ରସନ୍ନ କୁମାର ସେଠୀଙ୍କ ଅଟୋ ଭଡ଼ା ନେଇଥିଲେ। ଅଟୋରେ ଯିବା ସମୟରେ ନିକଟବର୍ତ୍ତୀ ଭୀମଦାସପୁର ଗାଁ ନିକଟରେ ହଠାତ୍ ଅଟୋ ଅଟକାଇ ଚାଳକ ଶ୍ରୀ ସେଠୀଙ୍କୁ ନିସ୍ଥୁକ ମାଡ଼ମାରି ଅଚେତ କରି ଛାଡ଼ି ପଳାଇଥିଲେ। ପାଖ ପଡ଼ୋଶୀ ଲୋକେ ଅଟୋ ଚାଳକ ଶ୍ରୀ ସେଠୀଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ତାଙ୍କ ଘରେ ପହଞ୍ଚାଇଥିଲେ। ପରିବାର ଲୋକେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ପ୍ରସନ୍ନଙ୍କ ସାନଭାଇ ପ୍ରଦିପ୍ତ ସେଠୀଙ୍କ ଅଭିଯୋଗ ଆଧାରରେ ସତ୍ୟବାଦୀ ପୁଲିସ ୪୨୧/୨୫ରେ ଏକ ମାମଲା ରୁଜୁ କରିଥିବାବେଳେ ସବ୍‌ଇନ୍ସପେକ୍ଟର ସୁକାନ୍ତି ମୁର୍ମୁ ତଦନ୍ତ କରୁଥିବା ଜଣାପଡ଼ିଛି।

# ବାଲିଦଣ୍ଡା ଶାସନ ଛକରେ ମଦ, ଗଞ୍ଜେଇ ଅବାଧ କାରବାର

ନୟାହାଟ,୧।୧୨(ସମିସ): ଗ୍ରାମାଞ୍ଚଳରେ ମଦ ଓ ଗଞ୍ଜେଇ ଅବାଧରେ କାରବାର ହେଉଥିଲେ ମଧ୍ୟ ଅବକାରୀ ବିଭାଗ ସବୁ ଜାଣି ସେମାନଙ୍କୁ ନ ଧରିବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଗ୍ରାମାଞ୍ଚଳରେ ଯୁବପିଢ଼ି ନିଶା ପ୍ରତି ଆସକ୍ତି ହେଉଥିବାବେଳେ କମ୍ ବୟସର ପିଲା ଗଞ୍ଜେଇ, ମଦ ଖାଇବା ଦ୍ୱାରା ଗାଁ ଗହଳିରେ ଛୋଟମୋଟ ଚୋରି ମଧ୍ୟ ବୃଦ୍ଧି ପାଉଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ବାଲିଦଣ୍ଡା ଓ ଶାସନ ଛକରେ କେତେକ ଦୋକାନୀ ଖୁଲମ୍‌ଖୁଲା ନକଲି ବିଦେଶୀ ଓ ଦେଶୀ ମଦ ଅବାଧ କାରବାର କରୁଛନ୍ତି। ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ କେତେବେଳେ କେମିତି ଚଢ଼ଉ ହେଉଥିଲେ ମଧ୍ୟ ନିଶା କାରବାର କମିବାର ନାଁ ଧରୁନି। ନିଶା ଖାଉଥିବା ବ୍ୟକ୍ତିମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଯୋଗୁଁ ଝିଅ-ବୋହୂମାନେ ସନ୍ଧ୍ୟାରେ ବଜାର ଘାଟକୁ ଯିବା ଆସିବା କରିବା ନିଜକୁ ନିରାପଦ ମଣୁନାହାନ୍ତି। ଛୋଟ ପିଲା ଆଉ ଯୁବଗୋଷ୍ଠୀ ମଦ, ଗଞ୍ଜେଇ ସେବନ କରିବା ପାଇଁ ଆକୃଷ୍ଟ ହେଉଥିବାବେଳେ ସମାଜ ପ୍ରତି କୁପ୍ରଭାବ ପଡୁଛି। ମଦ, ଗଞ୍ଜେଇ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରା ନ ଯିବା ଫଳରେ ଚୋରା ମଦ, ଗଞ୍ଜେଇ ଛକମାନଙ୍କରେ ବିକ୍ରି ବଢ଼ି ଚାଲିଛି। ଅବକାରୀ ବିଭାଗ ଛତ୍ରଛାୟା ତଳେ ନିଶା ବେପାରୀ ରହୁଥିବାରୁ ନିର୍ଭୟରେ କାରବାର ଚଳାଇଛନ୍ତି। ଏ ଦିଗରେ ପୁରୀ ଅବକାରୀ ଏସ୍‌ପିଙ୍କୁ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ବାସଭବନର ପୁନଃଉଦ୍ଧାର ଦାବି

ଡେଲାଙ୍ଗ/ସାକ୍ଷୀଗୋପାଳ, ୧।୧୨ (ସମିସ): ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ନୂଆ ସୋମେସରପୁର ଶାସନରେ ଉତ୍କଳ ରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ କରାଯାଇଛି। ଏଥିରେ ଶ୍ରୀ ମିଶ୍ରଙ୍କ ଭଗ୍ନ ବାସଭବନର ପୁନଃଉଦ୍ଧାର ସହିତ ନୂଆ ସୋମେସର ପୁରକୁ ଏକ ଐତିହ୍ୟ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା ପାଇଁ ସ୍ଥିର କରାଯାଇଥିଲା। ଉତ୍କଳ ରତ୍ନ ଶ୍ରୀ ମିଶ୍ରଙ୍କ ସ୍ମୃତିସ୍ଥାନ ପ୍ରତି ଅବହେଳା ହେଉଥିବାରୁ ଟ୍ରଷ୍ଟ ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ କରାଯାଇଥିଲା। ତାଙ୍କ ପୀଠ ସମ୍ପର୍କରେ ଜନସଚେତନତା ପାଇଁ ଅନେକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ଲକ୍ଷ୍ମୀଚରଣ ପାଢ଼ୀ, ଡ. ସୁରେଶ ଚନ୍ଦ୍ର ମିଶ୍ର, ସୂର୍ଯ୍ୟ କୁମାର ମିଶ୍ର, ତ୍ରିନାଥ ଲେଙ୍କା, ସୁଦର୍ଶନ ପ୍ରଧାନ, ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



# ବିଶ୍ୱ ଏଡ୍‌ସ ଦିବସ ଓ ସଚେତନତା କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୧।୧୨(ସମିସ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ ଯୁବ ରେଡ୍‌କ୍ରସ୍ ଆନୁକୂଲ୍ୟରେ ଅନୁଷ୍ଠାନର ସଭାଗୃହରେ ବିଶ୍ୱ ଏଡ୍‌ସ ଦିବସ ପରିପ୍ରେକ୍ଷୀରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରଫେସର ଚନ୍ଦ୍ରଶେଖର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଧନୁର୍ଦ୍ଧର ମୁଦୁଲି ଏଡ୍‌ସର କାରଣ ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ଅଲଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ଦେବାଶିଷ ନାୟକ ଯୋଗଦେଇ ଏଡ୍‌ସ ମହାମାରୀର ଯୁବ ସମାଜ ଉପରେ ପ୍ରଭାବ ଓ ତା'ର କୁପରିଣାମ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁବ ରେଡ୍‌କ୍ରସର ଉପଦେଷ୍ଟା ପ୍ରଫେସର ସ୍ୱର୍ଣ୍ଣଲତା ମାହାରୀ ପରିଚାଳନା କରିଥିଲେ। ପ୍ରଫେସର ଜିତେନ୍ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



**ଚାରିଛକ :** ସୋମବାର ବିଶ୍ୱ ଏଡ୍‌ସ ଦିବସ ଅବସରରେ ଚାରିଛକସ୍ଥିତ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏଡ୍‌ସ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଅନସୂୟା ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ସେମାନଙ୍କ କଲେଜ ପରିସରରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଚାରିଛକ ବଜାର ଓ ମେଡିକାଲ ଛକ ପରିକ୍ରମା କରିବା ସହ ହାତରେ ପ୍ଲାକାର୍ଡ ଧରି 'ଭାଇ-ଭଉଣୀ ଶପଥ ନେବା ଏଡ୍‌ସ ରୋଗକୁ ଦୂରେଇ ଦେବା', 'ଏଡ୍‌ସ ଏକ ମାରାତ୍ମକ ରୋଗ ତାକୁ ଦୂରେଇବା ଆମର ଦାୟିତ୍ୱ', 'ଏଡ୍‌ସ ଦିବସ ଆମେ ପାଳିବା' ଆଦି ସ୍ଲୋଗାନ୍ ଦେଇ ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ଏହି ଶୋଭାଯାତ୍ରାରେ ଇନ୍‌ଷ୍ଟିଚ୍ୟୁଟ୍ ଚେୟାରମ୍ୟାନ ସୁବାସ ଚନ୍ଦ୍ର ଦାସ, ନର୍ସିଂ କଲେଜ ଅଧ୍ୟକ୍ଷ ଅଜୟ କୁମାର ମହାନ୍ତି, ସମ୍ପାଦକ ନିରଞ୍ଜନ ଦାସ, ସମାଜସେବୀ ସନାତନ ପାତ୍ରଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

**କଣାସ:** କଣାସ ସ୍ନାତକ ମହାବିଦ୍ୟାଳୟ ପରିସରରେ ସୋମବାର ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ୟାସୀ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଏକ ଏଡ୍‌ସ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଣାସ ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚିକିତ୍ସାଧିକାରୀ ଡ. ବିଶ୍ୱରଞ୍ଜନ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମ୍ପ୍ରତି ସମାଜରେ ବ୍ୟକ୍ତିଗତ ବିଶୃଙ୍ଖଳା ଯେ ପ୍ରତ୍ୟକ୍ଷ ଭାବରେ ବ୍ୟକ୍ତିକୁ ଏବଂ ପରୋକ୍ଷ ଭାବରେ ସମାଜକୁ କ୍ଷତି ପହଞ୍ଚାଉଛି, ଏହି ତତ୍ତ୍ୱକୁ ଅତ୍ୟନ୍ତ ସୁନ୍ଦର ଭାବରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଡ. ଗୁରୁ ପ୍ରସାଦ ମହାପାତ୍ର, ମହାବିଦ୍ୟାଳୟର ରେଡ୍‌କ୍ରସ ଉପଦେଷ୍ଟା ବିଶ୍ୱଜିତ ପଣ୍ଡା, ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦୀକ୍ଷିତ, ସ୍ନେହାଞ୍ଜଳି ପତି, ସଞ୍ଚିତା ମହାପାତ୍ର, ସୁଲୋଚନା ରାଉତ, ପାୟଲ ମହାନ୍ତି, ବିଜୟ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଦ୍ୟାଳୟ ସମୂହ କ୍ରିକେଟ୍ ପ୍ରତିଯୋଗିତା: କାକଟପୁର ବ୍ଲକ୍ ଚାମ୍ପିଅନ



କାକଟପୁର,୧।୧୨(ସମିସ): ପୁରୀ ଜିଲ୍ଲା ସ୍କୁଲଠାରେ ଜିଲ୍ଲା ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବାଳକ ବିଭାଗର କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ମହେନ୍ଦ୍ର ବିଶ୍ୱାଳ ଯୋଗଦେଇଥିବା ବେଳେ ଫାଇନାଲ ମ୍ୟାଚ୍ କାକଟପୁର ବ୍ଲକ୍ ଏବଂ କୃଷ୍ଣପ୍ରସାଦ ବ୍ଲକ୍ ମଧ୍ୟରେ ହୋଇଥିଲା। ଏହି ପ୍ରତିଯୋଗିତାରେ ୧୧ଟି ବ୍ଲକ୍‌ରୁ ୧୭୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃଷ୍ଣପ୍ରସାଦ ବ୍ଲକ୍‌କୁ ହରାଇ କାକଟପୁର ବ୍ଲକ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସୂଚନାନୁସାରେ, ଏହି ପ୍ରତିଯୋଗିତାରୁ ଚୟନ ହୋଇଥିବା ଖେଳାଳିମାନେ ଜଗତସିଂହପୁରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାକୁ କାକଟପୁର ବ୍ଲକ୍ କ୍ରୀଡ଼ା ସମ୍ପାଦକ ଓମ୍ ପ୍ରକାଶ ସେଠୀ, ମୁଖ୍ୟ ପ୍ରଶିକ୍ଷକ ସୁରଜ ସ୍ୱାଇଁ, ରାଜ କିଶୋର ନାୟକ, ସୁଧାଂଶୁ ମୋହନ ବିଶ୍ୱାଳ, ମାନସ ବିଶ୍ୱାଳ, ଦୁଷ୍ମନ୍ତ ବିଶ୍ୱାଳ, ଗୀତାଂଶୁ ସ୍ୱାଇଁ, ଜ୍ଞାନ ରଞ୍ଜନ ମିଶ୍ର, ସନତ ପ୍ରଧାନ ପ୍ରମୁଖ ଶିକ୍ଷକ କ୍ରୀଡ଼ାବିତ୍‌ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ସହିତ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ କାକଟପୁର ବ୍ଲକ୍ ପକ୍ଷରୁ ଅଧିନାୟକ ରୋନକ ବରାଳ, ପ୍ରଭଞ୍ଜନ ସିଂ ଉଚ୍ଚକୋଟିର ମ୍ୟାଚ୍ ଖେଳି ବ୍ଲକ୍ ପାଇଁ ଗୌରବ ଆଣିଥିଲେ। ଶେଷରେ ସମସ୍ତ ଶିକ୍ଷକ ଏବଂ କ୍ରୀଡ଼ାବିତ୍ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କୁ ଦର୍ଶନ କରିବା ପରେ କାକଟପୁର ବ୍ଲକ୍ ଶିକ୍ଷାଧିକାରୀ ରବିନ୍ଦ୍ରନାଥ ନନ୍ଦଙ୍କୁ ବିଜୟ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବିଜେପି ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ, କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ କ୍ରୀଡ଼ାବିତ୍‌ଙ୍କୁ ପ୍ରଶଂସା କରିବା ସହିତ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ବ୍ରହ୍ମଗିରି,୧।୧୨(ସମିସ): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତୋରଣର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆମ୍ବପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଜାତା ନାୟକ, ସମ୍ମାନିତ ଅତିଥି ଭାବେ ବାମୁଣ୍ଡି ଭାଗବତ ଟୁଙ୍ଗିର ସଭାପତି ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଯୋଗଦେଇ ଭଲ ମଣିଷ ହେବାକୁ ହେଲେ ସଂସ୍କାର ଦରକାର। ସଂସ୍କାରୀ ମଣିଷ ହେଲେ ସମାଜ ସଂସ୍କାରୀ ହେବ ବୋଲି ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଦେବ ପ୍ରସାଦ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ବାସନ୍ତି ମଲ୍ଲିକ, ଆଶୁତୋଷ କୁଣ୍ଡୁ, ସଭାପତି ମିଟୁ ଭୋଇ ଏବଂ ସମାଜସେବୀ ରାଜେଶ ନାୟକ ଉପସ୍ଥିତ ଥିଲେ। ଶେଷରେ ବାମୁଣ୍ଡି ଭାଗବତ ଟୁଙ୍ଗି ପକ୍ଷରୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ହନୁମାନ ଚାଳିଶା ବଣ୍ଟନ କରାଯାଇଥିଲା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସାକ୍ଷୀଗୋପାଳ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା

ସାକ୍ଷୀଗୋପାଳ,୧।୧୨(ସମିସ): ସୋମବାର ପୂର୍ବାହ୍ଣ ୯ଟାରେ ସତ୍ୟବାଦୀ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ତଥା ବାଲ୍ ବିଜ୍ଞାନ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାକ୍ଷୀଗୋପାଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ମୁଖ୍ୟତଃ ୭ ବିଭାଗରେ ୧୩୫ଟି ପ୍ରକଳ୍ପକୁ ବିଦ୍ୟାର୍ଥୀମାନେ ପ୍ରଦର୍ଶିତ କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସିଦ୍ଧେଶ୍ୱରୀ ପୂଜାରୀ, ଚଉଦବାଟିଆ (ୟୁଜିୟୁପି) ବିଦ୍ୟାଳୟର ଆୟୁଷ ନାରାୟଣ ପରିଡ଼ା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସାଇ ଆଦିତ୍ୟ ପ୍ରଧାନ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପାରକେଣାର ଅଞ୍ଜଳି ମିଶ୍ର, ବରାଳ (ୟୁଜିୟୁପି) ବିଦ୍ୟାଳୟର ଆଦ୍ୟାସ୍ମିତା ମହାପାତ୍ର, ପୁରୁଣା ବୁଢ଼ାକେରା ବିଦ୍ୟାଳୟର ଛାତ୍ରୀ ରୁପାଲୀ ବାରିକଙ୍କ ପ୍ରକଳ୍ପଗୁଡିକ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଛି। ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ ଶିକ୍ଷକ ଶିବରାମ ମିଶ୍ର, ତ୍ରିଲୋଚନ ବେହେରା ଓ ପ୍ରଦୀପ୍ତ କୁମାର ସ୍ୱାଇଁ। ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ବ୍ଲକ୍ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ମୁଖ୍ୟବକ୍ତା କୃଷିବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ସୂର୍ଯ୍ୟନାରାୟଣ ମିଶ୍ର ଯୋଗଦେଇଥିଲେ। ସେହିପରି ଅପରାହ୍ଣରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜୟପୁର ସମିତିସଭ୍ୟ ଦୀପକ ଶତପଥୀ, ବିଡିଓ ଦେବାଶିଷ ନାୟକ, ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର କରଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ କର, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳର ପ୍ରଧାନଶିକ୍ଷୟିତ୍ରୀ ଅମିତା ସେନାପତି, ଗୋପୀନାଥ ଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।


# ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା

କଣାସ,୧।୧୨(ସମିସ): କଣାସ ବ୍ଲକ୍ ପଟଯୋଶିପୁର ଗ୍ରାମର ଯୁବଜ୍ୟୋତି ସେବା ପ୍ରତିଷ୍ଠାନ ପରିସରରେ ରବିବାର ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକୁ ପଞ୍ଚାୟତର ଶତାଧିକ ମହିଳା ଶିଶୁ ଯୋଗଦେଇଥିଲେ। ମହିଳାମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ ତଥା କିଶୋରୀ ବାଳିକା ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ସର୍ବୋପରି ଜନସଂଖ୍ୟା ହ୍ରାସ, ଶିଶୁ ଓ ମାତୃ ମୃତ୍ୟୁହାର କିପରି ରୋକାଯାଇ ପାରିବ ତାହା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଉପସ୍ଥିତ ମହିଳାମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ଓ ମହିଳାମାନଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାରେ ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ଜଗଦେବ, ସମ୍ପାଦକ ଦୁର୍ଗାଶଙ୍କର ମହାପାତ୍ର, ଲିଙ୍ଗରାଜ ମିଶ୍ର, ରାମଚନ୍ଦ୍ର ସ୍ୱାଇଁ, ଦେବଦତ୍ତ ମିଶ୍ର, ଦିବାକର ମିଶ୍ର, ପ୍ରିୟରଞ୍ଜନ ନନ୍ଦ, ସବିତା ମହାପାତ୍ର, ମମତା ମହାପାତ୍ର, ତାରାଶଙ୍କର ମହାପାତ୍ର, ସୁକାନ୍ତ ମହାପାତ୍ର, ରମାରଞ୍ଜନ ମହାପାତ୍ର ସେମାନଙ୍କର ସୁଚିନ୍ତିତ ମତାମତ ରଖିଥିଲେ। ୱାର୍ଡମେମ୍ବର ସସ୍ମିତା ଦାସ, ଅଙ୍ଗନବାଡ଼ି କର୍ମୀ କଳ୍ପନା ପତି, ଆଶାକର୍ମୀ ଦେବପ୍ରଭା ପଣ୍ଡା ସକ୍ରିୟ ସହଯୋଗ କରିଥିଲେ। ଶେଷରେ ମହିଳାମାନଙ୍କୁ ସ୍ୱାସ୍ଥ୍ୟ ଉପକରଣ, ଛୋଟ ପିଲାମାନଙ୍କୁ ଶିକ୍ଷା ଉପକରଣ ପ୍ରଦାନ କରାଯାଇଥିଲା।



PINGALAKHI PUBLIC WELFARE ORGANISATION
NIMAPARA, PURI, ODISHA-752114

Services offered -
- Halfway Home for the Persons with Mentally ill
- Niladri Nilaya Rehabilitation Center for the Beggars with Physical and Intellectual Disabled.
- Rehabilitative and Therapeutic Center fot the Children's/Persons with Intellectual Disabled.
- Center for Children with Autism
- Sakhi Niwas (Working Women Hostel)
- Ratnakar Dash Higher Secondary School for the Persons with Visual Disabilities.
- Ekalavya Shiksha Kendra (Inclusive School)
- Pingalakhi College of Special Education
- Special School for Cerebral Palsy
- Physiotherapy, Speech Therapy and Occupational Therapy.
- Public Library























### ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନର ସଚେତନତା ଶୋଭାଯାତ୍ରା

# ଏଡ୍‌ସଠାରୁ ଦୂରେଇବା ପାଇଁ ବାର୍ତ୍ତା ଦେଲେ ଛାତ୍ରଛାତ୍ରୀ

ପୁରୀ,୧ା୧୨(ସମିସ): ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନର ଛାତ୍ରଛାତ୍ରୀ ଓ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବିଶ୍ୱ ଏଡ୍‌ସ ଦିବସ ଅବସରରେ ସୋମବାର ଏକ ସଚେତନତା ଶୋଭାଯାତ୍ରା ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ସଚେତନତା ଯାତ୍ରାକୁ ଉଦ୍‌ଘାଟନ କରିବା ସହ ଏଡ୍‌ସ ଭଳି ମାରାତ୍ମକ ବିଶ୍ୱ ବ୍ୟାଧିକୁ କିଭଳି ପ୍ରତିହତ କରିହେବ ସେ




ବିଷୟରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ବାବୁଲା ବେହେରା ଏଥିରେ ପୌରୋହିତ୍ୟ କରି ସ୍ୱାସ୍ଥ୍ୟ ସଚେତନତା ଦ୍ୱାରା ଏଚ୍‌ଆଇଭି ଭୂତାଣୁ ସଂକ୍ରମଣ ଓ ଏଡ୍‌ସକୁ ଦୂରେଇ ଦିଆଯାଇପାରିବ ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଅନୁଷ୍ଠାନର ଅଧ୍ୟକ୍ଷା କମଳା ପଣ୍ଡା, ପ୍ରାଧ୍ୟାପିକା, ଅଧ୍ୟାପିକା ଓ ଅଧ୍ୟାପକ ପ୍ରମୁଖ ଯୋଗଦେଇ ଏଡ୍‌ସ ସମ୍ପର୍କିତ ବାର୍ତ୍ତା ଦେଇଥିଲେ। କଲେଜର ସହ ନିର୍ଦ୍ଦେଶିକା ମଧୁସ୍ମିତା ରଥ ସମସ୍ତ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କିତ ବାର୍ତ୍ତା ଦେବା ସହ ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶିତ ବାର୍ତ୍ତା ଏଡ୍‌ସ ନିରାକରଣରେ ସବୁ ପ୍ରତିବନ୍ଧକ ଓ ତାହାର ନିରାକରଣ ସହିତ ୨୦୩୦ ସୁଦ୍ଧା ବିଶ୍ୱ କିଭଳି ଏଡ୍‌ସମୁକ୍ତ ହେବ ସେ ସମ୍ପର୍କିତ ବିଷୟବସ୍ତୁ ଉପରେ ନିଜ ଅଭିମତ ପ୍ରକାଶ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ବିଷୟ ସମ୍ପର୍କିତ ଝୋଟି, ମୁରୁଜ ଚିତା, ବକ୍ତୃତା ପ୍ରତିଯୋଗିତା ଓ ଏଡ୍‌ସ ସମ୍ପର୍କିତ ଆଲୋଚନା ବାଲିଗୁଆଳିସ୍ଥିତ ଅନୁଷ୍ଠାନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା।

## ପୁରୀ ଷ୍ଟେସନରୁ ୧୪.୬ କେଜି ଗଞ୍ଜେଇ ଜବତ

ପୁରୀ,୧ା୧୨(ସମିସ): ବିଭିନ୍ନ ସମୟରେ ଟ୍ରେନ୍‌ରେ ଗଞ୍ଜେଇ ଚୋରାଚାଲାଣ କରାଯାଉଛି। ଧରପଗଡ଼ ବେଳେ ଅନେକ ସମୟରେ ଗଞ୍ଜେଇ ଜବତ ହେଉଥିବାବେଳେ ଅଭିଯୁକ୍ତ ବି ଧରାପଡୁଛନ୍ତି। ତେବେ ସୋମବାର ପୁରୀ ରେଳ ଷ୍ଟେସନରୁ ୧୪ କେଜି ୬୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି ଜିଆର୍‌ପି ଥାନା ପୁଲିସ। ଜିଆର୍‌ପି ଥାନାଧିକାରୀଙ୍କ ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ୧ ନମ୍ବର ପ୍ଲାଟ୍‌ଫର୍ମ ୨୦ ନମ୍ବର ପିଲାର ନିକଟରେ ଏକ ଟ୍ରଲି ବ୍ୟାଗ୍ ପଡ଼ିଥିଲା। ପାଟ୍ରୋଲିଂ କର୍ମଚାରୀ ଏହାକୁ ଦେଖି ଥାନାଧିକାରୀଙ୍କୁ ଖବର ଦେଇଥିଲେ। ଥାନାଧିକାରୀ ଏବଂ ଅନ୍ୟମାନେ ପହଞ୍ଚି ସନ୍ଦେହଜନକ ଭାବେ ପଡ଼ିଥିବା ଏହି ବ୍ୟାଗ୍‌କୁ ସତର୍କତାର ସହ ଖୋଲିଥିଲେ। ସେଥିରେ ଏକ ଜରିବ୍ୟାଗ୍ ସିଲ୍ ହୋଇ ରହିଥିଲା। ତାହାକୁ ଖୋଲିବାରୁ ୧୪ କେଜି ୬୦୦ ଗ୍ରାମ୍ ଗଞ୍ଜେଇ ମିଳିଥିଲା। ତେବେ ତଦନ୍ତରୁ ଜଣାପଡ଼ିଥିଲା ଯେ, ସୋମବାର ସକାଳେ ଜଣେ ଅଜଣା ଗଞ୍ଜେଇ ବେପାରୀ ଷ୍ଟେସନକୁ ଆସିଥିଲା। ଏଠାରୁ ଟ୍ରେନ୍‌ରେ ଅନ୍ୟ ଏକ ଷ୍ଟେସନକୁ ଗଞ୍ଜେଇ ଚାଲାଣ କରିଥା'ନ୍ତା। ପୁଲିସ ଓ ପାଟ୍ରୋଲିଂ କର୍ମଚାରୀଙ୍କୁ ଦେଖିବା ପରେ ଗିରଫରୁ ବର୍ତ୍ତିବା ପାଇଁ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍‌କୁ ଲୁଚାଇବାକୁ ଚେଷ୍ଟା କରିଥିଲା। ତେଣୁ ତାହାକୁ ସେଠାରେ ପକାଇ ଦେଇଥିଲା। ଜିଆର୍‌ପି ପୁଲିସ ଏକ ମାମଲା ରୁଜୁ କରି ଏ ନେଇ ଅଧିକ ତଦନ୍ତ ଚଳାଇଛି।

### ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

## ୧୨୧ ଅଭିଯୋଗରୁ ୧୦୧ ବ୍ୟକ୍ତିଗତ

ପୁରୀ,୧ା୧୨(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୧୨୧ଟି ଅଭିଯୋଗ ମିଳିଥିଲା। ସେଥିରୁ ୧୦୧ଟି ବ୍ୟକ୍ତିଗତ, ୧୩ଟି ଗ୍ରାମ ସମ୍ବନ୍ଧୀୟ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ୭ଟି ଅଭିଯୋଗ ରହିଥିଲା। ତତ୍‌କ୍ଷଣାତ୍ ୧୭ଟିର ସମାଧାନ କରାଯାଇଥିବାବେଳେ ଅନ୍ୟ ଅଭିଯୋଗଗୁଡ଼ିକୁ ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଏଡିଏମ୍‌ଓ, ଡେପୁଟି କଲେକ୍ଟର ଅନୁସ୍ରବ ଗନ୍ତାୟତ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣି ଅଧିକାରୀ ପଞ୍ଚାନନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

## ଶ୍ରୀଜଗନ୍ନାଥାୟନରେ ନାଟକ 'ମୋକ୍ଷ'

ପୁରୀ,୧ା୧୨(ସମିସ): ସତ୍ କର୍ମ ଭିତରେ ଠାକୁରଙ୍କ ପାଖରେ ସମର୍ପଣ ହେଲେ ମୋକ୍ଷ ପାଇବା ଅସମ୍ଭବ ନୁହେଁ ବୋଲି କହିଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ଥିଏଟର ମାରାଥନ୍ କଟକ ପକ୍ଷରୁ ନାଟକ 'ମୋକ୍ଷ' ଅନୁଷ୍ଠିତ ହୋଇଛି। ବିଶିଷ୍ଟ ନାଟ୍ୟକାର ସରୋଜ ସାମଲଙ୍କ ରଚନା ଓ ଚଳଚ୍ଚିତ୍ର ଅଭିନେତା ଉମେଶ ଦାସଙ୍କ ନିର୍ଦ୍ଦେଶନାରେ କିମ୍ବଦନ୍ତୀ ଆଧାରିତ ମାଣିକ ବାରାଙ୍ଗନା କଥାବସ୍ତୁକୁ ନେଇ ପ୍ରଦର୍ଶିତ ଏହି ନାଟକରେ ସନ୍ଦିପ ପାଣି, ବିଭୁ ମିଶ୍ର, ଆଦ୍ୟାଶା, ସୌମ୍ୟା ଓ ଓମଶିବ୍ ପ୍ରମୁଖ ଅଭିନୟ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ପ୍ରସନ୍ନ ମିଶ୍ର, ନାଟ୍ୟକାର ଦୟାନିଧି ତ୍ରିପାଠୀ, ସମାଜସେବୀ ଚକ୍ରଧର ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, ବିଜୟ ପଣ୍ଡା, ଶତ୍ରୁଘ୍ନ ନାୟକ, ଗୌରଙ୍ଗ ଖୁଣ୍ଟିଆ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସମୀର ଶତପଥୀ। ନାଟ୍ୟ ନିର୍ଦ୍ଦେଶକ ଗୋବିନ୍ଦ ମହାନ୍ତି, ରାମକୃଷ୍ଣ ମହାପାତ୍ର ଓ ବିକ୍ରମ ସାହୁ ଏହାକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ପ୍ରତାପ କୁମାର ପଣ୍ଡା ଭକ୍ତି ସଂଗୀତ ପରିବେଷଣ କରିଥିଲେ।

### ମହିଳାଙ୍କୁ ସରପଞ୍ଚଙ୍କ ମରଣାନ୍ତକ ଆକ୍ରମଣ

## ଥାନାରୁ ନିରାଶ, ଏସ୍‌ପି ଅଫିସରେ ଦମ୍ପତିଙ୍କ ଧାରଣା

ପୁରୀ,୧ା୧୨(ସମିସ): ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଶାଇଁସ ଶାସନ ସରପଞ୍ଚଙ୍କ ବିରୋଧରେ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଦଳିତ ମହିଳା। ତିନିଦିନ ବିତିଲାଣି କିନ୍ତୁ ବଳଙ୍ଗା ପୁଲିସ ହାତବାନ୍ଧି ବସିଛି। ଥାନାରୁ ନ୍ୟାୟ ନ ପାଇବାରୁ ଦଳିତ ମହିଳା ଓ ତାଙ୍କ ସ୍ୱାମୀ ସୋମବାର ଏସ୍‌ପି ଅଫିସରେ ଧାରଣାରେ ବସିଛନ୍ତି। ସମ୍ପୃକ୍ତ ମହିଳାଙ୍କୁ ଜଣେ ବାହୁବଳୀ ସରପଞ୍ଚ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବଳଙ୍ଗା ଥାନା ଅଞ୍ଚଳ ଉଗ୍ରେଶ୍ୱର ଦେଉଳିର ଶୈଳବାଳା ବେହେରାଙ୍କର ଏକ ଗ୍ରୋସରୀ ଦୋକାନ ଗାଁ କେନାଲ ବନ୍ଧ ପାଖରେ ଅଛି। ଗତ ୨୮ ତାରିଖରେ ତାଙ୍କ ସ୍ୱାମୀ ଧୋବେଇ ବେହେରା ବନ୍ଧୁ ଘରକୁ ଯାଇଥିଲେ। ରାତିରେ ଘରକୁ ନ ଫେରିବାରୁ ପୀଡ଼ିତା ଛୋଟ ନାତିକୁ ନେଇ ଦୋକାନ ଘରେ ଶୋଇଥିଲେ। ୨୯ ତାରିଖ ରାତି ପ୍ରାୟ ୩ଟା ସମୟରେ କେହି ଦୋକାନ କବାଟ ବାଡ଼େଇଥିଲେ। କିଏ ସେ କବାଟ ବାଡ଼ଉଛ ବୋଲି ପୀଡ଼ିତା




ଭିତରୁ ଥାଇ ପଚାରିଥିଲେ। ସେ ସରପଞ୍ଚ ଟୁଲା ଭାଇନା ପରିଚୟ ଦେଇଥିଲା। ତାଙ୍କ ପାଟି ଶୁଣି ପୀଡ଼ିତା ମହିଳା ଘରର କବାଟ ଖୋଲି ଦେବା ମାତ୍ରେ ଟୁଲା ଭିତରକୁ ପଶିଯାଇଥିଲା। ହାତରେ ଧରିଥିବା ଏକ ଭୁଜାଲିକୁ ପୀଡ଼ିତାଙ୍କ ବେକରେ ଲଗାଇ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରି ଧମକ ଦେଇ କହିଲା, ତୋ ସ୍ୱାମୀକୁ କହିଦେବୁ ମୋ ବିରୁଦ୍ଧରେ ଯିବ ନାହିଁ। ନଚେତ୍ ଗାଡ଼ି ମଡ଼େଇ ଜୀବନରେ ମାରିଦେବି। ମହିଳା ଜଣକ ପ୍ରତିବାଦ କରିବାରୁ ସେ ତାଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିଲା। ମହିଳା ଜଣଙ୍କ ଡାକ ପକାଇବାରୁ ଟୁଲା ତାଙ୍କ ତଣ୍ଟିକୁ ଧରି ପକାଇଥିଲା। ସେ ଚେତାଶୂନ୍ୟ ହୋଇପଡ଼ିବାରୁ ଟୁଲା ସେଠାରୁ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଦୋଷୀଙ୍କ ପ୍ରତି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିରେ ଦଳିତ ମହିଳା ଓ ତାଙ୍କ ସ୍ୱାମୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ ରିପୋର୍ଟ ଲେଖା ହେବା ବେଳକୁ ରାତି ପର୍ଯ୍ୟନ୍ତ ସେମାନେ ଧାରଣାରେ ବସିଥିଲେ।

### ଗୁଣ୍ଡିଚା ମନ୍ଦିରରେ ପଶି ଜେସିବି ଭାଙ୍ଗିବା ଘଟଣା

## ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ଦେଲା ଆପ୍

ପୁରୀ,୧ା୧୨(ସମିସ): ଗୁଣ୍ଡିଚା ମନ୍ଦିର ଭିତରେ ପଶି ଜେସିବି ବିଭିନ୍ନ ନିର୍ମାଣ ଭାଙ୍ଗିବାକୁ ସବୁ ମହଲରୁ ବିରୋଧ କରାଯାଉଛି। ଯଦି ମନ୍ଦିର ଭିତରେ କିଛି ଉଚ୍ଛେଦ କରିବାକୁ ଥିଲା, ଲୋକ ଲଗାଇ ହାତରେ ଏହାକୁ କରାଯାଇପାରିଥାଆନ୍ତା। କିନ୍ତୁ ଏହା କରା ନ ଯାଇ ମନ୍ଦିର ଭିତରେ ଜେସିବି ପୂରାଇ ଭାଙ୍ଗିବା ଦ୍ୱାରା ଏହା ଅନ୍ୟ ମନ୍ଦିର ସୁରକ୍ଷା ପ୍ରତି ବିପଦ ଆଣିଥିବ ବୋଲି ଅଭିଯୋଗ କରିଆସୁଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏ ନେଇ ଆପ୍ ପକ୍ଷରୁ ସୋମବାର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଶ୍ରମିକମାନେ କିପରି କର୍ମ ନିଯୁକ୍ତି ପାଇବେ ସେଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ବହୁ ଯୋଜନା ହେଉଛି। କିନ୍ତୁ ଗୁଣ୍ଡିଚା ମନ୍ଦିର କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ମନ୍ଦିର ପୁନରୁଦ୍ଧାର କାମରେ ଜେସିବି ଓ ଟ୍ରାକ୍ଟର ବ୍ୟବହାର କରାଯାଉଛି। ହାତୁଡ଼ି ଓ ଛେଣି ଦ୍ୱାରା ଏହି କାମ ହୋଇଥା'ନ୍ତା। କିନ୍ତୁ ଜେସିବି ଦ୍ୱାରା କାମ କରାଇବାରୁ କେତେ ଶ୍ରମିକଙ୍କ ହାତରୁ କାମ ଚାଲିଗଲା। ଏଥିପାଇଁ ଦାୟୀ କିଏ? ଠିକାଦାର ନା ମନ୍ଦିର ପ୍ରଶାସନ? ଏହାଦ୍ୱାରା ଶ୍ରମ ଆଇନକୁ ମଧ୍ୟ ଉଲ୍ଲଂଘନ କରାଯାଇଛି। ଏମିତି ସବୁ କାମ ମେସିନ କଲେ ଶ୍ରମିକ ଆଉ କାମ ପାଇବେ ନାହିଁ। ଏ ବିଷୟରେ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଅବଗତ କରାଇ ଠିକା ସଂସ୍ଥା ବା ଯେ କାମ କରାଉଛି ସେଠି କିପରି ଶ୍ରମିକ କାମ ପାଇବେ ସେଥିପାଇଁ ବନ୍ଦୋବସ୍ତ କରିବାକୁ ଆପ୍ ପକ୍ଷରୁ ଶ୍ରମ ଅଧିକାରୀଙ୍କୁ ସ୍ମାରକପତ୍ର ଦିଆଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଆପ୍ ନେତା ଦେବ ପ୍ରଧାନ ଓ ସାଥୀ ଏହି ଦାବିପତ୍ର ଦେଇଛନ୍ତି।

## ହ୍ୱାଇଟ୍ କୋଟ୍ ବର୍ଜନ କଲେ ଆୟୁଷ ଛାତ୍ରଛାତ୍ରୀ




ପୁରୀ,୧ା୧୨(ସମିସ): ଲୋକଙ୍କ ସେବା ପାଇଁ ଡାକ୍ତର ହେବାର ସ୍ୱପ୍ନ ଦେଖିଥିବା ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀ ସୋମବାରଠାରୁ ନିଜେ ପିନ୍ଧିଥିବା ହ୍ୱାଇଟ୍ କୋର୍ଟ ବା ଧଳା କୋର୍ଟ ବର୍ଜନ କରିଛନ୍ତି। ୮ ଦଫା ଦାବି ନେଇ ୨୮ ଦିନ କଳା ବ୍ୟାଜ୍ ପିନ୍ଧି ଆନ୍ଦୋଳନ, ୮ ଦିନ ଧରି କଲେଜ ମୁଖ୍ୟ ଫାଟକ ବନ୍ଦ କରି ଧାରଣା ଓ ରବିବାର ଅହୋରାତ୍ର ଧାରଣା ପରେ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଡାକ୍ତରଙ୍କ ସହ ଆଲୋଚନା କଲେ ନାହିଁ ସରକାର। ଆୟୁର୍ବେଦ ଓ ଆୟୁଷ ଡାକ୍ତରଙ୍କ ପାଇଁ ଅନେକ କିଛି କହୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ମଧ୍ୟ ଧୂଳିସାତ୍ କରି ଦିଆଯାଇଛି। ଲଗାତାର ଆନ୍ଦୋଳନ ସତ୍ତ୍ୱେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କର୍ଣ୍ଣପାତ କରି ନ ଥିବାରୁ ସୋମବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସହସ୍ର ଡାକ୍ତରୀ ଛାତ୍ରଛାତ୍ରୀ ସ୍ଲୋଗାନ ଦେଇ କଲେଜ ପରିସରରୁ ବାହାରି ମୋଚିସାହି ଛକସ୍ଥିତ ମୁଖ୍ୟ ଡାକଘରକୁ ଆସିଥିଲେ। ସମସ୍ତ ଛାତ୍ରଛାତ୍ରୀ ହ୍ୱାଇଟ୍ କୋର୍ଟ କାଢ଼ି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ପଠାଇଛନ୍ତି। ନିଜ ହକ୍ ଓ ଅଧିକାର ନ ପାଇବା ପର୍ଯ୍ୟନ୍ତ ସେମାନେ ଏହି ହ୍ୱାଇଟ୍ କୋର୍ଟ ପିନ୍ଧିବେ ନାହିଁ ବୋଲି କହିଛନ୍ତି।

### ପଟ୍ଟଚିତ୍ର ସଚେତନତା କର୍ମଶାଳା ଓ ପ୍ରଦର୍ଶନୀ

## ପଟ୍ଟଚିତ୍ରର ମୌଳିକତା ବଜାୟ ରଖିବାକୁ ଗୁରୁତ୍ୱ



ପୁରୀ,୧ା୧୨(ସମିସ): ଭାରତ ସରକାରଙ୍କ ବିକାଶ ଆୟୁକ୍ତ ହସ୍ତଶିଳ୍ପ ବିଭାଗ ପ୍ରାୟୋଜିତ ଏବଂ ହସ୍ତଶିଳ୍ପ ପଟ୍ଟଚିତ୍ର ଉତ୍ପାଦକ କମ୍ପାନୀ ଲିମିଟେଡ୍, ଐତିହ୍ୟଗ୍ରାମ ରଘୁରାଜପୁର ପକ୍ଷରୁ ପଟ୍ଟଚିତ୍ରକୁ ନେଇ ଏକ ତ୍ରିଦିବସୀୟ କର୍ମଶାଳା ଓ ପ୍ରଦର୍ଶନୀ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ବିଶ୍ୱନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ସଂଯୁକ୍ତା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶିଳ୍ପୀଗୁରୁ ଦୀନବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା, ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଗୁରୁ ରବିନ୍ଦ୍ର କୁମାର ବେହେରା, ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଗୁରୁ ଶରତ କୁମାର ସାହୁ, ଭାରତ ସରକାରଙ୍କ ହସ୍ତଶିଳ୍ପ ପ୍ରବନ୍ଧନ ଅଧିକାରୀ ବୀର ଭରତ ମାରାଣ୍ଡି ଏବଂ ପୁରୀ କ୍ରିଏଟିଭ୍ କୋ-ଅପରେଟିଭ୍ ସୋସାଇଟି ସଭାପତି ଦେବୀ ପ୍ରସନ୍ନ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ପଟ୍ଟଚିତ୍ରର ଅତୀତ, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ସହ ଏହାର ମୌଳିକତା କିପରି ବଜାୟ ରହିବ ଏବଂ ପ୍ରାଚୀନ ଅଙ୍କନ ଶୈଳୀର ଆଧାରରେ ପାରମ୍ପରିକ ପ୍ରାକୃତିକ ରଙ୍ଗର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ମଠ, ମନ୍ଦିର ଓ ରାଜପ୍ରାସାଦର ପାରମ୍ପରିକ ଚିତ୍ର ଅନୁଧ୍ୟାନ କରି ସେହି ଶୈଳୀକୁ ଆପଣାଇବା ପାଇଁ ଉତ୍ସାହିତ କରିଥିଲେ। ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଭାକୁ ସଞ୍ଚାଳନ କରିଥିବାବେଳେ ଅନୁଷ୍ଠାନର ଉପଦେଷ୍ଟା ଡ. ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ, ରଘୁରାଜପୁର ପକ୍ଷରୁ ଗୁରୁ ଲକ୍ଷ୍ମଣ ମହାରଣାଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ଗୋଟିପୁଅ ନୃତ୍ୟରେ ମଙ୍ଗଳାଚରଣ, ଅଭିନୟ ଏବଂ ବନ୍ଧ ନୃତ୍ୟ ପରିବେଷଣ କରିଥିଲେ। ପ୍ରକାଶଥାଉ କି, କର୍ମଶାଳାରେ ପୁରୀ ସଦର ବ୍ଲକ୍‌ରୁ ୨୦ ଜଣ ଶିଳ୍ପୀ ଯୋଗଦେଇ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୩ ତାରିଖରେ ହେବାକୁ ଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କର ଚିତ୍ର ସବୁ ପ୍ରଦର୍ଶିତ ହେବା ସହ ଶିଳ୍ପୀମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯିବ।

## ସିପିଏସ୍‌ର ଜନସଚେତନତା ପଦଯାତ୍ରା

ପୁରୀ,୧ା୧୨(ସମିସ): ସ୍ଥାନୀୟ ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ (ସିପିଏସ୍) ତରଫରୁ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗୁଣ୍ଡିଚା ମନ୍ଦିରଠାରୁ ବଳଗଣ୍ଡି ଛକ ପର୍ଯ୍ୟନ୍ତ ଏକ ଜନସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାକୁ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର, ଚେୟାରପର୍ସନ ଅନିମା ଦାଶ ସମ୍ମାନିତ ଅତିଥି ଓ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୋଦ ବିହାରୀ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ "ଓଭରକମିଙ୍ଗ୍ ଡିସ୍‌ରପସନ୍ ଟ୍ରାନ୍ସଫର୍‌ମିଙ୍ଗ୍ ଦ ଏଡ୍‌ସ ରେସ୍‌ପନ୍ସ' ଉପରେ ନିଜର ମତବ୍ୟକ୍ତ କରିବା ସହିତ ଚିକିତ୍ସା କ୍ଷେତ୍ରରେ ଏଡ୍‌ସ ଭଳି ଦୁରାରୋଗ୍ୟର ଉପଚାର ପାଇଁ ବିଭିନ୍ନ ବାଧାବିଘ୍ନକୁ କିପରି ଦୂର କରିହେବ ତା' ଉପରେ ବକ୍ତବ୍ୟ ରଖିଥିଲେ। ପଦଯାତ୍ରାରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏଡ୍‌ସ ଭଳି ମାରାତ୍ମକ ରୋଗଠାରୁ ନିଜକୁ କିପରି ଦୂରେଇ ରଖାଯାଇପାରିବ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଜନଜାଗରଣ ସୃଷ୍ଟି କରାଯାଇଥିଲା। ଏହି ପଦଯାତ୍ରାକୁ ଅଧ୍ୟାପିକା ସୁନୀତା ମିଶ୍ର, ସ୍ୱଦେସ୍ନା ମହାନ୍ତି, ଅଧ୍ୟାପକ ଅସିତ୍ ଷଡ଼ଙ୍ଗୀ, ଅନୁପ ପାତ୍ର ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପରିଚାଳନା କରିଥିଲେ।

## ଓଡ଼ିଶା ମହିଳା କ୍ରିକେଟ୍ ଦଳର ନୂତନ ପ୍ରୟାସ

ପୁରୀ,୧ା୧୨(ସମିସ): ସ୍ଥାନୀୟ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍‌ରେ ଓଡ଼ିଶାର ଭେଟେରାନ ମହିଳା ଦଳ (୪୦ ବର୍ଷରୁ ଊର୍ଦ୍ଧ୍ୱ) ଓ ଆସାମର ଭେଟେରାନ ମହିଳା ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ରାଜ୍ୟ ଅଲିମ୍ପିକ୍ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ପୁରୀର କ୍ରୀଡ଼ା ସଂଗଠକ ଜିତେନ୍ଦ୍ର ନାଥ ଦାସ ଓ ସିଦ୍ଧାର୍ଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଓଡ଼ିଶା ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯୫ ରନ୍ ସଂଗ୍ରହ କରିଥିଲା। ୯୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆସାମ ୯୦ ରନ୍ ସଂଗ୍ରହ କରିଥିଲା। ଫଳରେ ଏହି ମ୍ୟାଚ୍ ଜିତିଥିଲା ଓଡ଼ିଶା। ଓଡ଼ିଶା ଭେଟେରାନ୍ ଦଳର ଖେଳାଳି ରାଜଲକ୍ଷ୍ମୀ ଦାସ ଓ ସୁଚରିତା ତ୍ରିପାଠୀ ଆଗାମୀ ଦିନରେ କିଭଳି ପୁରୀରେ ମହିଳା କ୍ରିକେଟର ପ୍ରଚାରପ୍ରସାର ହୋଇପାରିବ ସେ ସମ୍ପର୍କରେ ମତ ରଖିଥିଲେ। ସେହିପରି ଆଗାମୀ ଦିନରେ ପୁରୀରେ ଏକ ଜାତୀୟସ୍ତରୀୟ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ ପ୍ରତିଶ୍ରୁତି ଦେଇଥିଲେ।

## ଆଇଏମ୍‌ଟି ଫାର୍ମାସୀ କଲେଜରେ ଏଡ୍‌ସ ଦିବସ ପାଳିତ

ପୁରୀ,୧ା୧୨(ସମିସ): ସ୍ଥାନୀୟ ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜ ପରିସରରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ ସଚେତନତା ପଦଯାତ୍ରାରେ କଲେଜର ଛାତ୍ରଛାତ୍ରୀ ବହୁଳ ସଂଖ୍ୟାରେ ଯୋଗଦେଇଥିଲେ। ଗୁଣ୍ଡିଚା ମନ୍ଦିରଠାରୁ ବାହାରିଥିବା ଏହି ପଦଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଛାତ୍ରଛାତ୍ରୀ ସଚେତନତା ବାର୍ତ୍ତା ଓ ପ୍ରଚାରପତ୍ର ବାଣ୍ଟିଥିଲେ। ପଦଯାତ୍ରାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀଙ୍କ ସମେତ ଆଇଏମ୍‌ଟି ଫାର୍ମାସୀ କଲେଜ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଅଧ୍ୟାପକ ଦେବଦତ୍ତ ସାହୁ, ଦେବାଶିଷ ଦାସ, ପ୍ରାସାଦ ମହାପାତ୍ର, ଚନ୍ଦ୍ରକାନ୍ତ ଜେନା, ପ୍ରଦୀପ ସ୍ୱାଇଁ, ଭବାନୀ ସାମନ୍ତରାୟ, ନିରଞ୍ଜନ ନାୟକ, ଲକ୍ଷ୍ମୀନାରାୟଣ ସେଠୀ, ରବି ସାହୁ ପ୍ରମୁଖ ରାଲି ପରିଚାଳନା କରିଥିଲେ। ଆଇଏମ୍‌ଟି ଫାର୍ମାସୀ କଲେଜ ପରିସରରେ ଆୟୋଜିତ ସଭାରେ ଶୈକ୍ଷିକ ନିର୍ଦ୍ଦେଶକ ପ୍ରଫେସର ଡ. ଅନ୍ନଦା ମହାପାତ୍ର ସଭାପତିତ୍ୱ କରି ଏଡ୍‌ସ, ସ୍ୱାସ୍ଥ୍ୟ ରକ୍ଷଣ ଓ ନିଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିରେ ଅଧ୍ୟକ୍ଷ ପ୍ରଫେସର ଡ. ଅଗ୍ନିମିତ୍ର ଦିଣ୍ଡା ଉଦ୍‌ବୋଧନ ଦେଇଥିବାବେଳେ




ଉପାଧ୍ୟକ୍ଷ ଡ. ତୁଷାର ମହାପାତ୍ର ଏବଂ ସମସ୍ତ ବିଭାଗୀୟ ମୁଖ୍ୟ ତଥା ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ସେହିପରି ବକ୍ତୃତା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଏଡ୍‌ସ ସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ କରି ପ୍ରଶଂସିତ ହୋଇଥିଲେ। ଆଇଏମ୍‌ଟି କଲେଜ ଓ ଉପହାର ଅନୁଷ୍ଠାନର ମିଳିତ ସହଯୋଗରେ ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟସ୍ତରର କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଆଇଏମ୍‌ଟିର ୯ ଜଣ ଛାତ୍ରଛାତ୍ରୀ ପ୍ରଥମ ୧୦ ରାଙ୍କ ମଧ୍ୟରେ ସଫଳ ହୋଇଥିଲେ। ଏହି ସଭାକୁ ଚନ୍ଦ୍ରକାନ୍ତ ଜେନା ପରିଚାଳନା କରିଥିବାବେଳେ ନିରଞ୍ଜନ ନାୟକ ତଥା ଅନ୍ୟ କର୍ମକର୍ତ୍ତା ସହାୟତା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ବର୍ଷା ପଲାଇ।

# ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ମେଳି ବାନ୍ଧିଲେ ୮ ସାହି ଆଖଡ଼ା

ପୁରୀ,୧ା୧୨(ସମିସ): ଆଠ ସାହି ଆଖଡ଼ାର ମୁଖିଆ ସାମିଲ୍ ହେଲେ ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀଜଗନ୍ନାଥ ଦର୍ଶନ ଅଭିଯାନରେ। ଗୋଟିଏ ସ୍ୱରରେ ଆଠ ସାହି ଆଖଡ଼ା ସମନ୍ୱୟ ସମିତି ପକ୍ଷରୁ ଦାବି ଉଠିଲା ପୁରୀବାସୀଙ୍କ ସୁବିଧାରେ ଶ୍ରୀଜଗନ୍ନାଥ ଦର୍ଶନ ନିମନ୍ତେ। ଜାଗା ଆଖଡ଼ାର ସଭାପତି, ସମ୍ପାଦକ ଏକ ସ୍ୱରରେ ଆହ୍ୱାନ ଦେଇଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ହଜାର ହଜାର ପୁରୀବାସୀ ଏକାଠି ହେବା ସହ ପ୍ରତିବାଦ କରିବା ପାଇଁ ଆହ୍ୱାନ କରିଛନ୍ତି। ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଯୋଜନା ତରଫରୁ ୭ ତାରିଖରେ ଶୋଭାଯାତ୍ରା ପାଇଁ ରବିବାରଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି।





ମହାପ୍ରଭୁଙ୍କ ଦର୍ଶନ ପାଇଁ ଶପଥ ନେଲେ ସାମାଜିକ ଅନୁଷ୍ଠାନ

ପ୍ରକ୍ରିୟାର ପ୍ରଥମ ଚରଣରେ ୨୮ଟି ସାମାଜିକ ଅନୁଷ୍ଠାନ ଏକତ୍ରିତ ହୋଇ ସାମାଜିକ ଗଣମାଧ୍ୟମରେ ସଚେତନତା ସୃଷ୍ଟି କରିବେ। ଆସନ୍ତା ୨ ତାରିଖଠାରୁ ପ୍ରତି ଗଳିକନ୍ଦିରେ ବୈଠକ କରିବା ସହ ସଚେତନତା ସୃଷ୍ଟି କରାହେବ ଏବଂ ଦସ୍ତଖତ ଅଭିଯାନ ଆରମ୍ଭ ହେବ।

ପ୍ରତିଦିନ ଜଗନ୍ନାଥଙ୍କୁ ଦର୍ଶନ କରି ନିଜର ଦୈନନ୍ଦିନ ଜୀବନ ଆରମ୍ଭ କରିଥା'ନ୍ତି ପୁରୀବାସୀ। ଘର ପ୍ରତିଷ୍ଠା, ବ୍ରତୋପନୟନ, ବିବାହ, ନିର୍ବନ୍ଧ ଏବଂ ଅନେକ ପୂଜାର୍ଚ୍ଚନା କାର୍ଯ୍ୟରେ ମହାପ୍ରସାଦ ପାଇଁ ଯାଇଥା'ନ୍ତି ପୁରୀବାସୀ। ଏବେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ଯେ, ମାଳ ମାହାର୍ଦ୍ଦ ପାଇଁ ମଧ୍ୟ ଯିବା ସମ୍ଭବ ହେଉନାହିଁ। ଯାହାର ପରିଣତି ୧୦୦ ଟଙ୍କାର ମହାପ୍ରସାଦ ବାହାରେ ରହି କିଣିବା ଫଳରେ ତା'ର ଦର ଅହେତୁକ ମୂଲ୍ୟ ବୃଦ୍ଧି ପାଉଛି। ସାହି ଆଖଡ଼ା ସମନ୍ୱୟ ସମିତିର ସଭାପତି ରବିନାରାୟଣ ସେନାପତି, ସମ୍ପାଦକ ନରେନ୍ଦ୍ର ମହାନ୍ତି, ପଥର ଆଖଡ଼ାର ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ବିଶ୍ୱଜିତ୍ ସେନାପତି, ଗଉଡ଼ବାଡ଼ ସାହି ଆଖଡ଼ାର ସମ୍ପାଦକ ରଘୁନାଥ ଖୁଣ୍ଟିଆ, ମାଟି ମଣ୍ଡପ ସାହି ଆଖଡ଼ାର ଉପସଭାପତି ଗଣେଶ ମହାସୁଆର, ପାଣ୍ଡ ଜାଗାର ସମ୍ପାଦକ ତ୍ରିଲୋଚନ ପ୍ରଧାନ, ଗଦାସାଆଣ ଜାଗାର ସଭାପତି ସୁବାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୭ ତାରିଖ ଦିନ ଅପରାହ୍ଣ ୪ଟାରେ ଗୁଣ୍ଡିଚା ମନ୍ଦିର ନିକଟରେ ପୁରୀବାସୀମାନେ ଏକତ୍ରିତ ହେବା ପାଇଁ ମଞ୍ଚ ତରଫରୁ ନିବେଦନ କରାଯାଇଛି।

# ସମ୍ପାଦକୀୟ



ନ୍ୟାୟର ଅର୍ଥ ବିବେକ, କିନ୍ତୁ ବ୍ୟକ୍ତିଗତ ନୁହେଁ, ସାରା ମାନବଜାତିର ବିବେକ !
-ଆଲେକଜାଣ୍ଡର ସୋଲଝେନିତସିନ

ସକାଳ
THE SAKALA

## ସମୃଦ୍ଧିର ନୂଆ ଦିଗନ୍ତ

ଦେଶର ଅର୍ଥନୀତି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଗତିଶୀଳତାର ଶିଖର ଛୁଇଁବାକୁ ଯାଉଛି। ଏହା ସ୍ପଷ୍ଟ ହୋଇଛି ଅର୍ଥନୀତିର ଦ୍ୱିତୀୟ ତ୍ରୟମାସିକ ରିପୋର୍ଟରୁ। ୨୦୨୫-୨୬ ଆର୍ଥିକ ବର୍ଷର ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ମୋଟ ଘରୋଇ ଉତ୍ପାଦନ ୮.୨ ପ୍ରତିଶତ ଭଳି ଉଚ୍ଚ ଅଙ୍କରେ ଅଭିବୃଦ୍ଧି ହାସଲ କରିଛି। ଏସଂକ୍ରାନ୍ତରେ ସବୁ ଅର୍ଥନୀତିଜ୍ଞ ଏପରିକି ରିର୍ଜଭ ବ୍ୟାଙ୍କ ଆକଳନ ଭୁଲ ପ୍ରମାଣିତ ହେଇଛି। ଯେତେଦୂର ମନେ ହୁଏ ଚଳିତ ଆର୍ଥିକ ବର୍ଷର ହାରାହାରି ଜିଡିପି ୭ ପ୍ରତିଶତ ଅତିକ୍ରମ କରିବ। ସୂଚନାଯୋଗ୍ୟ ଯେ ପୂର୍ବ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସିକ ରିପୋର୍ଟରେ ଜିଡିପି ହାର ୫.୬ ପ୍ରତିଶତ ନେଇ ବିଭିନ୍ନ ମହଲରେ ଯେଉଁ ନୈରାଶ୍ୟ ସୃଷ୍ଟି ହୋଇଥିଲା ସେଥିରୁ ବର୍ତ୍ତିବା ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପରୁ ସୁଫଳ ମିଳିଛି। ଆଗାମୀ ଦିନରେ ବିଶ୍ୱରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ମାନ୍ୟତା ପୂର୍ବଭଳି ବଜାୟ ରଖିବ। ଆସନ୍ତା ଅର୍ଥିକ ବର୍ଷ ଶେଷ ସୁଦ୍ଧା ଆମ ଦେଶ ୫ଟ୍ରିଲିୟନ ଅର୍ଥନୀତିର ମାନ୍ୟତା ହାସଲ କରିବା ସହ ପରବର୍ତ୍ତୀ ଦୁଇବର୍ଷ ମଧ୍ୟରେ ବିଶ୍ୱର ତୃତୀୟ ଅର୍ଥନୀତି ହେବାର ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ଏହି ଗତିଶୀଳତା ଜାରି ରହିଲେ ପୂରଣ ହେବା କିଛି ବିଚିତ୍ର ନୁହେଁ।

ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିବା ଏହି ରିପୋର୍ଟ ଅନୁଯାୟୀ ବିନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ୯.୧, ନିର୍ମାଣରେ ୭.୨ ଏବଂ ଆର୍ଥିକ, ରିଅଲ ଇଷ୍ଟେଟ୍, ପେସାଦାର ସେବା ଅଭିବୃଦ୍ଧି ହାର ୧୦.୨ ପ୍ରତିଶତ ହୋଇଛି। ତେବେ କୃଷି କ୍ଷେତ୍ରର ଅଭିବୃଦ୍ଧି ହାର ୩.୫ ପ୍ରତିଶତରେ ସୀମିତ ରହିଛି। ଦର୍ଶାଯାଇଥିବା ଏହି ହିସାବରୁ ସରକାରଙ୍କ ଅଗ୍ରାଧିକାର କ୍ଷେତ୍ର ଆକଳନ କରାଯାଇପାରେ। ଏହି ପରିସଂଖ୍ୟାନ ଆଧାରରେ ରିଜର୍ଭବ୍ୟାଙ୍କ ଆଗାମୀ ଦିନରେ ମୁଦ୍ରା ପ୍ରଚଳନକୁ ଅଧିକ ମୁକ୍ତ କରିବା ସମ୍ଭାବନା ଅଛି। ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ରେପୋ ରେଟ ହ୍ରାସ ମାଧ୍ୟମରେ ବ୍ୟାଙ୍କ ଋଣଗ୍ରହୀତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବେ। ଅର୍ଥନୀତିର ଏହି ଅନୁକୂଳ ଦିଗ ସଂପର୍କରେ ତର୍ଜମା କଲା ବେଳେ ସ୍ୱତଃ ମନରେ ଉଙ୍କିମାରେ ବିଶ୍ୱ ବାଣିଜ୍ୟ କାରବାରରେ ପରିଲକ୍ଷିତ ଶିଥିଳତାକୁ ଲକ୍ଷ୍ୟ କରି ଏକ ଭୟାଙ୍କର ମାନ୍ଦାବସ୍ଥା ମାଡ଼ି ଆସୁଛି ବୋଲି ଅର୍ଥନୀତି ବିଶାରଦମାନେ ସତର୍କ କରାଇଛନ୍ତି। ଆମ ଦେଶର ପରିସ୍ଥିତି ସେଭଳି ସକାରାତ୍ମକ ସ୍ଥିତିରେ ନାହିଁ ଯେ ପରିଲକ୍ଷିତ ବାଣିଜ୍ୟ ନିଅଣ୍ଟକୁ ଏତେ ସହଜରେ ଅତିକ୍ରମ କରି ହେବ। ତେଣୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଦର୍ଶାଇଥିବା କେତେକ ତ୍ରୁଟିକୁ ଏଡ଼ାଇଯିବା ଏତେ ସହଜ ନୁହେଁ। ଦେଶର ଜାତୀୟ ଆକାଉଣ୍ଟ ତଥ୍ୟର ଆକଳନକୁ ମୁଦ୍ରାପାଣ୍ଠି ସି ଗ୍ରେଡ ଦେଇଛି। ସେମାନଙ୍କ କହିବା କଥା ହେଲା, ଜିଡିପି ଓ ଜିଭିଏ ଭଳି ପ୍ରମୁଖ ପରିସଂଖ୍ୟାନ ନିର୍ଦ୍ଧାରଣରେ ଜାତୀୟ ଆକାଉଣ୍ଟର ପଦ୍ଧତିଗତ ତ୍ରୁଟି ରହିଛି। ସେହିଭଳି ଉପଭୋକ୍ତା ମୂଲ୍ୟସୂଚକାଙ୍କ ନିର୍ଦ୍ଧାରଣ ପ୍ରକ୍ରିୟାକୁ ମଧ୍ୟ ବି ଗ୍ରେଡ ଦିଆଯାଇଛି। ମୁଦ୍ରାପାଣ୍ଠିର ଏହି ପ୍ରତିକୂଳ ମତାମତ ସତ୍ତ୍ୱେ ବିଶ୍ୱ ଅର୍ଥନୀତିରେ ପରିଲକ୍ଷିତ ମାନ୍ଦାବସ୍ଥା ପ୍ରଭାବରୁ ଆମେ ମୁକ୍ତ ଓ ଗତଶୀଳତା ଅବ୍ୟାହତ ରହିଥିବା କେହି ଅସ୍ୱୀକାର କରିପାରିବେନି।

ବଜାର ଅର୍ଥନୀତିରେ କ୍ରେତାଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ମୁଦ୍ରାସ୍ଫୀତି ହ୍ରାସରୁ ସ୍ପଷ୍ଟ ଯେ କ୍ରୟଶକ୍ତିରେ ଦୁର୍ବଳତା ରହିଛି। ଏହା କୌଣସି ପରିସ୍ଥିତିର ଅଭିବୃଦ୍ଧି କାରକ ନୁହେଁ। ସେହିଭଳି ବର୍ଷକ ମଧ୍ୟରେ ଭାରତୀୟ ମୁଦ୍ରା ୪.୨ ପ୍ରତିଶତ ଡଲାର ତୁଳନାରେ ଅଧିକ ଦୁର୍ବଳ ହୋଇଛି। ଏହି ଦୁଇଟି ପ୍ରସଙ୍ଗକୁ ଜିଡିପି ଆକଳନ ବେଳେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ●

## ବିକାଶ-ମାନବ ସମ୍ବଳ-ଶିକ୍ଷା

ଆମ ରାଜ୍ୟର ସରକାରୀ ବିଦ୍ୟାଳୟ ଅବସ୍ଥା ଏତେ ଶୋଚନୀୟ ହୋଇପଡ଼ିଛି ଯେ ଯେତେଯାହା କଲେ ମଧ୍ୟ ଅଭିଭାବକଙ୍କ ଆଉ ଭରସାଯୋଗ୍ୟ ହୋଇପାରୁନି। ଛାତ୍ରଛାତ୍ରୀ ମଧ୍ୟ ଏକ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ଅଧାରୁ ପାଠ ଛାଡୁଛନ୍ତି। ଅଧିକାଂଶ ଅଭିଭାବକଙ୍କ ଭରସାଯୋଗ୍ୟ ହୋଇଛି ଘରୋଇ ବିଦ୍ୟାଳୟ। ସରକାରୀ ଶିକ୍ଷା ବ୍ୟବସ୍ଥାରେ କେଉଁଠି ନିରାପଦ ବିଦ୍ୟାଳୟଗୃହ ନାହିଁ ତ କେଉଁଠି ଶିକ୍ଷକ ନାହାନ୍ତି। ଶିକ୍ଷକଙ୍କ ଦାବିକୁ ନେଇ ବର୍ଷତମାମ ଆନ୍ଦୋଳନ ଚାଲିଛି। ବିଭିନ୍ନ ଗଣମାଧ୍ୟମରେ ଶିରୋନାମା ମଣ୍ଡନ କରୁଛି। ରାଜ୍ୟ ସରକାରୀ ବିଦ୍ୟାଳୟରେ ଅଧାରୁ ପାଠ ଛାଡ଼ିଛନ୍ତି ୧ ଲକ୍ଷ ୨୩ ହଜାର ପିଲା ଏବଂ ନବମରେ ସାଢ଼େ ୧୩ ହଜାର ପିଲା ଅକୃତକାର୍ଯ୍ୟ। ଶିକ୍ଷାକ୍ଷେତ୍ରରେ ଯେତେ ସମସ୍ୟା ମୁଣ୍ଡ ଟେକିଛି ସେ ନେଇ ପ୍ରଶ୍ନ କଲେ ସରକାରଙ୍କ ନିକଟରେ ଉତ୍ତର ଅଭାବ ନାହିଁ। କିନ୍ତୁ ସମସ୍ୟା ଯେଉଁଠି ସେଇଠି ଅଟକି ରହିଛି।

ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଚାଲିଥିବା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଆହୁରି ଉପର ଶ୍ରେଣୀକୁ ବଢ଼ି ଚାଲିଛି। ରାଜ୍ୟର ନବମ ଓ ଦଶମ ଶ୍ରେଣୀର ୧୦ ଲକ୍ଷ ୮୦ ହଜାର ପିଲାଙ୍କୁ ସିଏମ ପୋଷଣ କାର୍ଯ୍ୟକ୍ରମ ମାଧ୍ୟମରେ ମାଧ୍ୟାହ୍ନ ଭୋଜନ ଦିଆଯିବାର ବ୍ୟବସ୍ଥା ହୋଇଛି। ସେହିପରି ଏକାଦଶ ଶ୍ରେଣୀ ଏସଟି ପିଲାଙ୍କୁ ବର୍ଷକୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଦିଆଯାଇଛି। ଶିକ୍ଷକମାନେ ପାଠପଢ଼ା ଛାଡୁଥିବା ପିଲାଙ୍କ ଅଭିଭାବକଙ୍କୁ ବୁଝାଇ ସେମାନଙ୍କ ବିଦ୍ୟାଳୟକୁ ଫେରାଇ ଅଣାଯିବାର ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନଭୋଜନ, ୟୁନିଫର୍ମ ଓ ପାଠ୍ୟବସ୍ତୁ ଯୋଗାଇ ଦେବାର ମଧ୍ୟ ବ୍ୟବସ୍ଥା ହୋଇଛି। ସରକାରଙ୍କ ଏହି ସ୍ପଷ୍ଟୀକରଣ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଭିନ୍ନ କଥା। ଶିକ୍ଷା ବର୍ଷ ଶେଷ ହେବାକୁ ବସିଥିଲେ ମଧ୍ୟ କେଉଁଠି ୟୁନିଫର୍ମ ମିଳିନି ତ ଓ କେଉଁଠି ପାଠ୍ୟ ପୁସ୍ତକ ନାହିଁ। ଅସଲରେ ବ୍ୟବସ୍ଥାର ଉନ୍ନତି ଆଣିବାରେ ସରକାରଙ୍କ ଏହି ଘୋଷଣା କେତେଦୂର ସହାୟକ ହେବ ସେନେଇ ସନ୍ଦେହ ରହିଛି। ପିଲାଙ୍କ ଅସ୍ଥାଭୋଜନ ହେଲା ଭଳି ବିଦ୍ୟାଳୟରେ ଶିକ୍ଷା ପରିବେଶ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ। ଏପରିକି ରାଜ୍ୟରେ ସ୍ୱତନ୍ତ୍ର ପତିଆରା ସୃଷ୍ଟି କରିଥିବା ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଛି। ଉଚ୍ଚମାନର ଶିକ୍ଷାପ୍ରଦାନ ପାଇଁ ସୁଯୋଗ୍ୟ ଶିକ୍ଷକ ନିଯୁକ୍ତିକୁ ଏପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଇନାହିଁ। ବିଭିନ୍ନ ବିଷୟରେ ପାଠ ପଢ଼ାଇବା ସକାଶେ ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ। ସବୁଚାଲିଛି କାମଚଳା ଅବସ୍ଥାରେ। ଏଭଳି ପରିବେଶରେ ବିଜ୍ଞାନ ଅଧ୍ୟୟନ ସକାଶେ ଲାବୋରାଟୋରୀ, କମ୍ପ୍ୟୁଟର ଓ ପୁସ୍ତାକାଗାର ଆଶା କରିବା ବୃଥା। ତେଣୁ ଯେଉଁ ବିକାଶ କଥା କୁହାଯାଉଛି ତାହା ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ବିନା କିପରି ସମ୍ଭବ, ସନ୍ଦେହ ସୃଷ୍ଟି ହେଉଛି। ●

# ଅବସରପ୍ରାପ୍ତ ଅଧ୍ୟାପକ ନିଯୁକ୍ତି କେତେ ଯୁକ୍ତିଯୁକ୍ତ

ଶ୍ରୀବତ୍ସ ନାୟକ

ଉଚ୍ଚଶିକ୍ଷା ବିଭାଗରେ ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ସ୍ଥିର କରିଛନ୍ତି ଓଡ଼ିଶା ସରକାର। ଚଳିତ ଶିକ୍ଷା ବର୍ଷରୁ ସରକାରୀ ଅନୁଦାନପ୍ରାପ୍ତ (୪୮୮ ବର୍ଗ) ଓ ବେସରକାରୀ ଅନୁଦାନପ୍ରାପ୍ତ (୬୬୨ ବର୍ଗ) ମହାବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପ୍ରକ୍ରିୟାରେ ସିଧାସଳଖ ଯୋଡ଼ି ହେବେ ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକ। ଏଥିସହିତ ଖୁବଶୀଘ୍ର ସ୍ଥାୟୀ ଅଧ୍ୟାପକ ମଧ୍ୟ ନିଯୁକ୍ତି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଫଳରେ ଉଚ୍ଚଶିକ୍ଷା ବିଭାଗରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ପଦବୀ ପୂରଣ ହେବା ସହ ଶିକ୍ଷାଦାନରେ ଉପୁଜିଥିବା ସମସ୍ୟା ସମାଧାନ ହେବ। ଏହା ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଉଚ୍ଚଶିକ୍ଷା ବିଭାଗର ପତ୍ରସଂଖ୍ୟା ୫୭୧୯୮ ତା ୨୩.୧୦.୨୫ ରିଖ ଅନୁଯାୟୀ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକମାନଙ୍କୁ ନେଇ ଶିକ୍ଷାଦାନ ଚାଲିବ। ଏମିତିକି ଅତିଥି ଅଧ୍ୟାପକ ନିଯୁକ୍ତି ନେଇ ଯୋଗ୍ୟତା ଓ ମାପଦଣ୍ଡ କ'ଣ ରହିବ ତା' ମଧ୍ୟ ନିୟମାବଳୀରେ ଉଲ୍ଲେଖ ରହିଛି। ସହକାରୀ ପ୍ରଫେସର ପାଇଁ ଦରମା ୨୫ ହଜାର ଟଙ୍କାରୁ ଆରମ୍ଭ କରି ପ୍ରଫେସରଙ୍କ ଦରମା ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଏଥିପାଇଁ ଅତିକମ୍‌ରେ ୫୦ଟି କ୍ଲାସ କରିବା ବାଧ୍ୟତାମୂଳକ। ଯଦି ତା'ଠୁ କମ୍ ହୁଏ ତା'ହାଲେ ପାରିଶ୍ରମିକ କମିବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ମାର୍ଗଦର୍ଶିକାରେ କୁହାଯାଇଛି ଅତିଥି ଅଧ୍ୟାପକମାନେ ବର୍ଷକୁ ୧୦ ଦିନର ଛୁଟି ପାଇବେ। ଚାକିରି ଛାଡ଼ିବା ଆଗରୁ ୩୦ ଦିନର ନୋଟିସ୍ ଦେବେ।

ତେବେ ଅବସରପ୍ରାପ୍ତମାନଙ୍କୁ ପୁନଃନିଯୁକ୍ତି କ୍ଷେତ୍ରରେ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କିମାରେ। ଶିକ୍ଷକତା କେବଳ ଏକ ବୃତ୍ତି ନୁହଁ, ବରଂ ଶିକ୍ଷାଦାନ ହେଉଛି ଶିକ୍ଷକ ଜୀବନର ବ୍ରତ। ଶିକ୍ଷକ କେବେ ଅବସର ନେଇପାରେ ନାହିଁ। ବିପଥଗାମୀ ସମାଜକୁ ସଜାଡ଼ିବାରେ ସେମାନଙ୍କର ଭୂମିକା ଅବର୍ଣ୍ଣନୀୟ। କିନ୍ତୁ ସରକାରଙ୍କର ବିଧିବିଧାନ ଅନୁସାରେ ଶାରୀରିକ ଅକ୍ଷମତା ଦୃଷ୍ଟିରୁ ଶିକ୍ଷକମାନଙ୍କୁ ୬୦ ବର୍ଷ ବୟସରେ ଶିକ୍ଷକତା ବୃତ୍ତିରୁ ଅବସର ଦିଆଯାଏ ଏବଂ ଅବଶିଷ୍ଟ ଜୀବନ ଆତ୍ମସମ୍ମାନର ସହ ବଞ୍ଚିବା ପାଇଁ ସରକାର ପେନସନ୍ ମଧ୍ୟ ଦେଇଥା'ନ୍ତି। ଏଠି ପ୍ରଶ୍ନ ଉଠୁଛି ବୟସାଧିକ୍ୟ କାରଣରୁ ଯାହାକୁ ଅବସର ଦେଲେ ତାଙ୍କୁ ପୁଣି କାର୍ଯ୍ୟକୁ ନିମନ୍ତ୍ରଣ କରିବା ତାଙ୍କ ପାଇଁ ଅସମ୍ମାନ ନୁହେଁ କି? ଯଦି ସେମାନେ ନିଯୁକ୍ତି ହୁଅନ୍ତି ସେମାନେ ଶାରୀରିକ ଓ ମାନସିକ ଭାବେ ଶିକ୍ଷାଦାନ କରିବା ପାଇଁ ପ୍ରସ୍ତୁତ ଥିବେ ତ? ଯଦି ସେମାନେ ଏବେ ପାଠ ପଢ଼େଇବାକୁ ସକ୍ଷମ, ତା' ହେଲେ ସରକାର ତାଙ୍କୁ ଅବସର ଦେଉଛନ୍ତି କାହିଁକି?

ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକ, ଯାହାଙ୍କର ବୟସ ସୀମା ୬୦ ରୁ ୬୯ ମଧ୍ୟରେ ହୋଇଥିବ ସେମାନେ ଶିକ୍ଷାଦାନ କରିବେ। ଅର୍ଥାତ୍ ପାଖାପାଖି ଏକ ଦଶନ୍ଧି ଧରି ସରକାର ବୋଧହୁଏ ସ୍ଥାୟୀ ନିଯୁକ୍ତି କରିବେ ନାହିଁ! ବେକାରୀ ସମସ୍ୟା ଉତ୍କଟ ହେବ। ଓଡ଼ିଶା ରାଜ୍ୟ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର ତଥ୍ୟ ଅନୁସାରେ ୨୦୨୫ ବର୍ଷ ଆରମ୍ଭରୁ ରାଜ୍ୟରେ ୪୮, ୬୭୮ ଜଣ ସ୍ନାତକୋତ୍ତର ଅଧ୍ୟାପକ ନିମନ୍ତେ ଯୋଗ୍ୟ ଥିଲେ ମଧ୍ୟ ନିଯୁକ୍ତି ନ ପାଇ ବେକାର ଅଛନ୍ତି। ଦିନକୁ ଦିନ ଏହି ଶିକ୍ଷିତ ଯୁବ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ସେମାନଙ୍କ ପାଇଁ ସରକାର କ'ଣ ସବୁ ରୂପରେଖ ପ୍ରସ୍ତୁତ କରିଛନ୍ତି, ତାହା ସାର୍ବଜନୀନ ହେବା ନିହାତି ଜରୁରୀ।

୧୯୮୮ ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ସରକାର ସ୍ଥାୟୀ ଅଧ୍ୟାପକ ନିଯୁକ୍ତି କରିପାରିଲେ ନାହିଁ। ଫଳରେ ସେ ସମୟରେ ଅନେକ ଯୁବ ଅଧ୍ୟାପକ ମହାବିଦ୍ୟାଳୟର ପରିଚାଳନା ସମିତି ଅଧୀନରେ ରହି ଶିକ୍ଷାଦାନ କଲେ। ଯେଉଁମାନଙ୍କ ମଧ୍ୟରୁ କେତେଜଣ ସରକାରୀ ବ୍ୟବସ୍ଥାର ଚରମ ଅବହେଳାର ଶିକାର ହୋଇ ରିକ୍ତ ହସ୍ତରେ ଅବସର ନେଇ ସାରିଲେଣି ତ କେତେଜଣ ଅବସର ନେବାକୁ ପ୍ରସ୍ତୁତ ହେଲେଣି। ଦୀର୍ଘ ଦିନ ଅଧ୍ୟାପନା କଲା ପରେ ମଧ୍ୟ ସେମାନଙ୍କୁ କୌଣସି ଚାକିରି ସର୍ତ୍ତାବଳୀ ମିଳିଲା ନାହିଁ। ସରକାରୀ ଚାକିରିର କୌଣସି ସୁବିଧା ସେମାନେ ପାଇଲେ ନାହିଁ। ପଦୋନ୍ନତି ଓ ପେନସନ୍ ସହିତ ଚାକିରି ସର୍ତ୍ତାବଳୀ ନିମନ୍ତେ ଗୁହାରି କଲେ ମଧ୍ୟ ସରକାର ପ୍ରତ୍ୟାଖାନ କଲେ। ସେମାନଙ୍କର ଅତୀତ ଅଭିଶପ୍ତ, ବର୍ତ୍ତମାନ ରୁଗ୍ଣ ଓ ଭବିଷ୍ୟତ ଅନ୍ଧକାରମୟ। ସରକାର ସେମାନଙ୍କ ପ୍ରତି ଦୟା ମନୋଭାବ ପୋଷଣ କରିବା ଉଚିତ।

ଏ କ୍ଷେତ୍ରରେ ପୂର୍ବ ତ୍ରୁଟିବିଚ୍ୟୁତି ସଂଶୋଧନପୂର୍ବକ ତୁରନ୍ତ ସଂସ୍କାର ଆଣି ବିହିତ ପଦକ୍ଷେପ ନ ନେଇ ଅବସରଙ୍କୁ ପୁନଃନିଯୁକ୍ତି କେତେ ଯୁକ୍ତିଯୁକ୍ତ? ଅବସରପ୍ରାପ୍ତ ଅଧ୍ୟାପକ ଅଭିଜ୍ଞ, କିନ୍ତୁ ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରି ଭାରତ ସରକାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣି ଯେଉଁ ସୁଚିନ୍ତିତ, ସୁଦୃଢ଼, ସୁ-ସଙ୍ଗଠିତ ଶିକ୍ଷାନୀତି (ଜାତୀୟ ଶିକ୍ଷାନୀତି ୨୦୨୦) ପ୍ରଣୟନ କରିଛନ୍ତି, ସେଥିନିମନ୍ତେ ସେମାନେ କେତେ ଯୋଗ୍ୟ ତାହା ସରକାରଙ୍କୁ ଜଣା। କହିବା ବାହୁଲ୍ୟ ଯେ ଏକବିଂଶ ଶତାବ୍ଦୀର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ ଯେତେବେଳେ ସରକାର ଶିକ୍ଷାରେ ଆଧୁନିକୀକରଣ କରିଛନ୍ତି ସେତେବେଳେ ଅବସରପ୍ରାପ୍ତ ଶିକ୍ଷକମାନେ ସେହି ପାରମ୍ପରିକ ଶୈଳୀରେ ରହିଯାଇଛନ୍ତି, ଯାହା ଜାତୀୟ ଶିକ୍ଷାନୀତିର ମୌଳିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିପାରେ। ସରକାର ଗୋଟେ ପଟେ ଅଭିନବ ଶିକ୍ଷାନୀତିର କଥା କହୁଥିବା ବେଳେ ପୁଣି ପୁରୁଣାଙ୍କୁ ମନେପକାଇବା କେତେ ସମୀଚୀନ? ବାର୍ଦ୍ଧକ୍ୟରେ ଯୌବନର ଉତ୍ସାହ କାହୁଁ ଆସିବ?

ଅନ୍ୟପକ୍ଷରେ ଦେଖିଲେ କୌଣସି କ୍ଷେତ୍ରରେ ପୁରୁଖାମାନେ କାହିଁକି ଯୁଗାନ୍ତକାରୀ ପରିବର୍ତ୍ତନର ସ୍ୱପ୍ନ ଦେଖିବେ? ଆମ ଦେଶର ଶିକ୍ଷା ପ୍ରଣାଳୀରେ ଯେଉଁଭଳି ଯୁଗୋପଯୋଗୀ ସଂସ୍କାରମାନ ଆସୁଛି ସେଥିପାଇଁ ସଦ୍ୟତମ ଯୁବ ଉଦ୍ଦୀପନାର ଆବଶ୍ୟକତା ରହିଛି। ନୂତନ ପିଢ଼ିଙ୍କର ନିଯୁକ୍ତି ସୁସ୍ଥ ସାମାଜିକ ବ୍ୟବସ୍ଥା ପାଇଁ ଏକ ସାଧନା। ଯୁବ ଅଧ୍ୟାପକମାନଙ୍କର ଲମ୍ବା ଚାକିରି ସମୟ ସୀମା ଥିବାରୁ ସେମାନେ ଉତ୍ସାହର ସହିତ ଶିକ୍ଷାଦାନରେ ନିଜକୁ ସାମିଲ୍ କରିପାରିବେ। ସରକାର ଅନ୍ତତଃପକ୍ଷେ ଏ ସବୁ ବିଷୟ ପ୍ରତି ଦୃଷ୍ଟି ଦେବାର ଥିଲା। ଅଧୁନା ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଶିକ୍ଷକମାନଙ୍କର ଜାତିଭେଦ। ମହାବିଦ୍ୟାଳୟରେ ଅଧ୍ୟାପକମାନଙ୍କୁ ସରକାର ବିଭିନ୍ନ ଶ୍ରେଣୀରେ ବିଭାଜିତ କରିଛନ୍ତି। ସମାନ କାମକୁ ସମାନ ଦରମାର ନାରା ଦେଉଥିବା ସରକାର ଶିକ୍ଷକମାନଙ୍କୁ ୟୁଜିସି ଅଧ୍ୟାପକ, ଏସଏସବି ଅଧ୍ୟାପକ, ଗ୍ରାଣ୍ଟ ଇନ୍ ଏଡ ଅଧ୍ୟାପକ, ବ୍ଲକ ଗ୍ରାଣ୍ଟ ଅଧ୍ୟାପକ, ମ୍ୟାନେଜମେଣ୍ଟ ଅଧ୍ୟାପକ, ଠିକା ଅଧ୍ୟାପକ, ଅତିଥି ଅଧ୍ୟାପକ ଆଦି ଶ୍ରେଣୀରେ ବିଭକ୍ତ କରି ଭିନ୍ନ ଭିନ୍ନ ବେତନ ଦେଇଥା'ନ୍ତି। ଗୋଟିଏ ବୃତ୍ତିରେ ଥାଇ ସମାନ କାମ କରି ଭିନ୍ନ ଭିନ୍ନ ବେତନ ପାଉଥିବାରୁ ଅଧ୍ୟାପକମାନେ ହୀନ ମାନସିକତାର ଶିକାର ହେଉଛନ୍ତି। ଏଥିପାଇଁ ଅଧ୍ୟାପକମାନେ ବାରମ୍ବାର ଗୁହାରି କରୁଛନ୍ତି; କିନ୍ତୁ ଫଳ ଶୂନ୍ୟ। ଫଳରେ ସ୍ୱଳ୍ପ ବେତନ ପାଉଥିବା ଅଧ୍ୟାପକମାନେ ନାନା ଦୁଶ୍ଚିନ୍ତା ଭିତରେ ରହିଥା'ନ୍ତି, ଯାହାର ପ୍ରତିକୂଳ ପ୍ରଭାବ ସମଗ୍ର ଶିକ୍ଷା ଉପରେ ପଡ଼ିଥାଏ। ଯେଉଁ ଅଧ୍ୟାପକମାନେ ବେତନ ଦାବି କରୁଛନ୍ତି ସେମାନଙ୍କୁ ରାଜ୍ୟ ସରକାର ଉପଯୁକ୍ତ ବେତନ ନ ଦେଇ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ପେନସନ ସହିତ ଅତିଥି ଅଧ୍ୟାପକର ବେତନ ଦେବା ତେଲିଆ ମୁଣ୍ଡରେ ତେଲ ସଦୃଶ।

ଶିକ୍ଷା ବ୍ୟବସ୍ଥାକୁ ନ ସୁଧାରିଲେ ସାମାଜିକ ସୁଧାର ବିଳମ୍ବିତ ହୋଇଥାଏ। ସାମାଜିକ ସଦଭାବ ପାଇଁ କରାଯାଉଥିବା ପ୍ରୟାସ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ସମାନତାର ଅବସର ପ୍ରଦାନ କରିବାର ସାମ୍ବିଧାନିକ ଆଶ୍ୱାସନା ଉଲ୍ଲଂଘନ ହୋଇଥାଏ। ଭାରତର ମନୀଷୀମାନଙ୍କର ସ୍ୱପ୍ନ ଥିଲା ଯେ ଶିକ୍ଷାର ବିକାଶରେ ଭାରତର ସୁନେଲି ସକାଳ ଅଣାଯାଇପାରିବ। କିନ୍ତୁ ସରକାରଙ୍କର କେତେକ ନିଷ୍ପତ୍ତି ଯୋଗୁଁ ଉଚ୍ଚଶିକ୍ଷା ଅସ୍ତଗାମୀ ସୂର୍ଯ୍ୟ ସଦୃଶ ପ୍ରତୀୟମାନ ହେଲାଣି। ଶିକ୍ଷା ପ୍ରଶାସନ ଶିକ୍ଷାବିତ୍‌ଙ୍କ ହାତରେ ରହିବା ସହିତ ଶିକ୍ଷା ସମ୍ବନ୍ଧୀୟ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଏହି ବ୍ୟବସ୍ଥା ସହ ଜଡ଼ିତ ଥିବା ମହଲର ମତାମତ ନେଲେ କିଛି ସୁଫଳ ଆଶା କରାଯାଇପାରେ। ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷକମାନଙ୍କର ଦକ୍ଷତା, ଅଭିକ୍ଷମତା, ଉତ୍କର୍ଷ ଓ ପାରଦର୍ଶିତା ଆଦି ପ୍ରତି ଗୁରୁତ୍ୱାରୋପ କରୁଥିବା ବେଳେ ଓଡ଼ିଶା ସରକାର କେଉଁଭଳି ପରିସ୍ଥିତିରେ ଅବସରପ୍ରାପ୍ତମାନଙ୍କୁ ନିଯୁକ୍ତି ଦେବେ ତାହା ଚିନ୍ତାର ବିଷୟ ହୋଇଛି। ଯୁବ ଶକ୍ତି ରାଷ୍ଟ୍ର ଶକ୍ତି। ଯୁବକମାନଙ୍କୁ ବେକାର ରଖି କେତେ ଯୁକ୍ତିଯୁକ୍ତ ତାହା ବିଚାର କରିବାର ଆବଶ୍ୟକତା ରହିଛି। ●

(ଅଧ୍ୟାପକ, ବାଣିଜ୍ୟ ବିଭଗ)
କଟକ, ମୋ: ୯୪୩୮୦୭୦୮୪୯

# ଧୈର୍ଯ୍ୟହରା ଯୁବସମାଜ ଓ ଆତ୍ମବିଶ୍ୱାସର ପରିବେଶ

ଡ. ବିମଳ ଷଡ଼ଙ୍ଗୀ

ବିଜ୍ଞାନର ଅଗ୍ରଗତି ସହିତ ଆଜିର ଯୁବପିଢ଼ିର ସବୁଠୁ ବଡ଼ ସମସ୍ୟା ହେଉଛି ଡିଜିଟାଲ ନିର୍ଭରତା। ଘଣ୍ଟାଘଣ୍ଟା ଧରି କମ୍ପ୍ୟୁଟର ଗେମ୍, କ୍ରିକେଟ, ସିନେମା, ରିଲ୍ସ, ସାମାଜିକ ଗଣମାଧ୍ୟମ, ନିରନ୍ତର ଡୋପାମିନର ଆସକ୍ତି ଆଦିରୁ ଜାତ ଅତ୍ୟଧିକ ଚାପ ଯୁବସମାଜର ଧ୍ୟାନଶକ୍ତି କମାଇ ଧୈର୍ଯ୍ୟକୁ ନଷ୍ଟ କରୁଛି। ଜୀବନର ଲକ୍ଷ୍ୟରୁ ଭ୍ରମିତ କରୁଛି। ଆଜିର ଯୁବସମାଜ ଚାହାନ୍ତି ତୁରନ୍ତ ସଫଳତା। କିନ୍ତୁ ସଫଳତାକୁ ପାଇବାକୁ ହେଲେ ପରିଶ୍ରମ, ଶିଷ୍ଟାଚାର, ସହନଶୀଳତା, ଧୈର୍ଯ୍ୟ ଆଦି ଗୁଣର ଆବଶ୍ୟକତାକୁ ଭୁଲିଯାଆନ୍ତି ସେମାନେ। ଅନୁକରଣର ସଂସ୍କୃତି ସେମାନଙ୍କୁ ବିପଥଗାମୀ କରିଛି। ସାମାଜିକ ଗଣମାଧ୍ୟମ, ଗ୍ଲାମର୍, ଧନ, ଚାକଚକ୍ୟ ଜୀବନଶୈଳୀ, ନୀତିହୀନ ସେବା ଓ ତ୍ୟାଗହୀନ ଓ ଜ୍ଞାନହୀନ ତତ୍ତ୍ୱ ସେମାନଙ୍କ ଆଦର୍ଶ ହୋଇଯାଇଛି। ଚରିତ୍ର ଓ ନୀତିର ଅଭାବ ହେତୁ ଅନେକ ସ୍ଥାନରେ ଅସତ୍ୟ, ଠକେଇ, ଭ୍ରଷ୍ଟାଚାର, ଦୁର୍ନୀତି ଆଦି ଯୁବସମାଜକୁ ଆକର୍ଷିତ କରୁଛି। ଅନୁଶାସନହୀନତା ସହିତ ଅନିୟମିତ ଜୀବନଶୈଳୀ, ଅପପୁଷ୍ଟିକର ଖାଦ୍ୟର ଲାଳସା ଆଦି ସେମାନଙ୍କ ମନ ଓ ଦେହକୁ ଦୁର୍ବଳ କରୁଛି। ଶଠତାପୂର୍ଣ୍ଣ ନେତୃତ୍ୱ ଓ ଅପସଂସ୍କୃତି ଆଜି ଯୁବସମାଜକୁ ଉଦ୍‌ଭ୍ରାନ୍ତ କରୁଛି।

୨୦୦୦ ମସିହା ପରଠାରୁ ଭାରତରେ ଜନ୍ମିତ ପିଲାମାନେ ପିଲାଦିନରୁ ଅପେକ୍ଷାକୃତ ଆରାମଦାୟକ ପରିବେଶରେ ବଢ଼ି ଆସିଛନ୍ତି। ଅଧିକାଂଶ ପିଲା ଜନ୍ମରୁ ଅଭାବ ଓ ସଂଘର୍ଷ କ'ଣ ଜାଣିବାର ସୁଯୋଗ ପାଇ ନାହାନ୍ତି। ଡିଜିଟାଲ୍ ଯୁଗରେ ସେହି ପିଲାମାନେ ଆଜି ଯୁବାବସ୍ଥାରେ ପହଞ୍ଚିଛନ୍ତି। ରାଜନୈତିକ ଦଳମାନେ ସ୍ୱାର୍ଥ ପାଇଁ ସେମାନଙ୍କୁ ମଦ, ମାଂସ ଓ ବିଭିନ୍ନ ଅନୀତିକର କାର୍ଯ୍ୟ ଦ୍ୱାରା ନିୟୋଜିତ କରନ୍ତି ଏବଂ ସେମାନଙ୍କ ପାଇଁ ଏକ ଅସୁରକ୍ଷିତ ଭବିଷ୍ୟତର ଆଚ୍ଛାଦନ ସୃଷ୍ଟି କରନ୍ତି। ସହଜଲବ୍ଧ ସାମାଜିକ ଗଣମାଧ୍ୟମ ପ୍ରଭାବରେ ଅନ୍ୟମାନଙ୍କ ସହ ତୁଳନାରେ ନିଜକୁ ହେୟ ଭାବିବା ସହିତ ନିଜ ଭିତରେ କ୍ଷୋଭ, ଚିଡ଼ିଚିଡ଼ା ପଣ, କ୍ରୋଧ, ପ୍ରତିକ୍ରିୟା ଓ ଧୈର୍ଯ୍ୟ ହ୍ରାସ ଆଦି ସ୍ୱଭାବ ସୃଷ୍ଟି ହୋଇଛି। ଆଜିର ପିଲାମାନଙ୍କ ଭିତରେ କୌଣସି କାର୍ଯ୍ୟକ୍ଷେତ୍ରରେ ସେମାନଙ୍କର ଆତ୍ମୀୟତା ପରିଲକ୍ଷିତ ହୁଏ ନାହିଁ। ଏହା 'ଜବ ହୋପିଙ୍ଗ' ସଂସ୍କୃତି ନାମରେ ବେଶ ଆଦୃତ। ନିଜର ପିତାମାତାଙ୍କ ସହିତ ସେମାନଙ୍କର ସମ୍ପର୍କ ବିବାହ ପରେ ସଂକୀର୍ଣ୍ଣ ହୋଇଥାଏ। ସେହି ମନୋବୃତ୍ତିରୁ ସେମାନଙ୍କ ବୈବାହିକ ସମ୍ପର୍କ ମଧ୍ୟ କ୍ଷଣସ୍ଥାୟୀ ହୋଇଥାଏ। କ୍ରମଶଃ ଏକ ନିଃସଙ୍ଗ ଚାପଗ୍ରସ୍ତ ଜୀବନଶୈଳୀର ସାଥୀ ହୋଇ ସମାଜର ଦୁର୍ଗତିର କାରଣ ହୁଅନ୍ତି।

ଆମର ପ୍ରଥମ କର୍ତ୍ତବ୍ୟ ଯୁବସାମାଜଙ୍କ ସମସ୍ୟାକୁ ଭଲଭାବରେ ଶୁଣିବା ଓ ବୁଝିବା। କାରଣ ଆମେ ସେମାନଙ୍କୁ ତୁରନ୍ତ ପରାମର୍ଶ ଦେଲେ ସେମାନେ ଆମକୁ ଅନୁସରଣ କରିବେ ନାହିଁ। ଯେତେବେଳେ ସେମାନେ ଆପଣଙ୍କୁ ବୁଝିପାରିବେ ସେତେବେଳେ ସେମାନେ ମାର୍ଗଦର୍ଶନ ପାଇଁ ଆପଣଙ୍କର ସାହାଯ୍ୟ ନେବେ। ସେମାନଙ୍କୁ ସମ୍ମାନ ମାଧ୍ୟମରେ ବିଶ୍ୱାସ ସୃଷ୍ଟି କରିବାକୁ ପଡ଼ିବ। କେବେବି ସେମାନଙ୍କୁ ଅପମାନ, ତୁଳନା କିମ୍ବା ଲଜ୍ଜିତ କରିବା ଠିକ ନୁହେଁ। ଉଦାହରଣ ସ୍ୱରୂପ ଆମକୁ କହିବାକୁ ପଡ଼ିବ 'ମୁଁ ବୁଝିପାରୁଛି ତୁମେ କେଉଁ ସମସ୍ୟା ଦେଇ ଗତି କରୁଛ', 'ଆମେ ଏହାକୁ ଏକାଠି ସମାଧାନ କରିପାରିବା' ଇତ୍ୟାଦି। ସମ୍ମାନ, ଧୈର୍ଯ୍ୟ, ଗଠନମୂଳକ ଚିନ୍ତାଧାରା ସହିତ ସମସ୍ୟା ସମାଧାନର ଦ୍ୱାର ଖୋଲିଥାଏ। ସୁବିଧା, ଅସୁବିଧା କ'ଣ ସେମାନଙ୍କୁ ବୁଝାନ୍ତୁ। କେବଳ ନିୟମ ନୁହେଁ, ଆଜିର ଯୁବସମାଜ ଯେତେବେଳେ ନିଜର ଲାଭକୁ ପାଇବା ଅନୁଭବ କରନ୍ତି ସେତେବେଳେ ସେମାନେ ନିୟମ ପାଳନ କରନ୍ତି। ସେହିପରି ମୋବାଇଲ ଫୋନ୍ ବ୍ୟବହାର ହ୍ରାସ କରିବାକୁ ପରାମର୍ଶ ପରିବର୍ତ୍ତେ ଆପଣ କହିପାରନ୍ତି 'ଯଦି ତୁମେ ପ୍ରତିଦିନ ଗୋଟିଏ ଘଣ୍ଟା ପାଇଁ ଫୋନ୍ ବ୍ୟବହାର ହ୍ରାସ କର ତେବେ ତୁମର ଏକାଗ୍ରତା ବୃଦ୍ଧି ପାଇବ ଏବଂ ତୁମେ କମ୍ ଚାପ ଅନୁଭବ କରିବ।'

ଛୋଟ ଛୋଟ ସଫଳତା ପାଇବାକୁ ଉତ୍ସାହିତ କରନ୍ତୁ। ବଡ଼ ପରିବର୍ତ୍ତନ ପାଇଁ ବାଧ କରନ୍ତୁ ନାହିଁ। ସରଳ ଅଭ୍ୟାସ ସହିତ ସେମାନଙ୍କୁ ପରାମର୍ଶ ଦିଅନ୍ତୁ। ଯେପରି, ଦିନକୁ ବାହାରେ ୧୦ ମିନିଟ୍ ଚାଲିଲେ ଆତ୍ମବିଶ୍ୱାସ ଓ ଧୈର୍ଯ୍ୟ ବୃଦ୍ଧି ହୁଏ। ଅନ୍ୟ ସହିତ ତୁଳନା କରିବା ବନ୍ଦ କରନ୍ତୁ। ଏହା ଚାପ ହ୍ରାସ କରେ ଏବଂ ଧୈର୍ଯ୍ୟ ବୃଦ୍ଧି କରେ। ଏକ ସହାୟକ ପରିବେଶ ସୃଷ୍ଟି କରନ୍ତୁ। ପରିବେଶ ପରାମର୍ଶ ଅପେକ୍ଷା ଆଚରଣକୁ ଅଧିକ ଆକାର ଦିଏ। ବାସ୍ତବ ଜୀବନ କାର୍ଯ୍ୟକଳାପକୁ ଉତ୍ସାହିତ କରନ୍ତୁ। କ୍ରୀଡ଼ା, ଚାଲିବା, ଯୋଗ, ଯେକୌଣସି ହବି ଯଥା - ସଙ୍ଗୀତ, କଳା, ପଠନ ଆଦି କାର୍ଯ୍ୟକଳାପଗୁଡ଼ିକ ସ୍ୱାଭାବିକ ଭାବରେ ଧୈର୍ଯ୍ୟ ଓ ଶୃଙ୍ଖଳା ଶିଖାଏ। ସେମାନଙ୍କର ପ୍ରତ୍ୟେକ ଛୋଟ ଉନ୍ନତିକୁ ପ୍ରଶଂସା କରନ୍ତୁ। ପ୍ରଶଂସା ପ୍ରେରଣା ବଢ଼ାଏ ଆଉ ପ୍ରେରଣା ଧୈର୍ଯ୍ୟ ବଢ଼ାଏ। ଆପଣ ନିଜେ ଏକ ଆଦର୍ଶ ହୁଅନ୍ତୁ। ଆପଣ ମଧ୍ୟ ମୋବାଇଲ ଫୋନ ଓ ଟିଭିରୁ ମନ ହଟାଇବାକୁ ଚେଷ୍ଟା କରନ୍ତୁ। କାରଣ ସେମାନେ ଆପଣଙ୍କ ପରାମର୍ଶ ଅପେକ୍ଷା ଆପଣଙ୍କୁ ନିରୀକ୍ଷଣ କରି ଅଧିକ ଶିଖନ୍ତି। ଯଦି ଆପଣ ଶାନ୍ତ ରୁହନ୍ତି ଏବଂ ଧୈର୍ଯ୍ୟର ସହିତ ସମସ୍ୟାଗୁଡ଼ିକୁ ପରିଚାଳନା କରନ୍ତି ତେବେ ସେମାନେ ତାହାକୁ ଅନୁକରଣ କରିବେ।

ଧୈର୍ଯ୍ୟ ଗୋଟିଏ ଅଭ୍ୟାସ। ନିୟମିତ ସଠିକ ମାର୍ଗଦର୍ଶନ, ଶାନ୍ତ ପରିବେଶ ଓ ସକାରାତ୍ମକ ମନୋଭାବ ଦ୍ୱାରା ବୃଦ୍ଧି ହେବାକୁ ସମୟ ଲାଗେ। ଯଦି ଯୁବସମାଜ ଧୈର୍ଯ୍ୟଶୀଳ ହେବେ, ତେବେ ନିଜ ଜୀବନ, ସମାଜ ଓ ଦେଶ ଅଧିକ ସୁଦୃଢ଼ ହେଇପାରିବ। ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ଉନ୍ନତି ସହିତ ସଚ୍ଚୋଟତା, ଉତ୍କୃଷ୍ଟ ଶିକ୍ଷାପ୍ରଣାଳୀ, ପରିବାର ସହାୟତା ଓ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା, ସର୍ବୋପରି ସାମୂହିକ ପ୍ରୟାସ ଦ୍ୱାରା ଯୁବସମାଜ ନିଜର ଜୀବନକୁ ଧୈର୍ଯ୍ୟ, ସହିଷ୍ଣୁତା ଓ ଶାନ୍ତିପୂର୍ଣ୍ଣ ଦିଗକୁ ନେଇଯିବାକୁ ସମର୍ଥ ହୋଇପାରିବେ। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ଦୀପ୍ତିମାନ ଗଛ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

କେତେକ ଜୀବଙ୍କର ଶୀତଳ ଆଲୋକ ବିକିରଣକାରୀ ଗୁଣ ରହିଛି। ଏହା ସେମାନଙ୍କ ଜୀବନଯାତ୍ରା ପ୍ରକ୍ରିୟାର ଏକ ଅଂଶ ବିଶେଷ। ଏହି ଆଲୋକକୁ ଜୀବୀପ୍ତି ବା ବାୟୋଲୁମିନ୍ସେନ୍ସ (Bioluminerscence) ବୋଲି କୁହାଯାଏ। ଜୁଳୁଜୁଳିଆ ପୋକ ତାହାର ତଳିପେଟରେ ଥିବା ଏକ ବିଶଷ ଅଙ୍ଗରୁ ଏହା କରେ। ତାର ଯୌନ ସାଥୀ ଏବଂ ଶିକାରକୁ ଆକୃଷ୍ଟ କରିବାରେ ଏହା ସହାୟକ ହୁଏ। ସେହିପରି ଅଙ୍ଗାରମାଛ (Angles fish) ର ପାଟି ଆଗକୁ ଥିବା ଏକ ଅଙ୍ଗରୁ ଏପରି ଅଲୋକ ବାହାରି ତା' ଶିକାରକୁ ଆକୃଷ୍ଟ କରେ। କେତେକ ଶ୍ରେଣୀର ସ୍କୁଇଡ (Squid)ଙ୍କର ବି ଆଲୋକ ସୃଷ୍ଟିକାରୀ ଅଙ୍ଗର ରହିଛି। ସେମାନେ ସେଥିରୁ ଆଲୋକର ବାଦଲ ନିର୍ଗତ କରିପାରନ୍ତି, ଯାହାକି ସେମାନଙ୍କ ଶିକାରୀଜୀବମାନଙ୍କୁ ଭୟଭୀତ କରେ। ଅନ୍ୟ ପକ୍ଷରେ କେତେକ ସମୁଦ୍ରବାସୀ ପ୍ଲାଙ୍କଟନ୍ (Plankrun) ଅଜ୍ଞାତ ପରିବେଶର ସମ୍ମୁଖୀନ ହେଲେ ଶରୀରରୁ ଆଲୋକ ସୃଷ୍ଟି କରନ୍ତି। ଏହା ତାଙ୍କ ଜୀବକୋଷ ମଧ୍ୟରେ ସୃଷ୍ଟି ହୁଏ ଏବଂ ଚତୁଃପାର୍ଶ୍ୱକୁ ଆଲୋକିତ କରେ। କେତେକ ଶ୍ରେଣୀର କବକ ବା ଫଙ୍ଗସ୍ (Fungus) ମଧ୍ୟ ଏପରି କରିପାରନ୍ତି। ଏହାକୁ ଫକ୍ସ ଫାୟାର୍ (Fox fine) ବୋଲି କୁହାଯାଏ। ଏହି ଜୀବୀପ୍ତ ସେମାନଙ୍କଠାରେ ଥିବା ଲ୍ୟୁସିଫେରିନ୍ (Luciferin) ନାମକ ଏକ ଜୈବରାସାୟନିକ ପଦାର୍ଥ ଏବଂ ଲ୍ୟୁମିସିଫେରେଜ (Luciferase) ନାମକ ଏନଜାଇମ ମଧ୍ୟରେ ପ୍ରତିକ୍ରିୟା ଯୋଗୁଁ ସୃଷ୍ଟିହୁଏ।

ଗଛଲତାମାନଙ୍କଠାରେ ସାଧାରଣତଃ ଏପରି ହେବାର ଦେଖାଯାଏ ନାହିଁ। ତେବେ ନିକଟରେ ବୈଜ୍ଞାନିକମାନେ 'ବାୟୋଲୁମିନ୍ସେନ୍ସ) କବକମାନ ବ୍ୟବହାର କରି ଏମାନଙ୍କୁ ଦୀପ୍ତିମାନ କରିବା ଏବଂ ତାଙ୍କଠାରୁ ଦୀପ୍ତିମାନ କାଠ ଉତ୍ପାଦନ କରିବାକୁ ସମର୍ଥ ହୋଇଛନ୍ତି। ଏହି ପ୍ରକିୟାରେ ସେମାନେ ଗଛମାନଙ୍କ ଦେହରେ ଏହି ଜାତୀୟ କବକ ଏବଂ ତା'ର ଅଭିବୃଦ୍ଧିରେ ସହାୟତା କରୁଥିବା କେତେକ ପୁଷ୍ଟି ଇଜେକ୍ସନ ଆକାରରେ ଦେଉଛନ୍ତି। ଫଳରେ ସେଗୁଡ଼ିକ ସେଥିରେ ବଂଶବିସ୍ତାର କରି ଶୀତଳ ନୀଳ ଆଲୋକ ଉତ୍ପନ୍ନ କରୁଛନ୍ତି। ଏପରିକି ଗଛର ମୃତ୍ୟୁପରେ ମଧ୍ୟ ଦୀର୍ଘକାଳ ଧରି ତାହା ତହିଁରୁ ନିର୍ଗତ ହେଉଛି।

ଆଶାକରାଯାଉଛି ଯେ ଏପ୍ରକାର ନୂତନତା ପ୍ରବର୍ତ୍ତନକାରୀ ସଫଳତା ପରିବେଶ ଅନୁକୂଳ ଆଲୋକର ଉତ୍ସ ରୂପେ କାର୍ଯ୍ୟ କରିପାରିବ। ଅତଏବ ପାରମ୍ପରିକ ବିଦ୍ୟୁତ୍ ଶକ୍ତିର ବ୍ୟବହାର ହ୍ରାସ ପାଇବ। ଏହି ଶକ୍ତିର ପ୍ରାୟ ୭୦ ଶତାଂଶ ଉତ୍ପନ୍ନ ହୋଇଥାଏ କୋଇଲା ଆଦି ଜୀବାଶ୍ମ ଇନ୍ଧନର ବ୍ୟବହାରରେ। ଫଳରେ ତହିଁରୁ ନିର୍ଗତ ହୁଏ ପ୍ରଚୁର ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ପ୍ରଦୂଷଣକାରୀ ପଦାର୍ଥ। ବର୍ତ୍ତମାନର ନୂତନ ପ୍ରକ୍ରିୟାଟି ବହୁଳ ଭାବେ ବ୍ୟବହାରକ୍ଷମ ହୋଇପାରିଲେ ଏ ସମସ୍ୟା ଲାଘବ ହେବ।

ବୈଜ୍ଞାନିକମାନେ ଜଙ୍ଗଲ ତଥା ନିର୍ଜନ ରାସ୍ତାଘାଟ କଡ଼ରେ ଥିବା ଗଛଲତାଙ୍କଠାରେ ଏହା ପ୍ରୟୋଗ କରିବା କଥା ଚିନ୍ତା କରୁଛନ୍ତି। ଅତଏବ ସେସବୁ ସ୍ଥାନ ଆଲୋକିତ ଓ ବିପଦମୁକ୍ତ ହୋଇପାରିବ। ପୁନଶ୍ଚ ଏବର ପ୍ରାକୃତିକ ଆଲୋକ ଜୀବଜନ୍ତୁମାନଙ୍କ ପାଇଁ ଅଧିକ ଗ୍ରହଣୀୟ ହେବ। ଅନ୍ୟପକ୍ଷରେ, ଏପ୍ରକାର ଗଛରେ କାଠରେ ଘରୋଇ ଉପକରଣମାନ ତିଆରି କରାଗଲେ ବିଦ୍ୟୁତ୍ ଆଦି କୃତ୍ରିମ ଆଲୋକର ଆବଶ୍ୟକତା ହ୍ରାସ ପାଇବ। ପୁନଶ୍ଚ ମନ୍ଦିର, ବିବାହ ମଣ୍ଡପ ଆଦିର ସାଜସଜାରେ ମଧ୍ୟ ଏହାର ବ୍ୟବହାର ହୋଇପାରିବ।

ଏଭଳି ବାୟୋଲୁମିନ୍ସେନସ ଉତ୍ପାଦନକାରୀ କବକ ବ୍ୟବହାର କରି ଦୀପ୍ତିମାନ ଗଛଲତା ଓ କାଠ ଉତ୍ପନ୍ନ କରିବା ଏକ ଅତ୍ୟନ୍ତ ସହନୀୟ ପ୍ରକ୍ରିୟା ହୋଇପାରିବ। ଏଥିରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ତାପଜ ବିଦ୍ୟୁତ୍ କେନ୍ଦ୍ର ବା ଜଳ ବିଦ୍ୟୁତ୍ କେନ୍ଦ୍ରମାନ ସ୍ଥାପନର ଆବଶ୍ୟକତା ହ୍ରାସ ପାଇବ। ଅତଏବ ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ପ୍ରଦୂଷକମାନଙ୍କ ନିର୍ଗମନ ତଥା ବନ ଧ୍ୱଂସ ଆଦି ସୀମିତ ହେବ। ପୁନଶ୍ଚ ଏହି ପରିବେଶ ଅନୁକୂଳ ଆଲୋକ ମଧ୍ୟ ମଣିଷ ଏବଂ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କ ସ୍ୱାସ୍ଥ୍ୟ ଅନୁକୂଳ ବୋଲି ମନେ କରାଯାଉଛି। ତେବେ ଏ ପ୍ରକ୍ରିୟାର ବ୍ୟାପକ ବ୍ୟବହାର ଲାଗି ଲୋଡ଼ା ଆହୁରି ଅନେକ ପରୀକ୍ଷା ନିରୀକ୍ଷା ଏବଂ ତାହାର ଅଧିକ ବିକାଶ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରମ୍ଭରୁ ଏସ୍ଆଇଆର୍...

ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ କରି ଆଶା ପ୍ରକାଶ କରିଥିଲେ ଯେ ସେ ଗୃହ ପରିଚାଳନାରେ ନିରପେକ୍ଷତା ଅବଲମ୍ବନ କରି ସଂସଦୀୟ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବେ । ଏହି ସମୟରେ ସେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ପ୍ରସଙ୍ଗ ଉଠାଇଥିଲେ । ଧନଖଡ଼ଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇ ପାରିଲା ନାହିଁ ବୋଲି ସେ ଉଲ୍ଲେଖ କରିଥିଲେ । ତେବେ ତାଙ୍କର ଏହି ବକ୍ତବ୍ୟକୁ ସରକାରୀ ସଭ୍ୟ ଦୃଢ଼ ବିରୋଧ କରିଥିଲେ । ନୂଆ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ ପୁରୁଣା କଥା ଉଠାଇବା ଠିକ୍ ନୁହେଁ ବୋଲି ମନ୍ତ୍ରୀ ରିଜିଜୁ ଏବଂ ଜେପି ନଡ୍ଡା କହିବା ସହିତ ଖଡ଼ଗେଙ୍କର ସମାଲୋଚନା କରିଥିଲେ । ନଡ୍ଡା କହିଥିଲେ ଯେ ଖଡ଼ଗେ ମାନସିକ ରୂପେ ଅସୁସ୍ଥ ଥିବାରୁ ସେ ଡାକ୍ତରଙ୍କୁ ଯାଇ ଦେଖା କରନ୍ତୁ ।

ଇତିମଧ୍ୟରେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ବିରୋଧୀ ସଦସ୍ୟମାନେ ଦେଇଥିବା ଏକାଧିକ ମୁଲତବୀ ନୋଟିସକୁ ରାଜ୍ୟସଭା ଅଧ୍ୟକ୍ଷ ଖାରଜ କରଦେଇଥିଲେ । ଜିରୋ ଆୱାର ବେଳେ ଏହି ପ୍ରସଙ୍ଗ ଉଠାଇବା ଲାଗି ରାଧାକ୍ରିଷ୍ଣନ ବିରୋଧୀ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ ବିରୋଧୀ ସଭ୍ୟ ଏହାକୁ ଗ୍ରହଣ ନକରି କକ୍ଷତ୍ୟାଗ କରିଥିଲେ ।

ଅନ୍ୟପକ୍ଷରେ ଆଜି ସଂସଦ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଗଣମାଧ୍ୟମରେ ଦେଇଥିବା ବିବୃତିକୁ ବିରୋଧୀ ଦଳ ସମାଲୋଚନା କରିଥିଲେ । ମୋଦୀ କହିଥିଲେ ଯେ କାମ କରିବା ପରିବର୍ତ୍ତେ ବିରୋଧୀ ସଭ୍ୟ ସଂସଦରେ ଡ୍ରାମାବାଜି କରୁଛନ୍ତି । କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କର ସମାଲୋଚନା କରି କହିଲେ ଯେ ବିରୋଧୀ ସଦସ୍ୟମାନେ ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ ଚାହାନ୍ତି । ଏହା କଣ ଡ୍ରାମାବାଜି ବୋଲି ସେ ପ୍ରଶ୍ନ କରିଥିଲେ ।

### ୫ ସହରରେ...

ପାଠକୀୟ ଆଦୃତି ଲାଭ କରିପାରିଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ତଥା ପୂର୍ବତନ ସାଂସଦ, ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ମ୍ୟାନେଜର ତଥା ଆଇପିଏଲର ପୂର୍ବତନ ଅଧ୍ୟକ୍ଷ ରଞ୍ଜିବ ବିଶ୍ୱାଳ 'ସକାଳ'ର ପ୍ରୟାସକୁ ପ୍ରଶଂସା କରିଥିଲେ । ତାଙ୍କ ପରି ଅନେକଙ୍କ ପାଇଁ ସମ୍ବାଦପତ୍ର ଏକ ନିଶା ବୋଲି ଉଲ୍ଲେଖ କରି ସେ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଅନୁରୂପ ଭାବରେ ଓଲିଉଡ୍ ଅଭିନେତ୍ରୀ ତଥା ସମାଜସେବୀ ବର୍ଷା ପ୍ରିୟଦର୍ଶିନୀ, ମିସେସ୍ ୱାଲର୍ଡ ୱାଇଡ୍(ଦୁବାଇ) ସଙ୍ଗୀତା ନାୟକ, ହିରୋ ମୋଟୋ କର୍ପର ଏରିଆ ମ୍ୟାନେଜର ଉଜ୍ଜ୍ୱଳ କୋହଲି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ମିନି ମାରାଥନରେ ପୁରୁଷ ବିଭାଗରେ ପ୍ରଥମ ହୋଇଥିବା ସୀତାକାନ୍ତ ଓରାମ୍, ଦ୍ୱିତୀୟସ୍ଥାନ ଏସ୍. ଲୋକନାଥ ଏବଂ ତୃତୀୟସ୍ଥାନ ଅଧିକାର କରିଥିବା ପରମେଶ୍ୱର ମାଝୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଅନୁରୂପ ଭାବରେ ମହିଳା ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିବା ମାମିନା ମୁର୍ମୁ, ଦ୍ୱିତୀୟ ପ୍ରଜ୍ଞାଶ୍ରୀ ସ୍ୱରୂପ ରାୟ ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବା ଜଲି ସାହାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

'ହିରୋ ମୋଟୋ କର୍ପ' ଓ 'ପାଲକନ' ସହଯୋଗରେ ଅନୁଷ୍ଠିତ ଏହି ମିନି ମାରାଥନ ଉଦ୍‌ଘାଟନ ଓ ଉଦ୍‌ଯାପନୀ ଉତ୍ସବରେ 'ସକାଳ' ସିଇଓ ସୁବ୍ରତ ଦାସ, ପ୍ରକାଶକ ଅମିତ କୁମାର ମଲ୍ଲିକ, କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦ୍ର ଦାସ, ବ୍ୟୁରୋ ମୁଖ୍ୟ ରଞ୍ଜିତ୍ ମହାନ୍ତି, ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ, ନନ୍ଦିଘୋଷ ଟିଭିର ସିଓଓ ଜବରଙ୍ଗ ପଣ୍ଡା, ସମ୍ପାଦକ ଶିଶିର ଭଞ୍ଜମିଶ୍ର, ବିଜ୍ଞାପନ ବିଭାଗ ମୁଖ୍ୟ ନରୋତ୍ତମ ସୁତ୍ର, ବାର୍ତ୍ତା ବିଭାଗ ସଂଯୋଜକ ଦୁଷ୍ମନ୍ତ ରଞ୍ଜନ ମହାନ୍ତିଙ୍କ ସହ ସକାଳ ଓ ନନ୍ଦିଘୋଷ ଟିଭିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସକାଳର ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଏହି ଅବସରରେ ପ୍ରାୟୋଜକ ଓ ସହପ୍ରଯୋଜକ ସଂସ୍ଥା ହିରୋ, ଅଲଟ୍ରା, ଓମଫେଡ୍, ମଣିପାଲ ହସ୍ପିଟାଲ, ମେଫେୟାର ଗ୍ରୁପ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହ ମଞ୍ଚରା ଦେବୀ ନର୍ସିଂ ଏକାଡେମୀର ଉପସଭାପତି ଶରତ ବିଶ୍ୱାଳ, ନବଜ୍ୟୋତି କଲେଜ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ପ୍ରଧାନ, ବିନାୟକ କନସେପ୍ଟ ସ୍କୁଲ ପ୍ରତିଷ୍ଠାତା ସଞ୍ଜୟ ରାଜ୍, ଡିଏସି ବାଲକର ଗୁପ୍ତ, ସିଭି ରମଣ କଲେଜ, ଓିଫର ଭୁବନେଶ୍ୱର, ଫେଡେରେସନ ଅଫ୍ ଫୁଡ୍ ଡ୍ରୋନେସନ ଅର୍ଗାନାଇଜେସନ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାୟାର ଇଞ୍ଜିନିୟରିଂ ଓ ସେଫ୍ଟି ମ୍ୟାନେଜମେଣ୍ଟ ଆଦି ସଂସ୍ଥାଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସେହିପରି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ' ଟିମ୍‌କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ସଂଗୀତ ଓ ସୋନାଲୀ ସଂଯୋଜନା କରିଥିଲେ ।

ପ୍ରସାର ବିଭାଗର ବରିଷ୍ଠ ଅଧିକାରୀ ପ୍ରିୟବ୍ରତ ଦାସ, ପ୍ରମୋଦ ନାୟକ, ସୁଧାଂଶୁ ସାହୁ, ବିଜ୍ଞାପନ ଅଧିକାରୀ ଅଭିଷେକ ସାହୁ, ନନ୍ଦିଘୋଷ ଟିଭିର ସତ୍ୟ ମହାନ୍ତି, ସନ୍ତୋଷ ପରିଡ଼ା, ଚନ୍ଦ୍ରକାନ୍ତ ପଣ୍ଡା, ମନୋଜ ସାହୁ, ସକାଳ ଡିଜିଟାଲ ମୁଖ୍ୟ ତାପସ କୁମାର, ବିତ୍ତ ବିଭାଗ ମୁଖ୍ୟ ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ୪୫ ମିନିଟରେ...

ପ୍ଲାଟଫର୍ମରେ ଉପଲବ୍ଧ ଥିବାରୁ ଅନେକାଂଶ ଟିକେଟ ପାଇବା ଆଶା ଛାଡି ଦେଇଥିଲେ । ଅଗ୍ରୀମ ବୁକିଂ କରିଥିବା କ୍ରିକେଟପ୍ରେମୀ ଆସନ୍ତା ୮ ଏବଂ ୯ ତାରିଖରେ ଟିକେଟର ହାର୍ଡ କପି ପାଇବେ । ଏଥି ନିମନ୍ତେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବ । ବାରବାଟୀରେ ଭାରତ ଓ ଦକ୍ଷିଣଆଫ୍ରିକା ମଧ୍ୟରେ ୯ ତାରିଖ (ମଙ୍ଗଳବାର) ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚ୍ ଦେଖିବା ନିମନ୍ତେ କ୍ରିକେଟପ୍ରେମୀଙ୍କ ଭିତରେ ଉତ୍କଣ୍ଠା ବହୁଗୁଣିତ ହେବାରେ ଲାଗିଲାଣି । ମ୍ୟାଚ୍ ଦିବସ ଯେତିକି ପାଖେଇଆସୁଛି ବାରବାଟୀ ମୁହାଁ ହେବାକୁ ନେଇ ଅଲୋଚନା ସେତିକି ସରଗରମ ହେଉଛି । ଅନଲାଇନ ଟିକେଟ ବିକ୍ରି ଶେଷ ହେବା ପରେ ଆସନ୍ତା ୮ ଏବଂ ୯ ତାରିଖରେ ସିଏଏ ଅନୁଷ୍ଠିତ ଯୁନିଟକୁ ଟିକେଟ ବିକ୍ରି କରାଯିବ । ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, କ୍ଲବ, ଜିଲ୍ଲା ସଂଘ ଏବଂ ସଦସ୍ୟଙ୍କ ପାଇଁ ମୋଟ୍ ୧୦ ହଜାର ଟିକେଟ ବିକିବାକୁ ଓସିଏ ସ୍ଥିର କରିଛି । ପରେ ଅବଶିଷ୍ଟ ୧୦ହଜାର ଟିକେଟ କାଉଣ୍ଟରକୁ ଚାଲିଯିବ । କେଉଁଠାରେ ୫ଟି କାଉଣ୍ଟର ଖୋଲିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି । ତନ୍ମଧ୍ୟରୁ ୨ଟି କାଉଣ୍ଟରରେ କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିବ । ଅଫଲାଇନ ଟିକେଟ ବିକ୍ରି ନିମନ୍ତେ ୫ ଏବଂ ୬ ତାରିଖ ଧାର୍ଯ୍ୟ ହୋଇଛି । ଟିକେଟ ବିକ୍ରି ପାଇଁ ଦୁଇଟି ଦିନରେ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ବାରବାଟୀରେ ହୋଇଥିଲେ ହେବ ବୋଲି ଆଶା ରହିଛି । ଉଭୟ ଦଳ ପିଚ୍ ଏବଂ ଆଉଟଫିଲ୍ଡ଼ରେ କାମ ଚାଲିଥିବା ବେଳେ ପିଚ୍‌ର ଚୂଡ଼ାନ୍ତ ପ୍ରସ୍ତୁତି ମଙ୍ଗଳବାରଠାରୁ ଆରମ୍ଭ କରାଯିବ ବୋଲି ଓସିଏ ପକ୍ଷରୁ ଜଣାପଡ଼ିଛି ।

### ଡିଜିଟାଲ ଆରେଷ୍ଟ...

ହାସଲ, ବ୍ୟାଙ୍କ ଆକାଉଣ୍ଟ ଜବତ କରିବାକୁ ଅଧିକାର ପ୍ରଦାନ କରିଛନ୍ତି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ।

ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ ଯେ ଡିଜିଟାଲ ଆରେଷ୍ଟରେ ଠକ ନିଜକୁ ପୁଲିସ, କୋର୍ଟ କିମ୍ବା ସରକାରୀ ଏଜେନ୍ସିର ଅଧିକାରୀ କହି ଭିଡିଓ/ଅଡିଓ କଲ୍ ମାଧ୍ୟମରେ ପୀଡ଼ିତଙ୍କୁ, ବିଶେଷ କରି ବରିଷ୍ଠ ନାଗରିକଙ୍କୁ ଧମକ ଦେଉଛନ୍ତି । ସେମାନଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି । ଏହି ମାମଲାରେ ସୁପ୍ରିମକୋର୍ଟ ଆରବିଆଇକୁ ମଧ୍ୟ ନୋଟିସ ଜାରି କରିଛନ୍ତି । ସାଇବର ଠକେଇରେ ବ୍ୟବହୃତ ବ୍ୟାଙ୍କ ଖାତାକୁ ତୁରନ୍ତ ଟ୍ରାକ୍ ଏବଂ ଜବତ କରିବାକୁ ଏଆଇ କିମ୍ବା ମେସିନ ଲର୍ଣ୍ଣିଂ ଜ୍ଞାନକୌଶଳର କାହିଁକି ବ୍ୟବହାର କରାଯାଉ ନାହିଁ ବୋଲି ପଚାରିଛନ୍ତି । ସେହିପରି ଆଇଟି ଇଣ୍ଟରମିଡିଆରିଜ ଆଇନ ଅଧୀନରେ ସିବିଆଇକୁ ଆବଶ୍ୟକ ସହଯୋଗ ଏବଂ ତଥ୍ୟ ଦେବାକୁ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଦେଶରେ ଥିବା ସାଇବର ଅପରାଧୀଙ୍କ ପାଖରେ ପହଞ୍ଚିବାକୁ ଇଣ୍ଟରପୋଲର ସହାୟତା ନେବା ପାଇଁ ସିବିଆଇକୁ କହିଛନ୍ତି ।

ଟେଲିକମ ବିଭାଗ ଏବଂ ରାଜ୍ୟମାନଙ୍କୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ କିଛି ନିର୍ଦ୍ଦେଶ ଜାରି କରିଛନ୍ତି । ଜଣେ ବ୍ୟକ୍ତି କିମ୍ବା ସଂସ୍ଥାକୁ ଏକାଧିକ ସିମ୍ ଜାରି ନ କରିବା ପାଇଁ କହିଛନ୍ତି । କାରଣ ସାଇବର ଅପରାଧରେ ଏଗୁଡ଼ିକର ବହୁଳ ବ୍ୟବହାର କରାଯାଉଛି । ସାଇବର ଠକେଇର ମୁକାବିଲା ପାଇଁ କି ଯୋଜନା କରିଛ ତାହାର ଜବାବ ଦେବାକୁ କୋର୍ଟ ଟେଲିକମ ବିଭାଗକୁ କହିଛନ୍ତି । ଆଞ୍ଚଳିକ ଏବଂ ରାଜ୍ୟସ୍ତରରେ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର ପ୍ରତିଷ୍ଠା ପାଇଁ ରାଜ୍ୟଗୁଡ଼ିକୁ କହିଛନ୍ତି । ଏହା ଦ୍ୱାରା ସିବିଆଇ ଏବଂ ପୁଲିସ ମଧ୍ୟରେ ଉତ୍ତମ ସହଯୋଗ ରହିବ । ଏହି ତଦନ୍ତରେ ସହାୟତା ପାଇଁ ରାଜ୍ୟଗୁଡ଼ିକର ଅଧିକାରୀ ଚୟନ ଲାଗି ମଧ୍ୟ କୋର୍ଟ ସିବିଆଇକୁ ସ୍ୱାଧୀନତା ଦେଇଛନ୍ତି ।

### ୭ ମାସରେ...

କହିଥିଲେ ଯେ ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଅକ୍ଟୋବର ଶେଷ ସୁଦ୍ଧା ମାତ୍ର ୩୯ ପ୍ରତିଶତ ବଜେଟ ଅର୍ଥ ବ୍ୟୟ ହୋଇଛି । ଏଥିରୁ ପ୍ରଶାସନିକ ବ୍ୟୟ ୪୪ ପ୍ରତିଶତ ଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ୩୬ ପ୍ରତିଶତ । ଅକ୍ଟୋବର ଶେଷ ସୁଦ୍ଧା କ୍ରୀଡ଼ା ବିଭାଗ ମାତ୍ର ୮.୮୩ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଥିବା ବେଳେ ଯୋଜନା ଓ ସଂଯୋଜନ ବିଭାଗ ୧୩.୭୮ ପ୍ରତିଶତ, ପଞ୍ଚାୟତିରାଜ ବିଭାଗ ୨୩.୨୦ ପ୍ରତିଶତ, ଖଣି ବିଭାଗ ୧୬.୩୩ ପ୍ରତିଶତ, ଶକ୍ତି ବିଭାଗ ୨୮.୮୬ ପ୍ରତିଶତ, ବିପର୍ଯ୍ୟୟ ପରିଚାଳନା ୧୧.୮୭ ପ୍ରତିଶତ, ଏମଏସଏମଇ ବିଭାଗ ମାତ୍ର ୧୭.୫୩ ପ୍ରତିଶତ ବଜେଟ ଅର୍ଥ ବ୍ୟୟ କରିଛନ୍ତି । ହାତରେ ଆଉ ମାତ୍ର ୪ ମାସ ସମୟ ବାକି ରହିଛି । ଏପରିକ୍ଷେତ୍ରେ ବଜେଟ ଅର୍ଥ କିପରି ବ୍ୟୟ ହେବ ବୋଲି ସେ ପ୍ରଶ୍ନ କରିଥିଲେ । ଏପରିକି ଗଣଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳସମ୍ପଦ , ପଞ୍ଚାୟତିରାଜ ବିଭାଗରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏଥିରେ କମ୍ ଅର୍ଥ ବ୍ୟୟ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ । ସେହିପରି କେନ୍ଦ୍ରୀୟ ଅନୁଦାନ ଉପରେ ରାଜ୍ୟ ସରକାର ବଜେଟ ବ୍ୟୟ ଅଟକଳ କରିଥିଲେ । ୪୧ ହଜାର କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ପାଇବେ ବୋଲି ରାଜ୍ୟ ସରକାର ଆକଳନ କରିଥିଲେ । ମାତ୍ର ବର୍ତ୍ତମାନ ସୁଦ୍ଧା ୭ ହଜାର ୬୧୩ କୋଟି ଟଙ୍କା ପାଇଛନ୍ତି । ମାତ୍ର ୧୮ ପ୍ରତିଶତ ପାଇଛନ୍ତି । ଅବଶିଷ୍ଟ ୪ ମାସରେ କେନ୍ଦ୍ର ସବୁ ଟଙ୍କା କେନ୍ଦ୍ର ସରକାର ଦେବେ ତ । ଏହାଦ୍ୱାରା ରାଜ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ । କଂଗ୍ରେସ ବିଧାୟକ ଦଳ ନେତା ରାମ କାଡାମ କହିଥିଲେ ଯେ ବିଭିନ୍ନ ବିଭାଗରେ ବଜେଟ ବ୍ୟୟ ଅତ୍ୟନ୍ତ ନୈରାଶ୍ୟଜନକ । ବଜେଟ ଅର୍ଥ ଖର୍ଚ୍ଚ ନହେଲେ, ଲୋକଙ୍କ ବିକାଶ ହୋଇପାରିବ ନାହିଁ। ଏ କ୍ଷେତ୍ରରେ ସରକାରଙ୍କର ଆନ୍ତରିକତାର ଅଭାବ ରହିଛି । ଆଉ ୨-୩ ମାସ ମଧ୍ୟରେ ଶତ ପ୍ରତିଶତ ବ୍ୟୟ କରିବା ପାଇଁ କେଉଁ ପଦକ୍ଷେପ ନେବେ ବୋଲି ସେ ପ୍ରଶ୍ନ କରିଥିଲେ । ସେହିପରି ବିଧାୟକ ନିରଞ୍ଜନ ପୂଜାରୀ ଗତବର୍ଷ କେତେ ବଜେଟ ସରେଣ୍ଡର ହୋଇଥିଲା ଏବଂ ଚଳିତ ବର୍ଷ କେତେ ହେବା ନେଇ ସରକାର ଅନୁମାନ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ ।

### ଅର୍ଥନୈତିକ ଅବରୋଧ...

ଅନ୍ୟପଟେ ଜୟନ୍ତପୁର ଛକ ପର୍ଯ୍ୟନ୍ତ ଭାରୀଯାନର ଲମ୍ବାଲାଇନ ଲାଗିଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ବାରମ୍ବାର ଅଧିକାରୀମାନେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ସନ୍ଧ୍ୟା ୭ଟାରେ ପ୍ରଶାସନିକ ଅଧିକାରୀ ମଙ୍ଗଳବାର ଧାନକ୍ରୟ ସ୍ୱାଭାବିକ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା ।

ସମ୍ବଲପୁର ଜିଲ୍ଲାରେ ଧାନ ସଂଗ୍ରହରେ ଚଳିତବର୍ଷ ବ୍ୟାପକ ଅବ୍ୟବସ୍ଥା ହୋଇଛି । ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି(ଡିଏଲ୍‌ପିସି) ବୈଠକରେ ସମ୍ବଲପୁର ଜିଲ୍ଲାରେ ନଭେମ୍ବର ୨୮ ତାରିଖରୁ ଧାନ ସଂଗ୍ରହ ତାରିଖ ଧାର୍ଯ୍ୟ ହୋଇଥିଲା । ସେହିଦିନ ଟୋକନ ପାଇଥିବା ଚାଷୀ ବରେଇପାଲି ମାର୍କେଟ୍ ୟାର୍ଡକୁ ଶହଶହ କ୍ୱିଣ୍ଟାଲ ଧାନ ନେଇଥିଲେ । ବରେଇପାଲିସ୍ଥିତ ନିୟନ୍ତ୍ରିତ ବଜାର କମିଟିଠାରେ ଜିଲ୍ଲା ପ୍ରଶାସନ, ଚାଷୀ ଓ ମିଲର୍‌ମାନଙ୍କ ମଧ୍ୟରେ ପ୍ରାୟ ୫ଘଣ୍ଟା ଧରି ଆଲୋଚନାର କିଛି ନିଷ୍କର୍ଷ ବାହାରି ନଥିଲା । ମିଲର୍ ୭ ଦଫା ଦାବି ପୂରଣ ନହେଲେ ଧାନ ନେବନି ବୋଲି ନଛୋଡ଼ବନ୍ଧା ଥିବା ବେଳେ ଚାଷୀମାନେ ଧାନ ଫେରାଇ ନେବେନି ବୋଲି ଜିଦ୍ ଧରିଲେ । ସଦର ଉପଜିଲ୍ଲାପାଳ ଶନିବାର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଶନିବାର ସକାଳେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ସମବାୟ ସମିତି ସମୂହ ଉପନିବନ୍ଧକଙ୍କ ଉପସ୍ଥିତିରେ ମାର୍କେଟ୍ ୟାର୍ଡରୁ ଧାନ ମିଲ୍‌କୁ ଧାନ ପଠାଗଲା । କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ମିଲ୍‌ଗୁଡ଼ିକର ଫାଟକ ଖୋଲାଗଲା ନାହିଁ। ଏନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ପ୍ରଶାସନିକ ଚାପରେ ମିଲ୍‌ର ଫାଟକ ଖୋଲି ଧାନ ସଂଗ୍ରହ କରିଥିଲା । ଧାନକୁ ଓଜନ କରି ସ୍ଲିପ ଦେଇଥିଲା । କିନ୍ତୁ ସ୍ଲିପ୍‌ରେ କେବଳ ଧାନର ଓଜନ ରହିଛି, ଏହାର ମୂଲ୍ୟ ନାହିଁ। ମିଲ୍ ଓ ଯୋଗାଣ ବିଭାଗ ମଧ୍ୟରେ ଏଗ୍ରିମେଣ୍ଟ କରାହୋଇନି । ଏହି ଧାନ ମିଲ୍‌ରେ ଗଚ୍ଛିତ ରହିବ । ଚାଷୀକୁ ତା'ର ପ୍ରାପ୍ୟ ମିଳିବ ନାହିଁ।

ଏହାକୁ ନେଇ ଆଜି ଚାଷୀମାନେ ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୩ ଓ ୫୫ର ସଂଯୋଗସ୍ଥଳୀ ତୁମ୍ବେସିଂହା ଛକଠାରେ ଅର୍ଥନୈତିକ ଅବରୋଧ କରିଥିଲେ । ଏଥିରେ ପରମାଣପୁର, ସେରସୁଆଁତଲ, କୁକୁଡ଼ାପାଲି, ତବଲା, ଧମା, ହୁମା, ଗୁଣ୍ଡେରପୁର, ମାନେଶ୍ୱର, ସାହାସପୁର, ଚାଉଁରପୁର ଆଦି ବିଭିନ୍ନ ମଣ୍ଡି ଗୁଡ଼ିକର ଚାଷୀମାନେ ଏହି ରାସ୍ତାରୋକରେ ସାମିଲ ହୋଇଥିଲେ । ବିକ୍ଷୋଭରତ ଚାଷୀମାନେ କେବଳ ମାଲବାହୀ ଗାଡ଼ିଗୁଡ଼ିକୁ ଅଟକାଇଥିଲେ । ଆନ୍ଦୋଳନ ସ୍ଥଳରେ ଅତିରିକ୍ତ ଏସ୍‌ପି, ଏସଡିପିଓ ଓ ବିଭିନ୍ନ ଥାନାର ଥାନାଧିକାରୀ ସମେତ ପୁଲିସ ଫୋର୍ସ ମୁତୟନ ଥିଲେ । ଅନ୍ୟପକ୍ଷରେ ଯୋଗାଣ ବିଭାଗର ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରିଥିଲେ । ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଆସନ୍ତାକାଲିଠାରୁ ଅନ୍‌ଲାଇନରେ ଟୋକନ, ପି-ପାସ, ମିଲର୍ ଟାର୍ଗେଟ୍, ଆଇ-ସ୍କାନିଂ ଆଦି କରି ଧାନ ସଂଗ୍ରହ ହେବ ବୋଲି ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେଇଛି । କାଲିଠୁ ଠିକ୍ ଭାବେ ଧାନ କିଣା ହେବ ବୋଲି ଆଶା ଅଛି । କିନ୍ତୁ, ପ୍ରାୟ ୧୯ ହଜାର ଚାଷୀଙ୍କ ଟୋକନ୍ ଆସି ନାହିଁ। ଯେଉଁ ୫୪ହଜାର ଚାଷୀଙ୍କ ଟୋକନ୍ ଆସିଛି, ସେମାନଙ୍କ କେବଳ ୭୫ କ୍ୱିଣ୍ଟାଲ ବିକ୍ରୟ ପାଇଁ ଆସିଛି, ବାକି ଧାନ ଚାଷୀ କ'ଣ କରିବ? ସାମଗ୍ରିକ ଭାବେ ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ। ଜିଲ୍ଲା କୃଷକ ସଂଗଠନ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଆସନ୍ତାକାଲିଠାରୁ ଧାନ କିଣାବିକା ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି । ଆଗକୁ ଖରିଫ ଧାନ କିଣାବିକାରେ କୌଣସି ସମସ୍ୟା ହେବ ନାହିଁ ବୋଲି ଆଶା କରୁଛୁ ।

### ଭୁବନେଶ୍ୱର ଏମ୍ସକୁ...

ଭାରତୀ ମିଶ୍ର ଏହି କାର୍ଯ୍ୟର ତଦାରଖ କରୁଛନ୍ତି । ସ୍ୱାସ୍ଥ୍ୟସେବା ପ୍ରତି ଗୁରୁଙ୍କ ବଦାନ୍ୟତା ଦେଖି ଅଞ୍ଚଳବାସୀ, ଛାତ୍ରୀ ଖୁସି ହେବା ସହ ତାଙ୍କ ଆଦର୍ଶ ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି । ୧୯୨୬ ମସିହା ଡିସେମ୍ବର ୫ ତାରିଖରେ ଡା. ଲକ୍ଷ୍ମୀ ବାଇଙ୍କ ଜନ୍ମ । ୧୯୪୫ରୁ ୧୯୫୦ ମସିହା ମଧ୍ୟରେ ସେ କଟକ ଏସସିବି ମେଡିକାଲ କଲେଜରେ ଏମବିବିଏସ ପଢ଼ିବା ପରେ ୧୯୫୮ରେ ମାଡ୍ରାସ୍ ମେଡିକାଲ କଲେଜ ଡିଜିଓ ଆଣ୍ଡ ଏମ୍‌ଡି ଇନ୍ 'ଓଏସଜି' ପାଠ ପଢ଼ିଥିଲେ । ୧୯୫୦ ମସିହାରେ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲରୁ ଚାକିରି ଜୀବନ ଆରମ୍ଭ କରି ୧୯୮୬ ମସିହାରେ ଏମ୍‌କେସିଜିରେ ଅବସର ନେଇଥିଲେ । ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ଭାରତଜ୍ୟୋତି ଆୱାର୍ଡ, ଇଣ୍ଟରନ୍ୟାସ୍‌ନାଲ ଫ୍ରେଣ୍ଡସିପ୍ ସୋସାଇଟି ଆୱାର୍ଡ ଏବଂ ବେଷ୍ଟ ସିଟିଜେନ୍ ଅଫ୍ ଇଣ୍ଡିଆ ଆୱାର୍ଡ ଭଳି ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।


**ପୂର୍ବ ତଟ ରେଳପଥ**

ଶୁଦ୍ଧିପତ୍ର ସଂ.01
ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIII BBS2025031, ତା.14.08.2025 ରିଖ
ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସଂ. ସନ୍ଦର୍ଭରେ ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ରୂପାନ୍ତରଣ କରାଯାଇଛି ।

| ପ୍ରକାଶିତ ଅନୁଯାୟୀ | ପଢ଼ାଯିବା ଆବଶ୍ୟକ |
|---|---|
| 11.12.2025, 1200 ଘଟିକା | 27.01.2026, 1200 ଘଟିକା |

ବିସ୍ତୃତ ବିବରଣୀ ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-172/CI/25-26

**AFFIDAVIT**
I, Praduymnya Rout, S/o- Dolagobinda Rout, resident of At-Balabhadrapur, Cuttack sadar, Cuttack, Dist-Cuttack, PIN-753012, Odisha declared by this affidavit No-982, dtd-01/12/2025 that now onwards I shall be known as **PRADYUMNA ROUT** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, vide No - 46, dtd 01/12/2025. I, Barun Kumar Sahoo, At/Po/Ps - Tamando, Pin - 752054, Dist - Khordha, Odisha, declare that I have changed my name from Barun Sahoo to Barun Kumar Sahoo. Henceforth I shall be known as Barun Kumar Sahoo for all purposes.

**NOTICE**
By virtue of an affidavit sworn before Executive Magistrate, Puri, Dated 27.11.2025, I, Susanta Sahoo, S/o- Rajkishore Sahoo, At-Tridev Nagar, Markandeswar Sahi, Puri, Po-Puri, Ps- Baseli sahi, Dist- Puri, Pin- 752001, Odisha declare that I have changed my name from Susanta Kumar Sahoo to Susanta Sahoo. Henceforth, I shall be known as Susanta Sahoo for all purposes.
(Susanta Sahoo)

**AFFIDAVIT**
By virtue of an affidavit before the Notary Public, Sonepur, dtd.01.12.2025. I, Priyanka Kaanr, resident of Bhajabajpur, PO-Dharmasala, PS-Birmaharajpur, Dist-Subarnapur, Odisha, PIN-767062, do hereby declare that my I have changed my name from Priyanka Kaanr to Priyankarani Kaanr. Henceforth I shall be known as Priyankarani Kaanr for all purposes.
Sd/- Priyankarani Kaanr

**AFFIDAVIT**
I, Droupadi Agrawal, aged about 59 years, W/o-Binod Kumar Agrawal, resident of Ward No-8, Rajapada, Khariar, Po-Khariar, Ps- Khariar, Dist-Nuapada, Odisha, Pin-766107 declare by this affidavit No. 2421, dtd-30/11/2025, that now onwards I shall be known as **DROPTI DEVI AGRAWAL** for all future purposes.

**AFFIDAVIT**
By Virtue of an affidavit sworn before Executive Magistrate, Khordha Dtd. 19/11/2025. Affidavit No.-3398, I Keshav Kelu Sahoo, Address- Govindapur, Po.-Parichhal, Ps.- Begunia, Dist.- Khordha, Pin-752062 declare that, my Name from **Keshav Chandra Sahu** to **Keshav Kelu Sahoo**. Henceforth, I shall be known as **Keshav Kelu Sahoo** for all purposes.

**AFFIDAVIT**
I Santosh Giri s/o- Krushna Prasad Giri - , resident of village - Sialia, Po-Pasarbindha Ps-Bhograi, Dist- Balasore, Odisha, declared by affidavit before Executive Magistrate , Bhograi No.6008/1.12. 2025, that my minor son's former name Aush Giri has changed to Ayush Giri form the date.Hence my son name shall be known as Ayush Giri for all future purpose.

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, dated 25.11. 2025 I, KEDARA SAHU, S/o - Late. Subash Chandra Sahoo, Residences of Bada Harijan Sahi, Nabarangpur, Po.- Nabarangpur, Ps.- Nabarangpur, Dist.- Nabarangpur, Odisha, Pin - 764059, declare that, I have changed the name of my Son from **SOUMYA HARIJAN SAHU** to **ANSUMAN SAHU**. Henceforth, he shall be known as **ANSUMAN SAHU** for all purposes.
Sd/- Kedara Sahu

**AFFIDAVIT**
I, Susmita Rout, W/o- Pradyumna Rout, resident of At-Balabhadrapur,Chhatra Bazar, Cuttack sadar, A D Market, Cuttack, Dist-Cuttack, PIN-753012, Odisha declared by this affidavit No-983, dtd-01/12/2025 that now onwards I shall be known as **SUSHMITA ROUT** for all future purposes.

**AFFIDAVIT**
I, Anusmita Sahoo, D/o Seshadev Sahu, W/o-Debabrata Sahu, resident of AT/PO- Ekatara, PS- M Rampur, Dist- Kalahandi, PIN- 766102, Odisha, present resident of AT/PO-Titilagarh, Dist- Balangir, PIN- 767033, Odisha declared by this affidavit No. 72AA 949067, date-12/11/2025 that now onwards I shall be known as **ANUSMITA SAHU** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Sohela, vide no. 02, dated 20.11.2025 I, Kalachand Bhue, S/o - Sujan Bhue, R/o Village/ P.O.-Chhuriapali, Ps.- Sohela, Dist.- Bargarh, declare that, I have changed the name of my minor Son from **ROHIT BHUE** to **PRITAM BHUE**. Henceforth, he shall be known as **PRITAM BHUE** for all purposes.
Sd/- Kalachand Bhue

**NOTICE FOR CANCELLATION OF TENDER** A-1026
Office of The Executive Engineer
Muran Dam Division
Upper Indravati Dam Circle, Khatiguda
Dist.: Nabarangpur-764085
Date: 28.11.2025

It is hereby informed to the public and all concerned that the Tender invited vide Tender Call Notice No. EEMDD-03/2025-26, Dated: 06.11.2025 for the work "Deployment of one light Commercial Vehicle (Bolero/TUV-300 / SUMO Gold/ Ertiga) on hire basis to be engaged for official use of the Executive Engineer, Muran Dam Division, UIDC, Khatiguda for one year/12 calendar months." has been cancelled.

The tender has been cancelled due to non-qualification of any bidder in the Techno-Commercial evaluation stage, resulting in no bidder is qualified for further proceedings.

OIPR-32230/11/0006/2526
Executive Engineer
Muran Dam Division

**କୃଷି ମହାବିଦ୍ୟାଳୟ, ଭବାନୀପାଟଣା (ଓୟୁଏଟି)** KK-286
**COLLEGE OF AGRICULTURE, BHAWANIPATNA**
*(Odisha University of Agriculture & Technology)*
Arkabahali Farm, Raipur Road, Bhawanipatna – 766001, Odisha
Email: **deancab@ouat.ac.in**
**HIRING OF VEHICLE**
**TENDER NOTICE No- 01/2025-26**

Sealed Quotation/Tender in the prescribed proforma are invited from interested reputed Travel agencies/Tour Operators/Private individuals for providing one number of AC Petrol/Diesel (**TUV-300, BOLERO, SUMO GOLD, ERTIGA** etc.) driven vehicles having sitting capacity not less than 07 including driver on monthly hire rent basis for official use of OUAT, as and when required. The vehicle should not be more than **3 (three) years old** from the date of initial registration and should be in a good running condition. The detail Terms and Conditions along with the Forms for hiring of the vehicle is available in the office of the undersigned on any working day during office hour on payment of tender paper cost amounting **Rs. 2000/- (Rupees two thousand)** (Non-refundable) from **08.12.2025 to 07.01.2026 up to 5.00 P.M.** or can be downloaded from official website www.ouat.ac.in. If tender papers are downloaded from website, the bid should be submitted with the tender paper cost amounting **Rs. 2000/- in shape of DD in favour of Dean, College of Agriculture, Bhawanipatna (Non-refundable).** The tender paper duly filled in (complete in all respect) and accompanied with the **Earnest Money Deposit (EMD) of Rs. 13,400/- (Rupees thirteen thousand four hundred only)** in shape of NSC/KVP/POTD/TDR (duly pledged in favour of the Dean, College of Agriculture, payable at Bhawanipatna) and proof of tender paper cost (money receipt/DD in favour of Dean, College of Agriculture, Bhawanipatna) should reach the undersigned on or before **Dt. 07.01.2026 by 5.00 P.M.** through registered post/speed post and shall be opened on the next day i.e. on **Dt. 08.01.2026 at 4.00 P.M.** in presence of the bidders or their authorized representatives. The EMD of unsuccessful bidders will be refunded on completion of tender process.

Sd/- Dean,
College of Agriculture, Bhawanipatna.
OIPR-01575/11/0003/2526

**ପୌର ପରିଷଦ, ଖୋରଧା** C-1584

ଦୈନିକ ଓଡ଼ିଆ ଖବର କାଗଜ "ସକାଳ"ର ପ୍ରତିଟି ଖବର ଖୋରଧା ତଥା ଓଡ଼ିଶାର ଜନସାଧାରଣଙ୍କ ନିକଟରେ ବେଶ୍ ପ୍ରିୟଭାଜନ ହୋଇପାରିଛି । ୫ମ ବାର୍ଷିକ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଖୋରଧା ପୌର ପରିଷଦ ଓ ଜନସାଧାରଣଙ୍କ ତରଫରୁ ଏହାର ଉତ୍ତରୋତ୍ତର ଉନ୍ନତି ଓ ଦୀର୍ଘ ସଫଳତା କାମନା କରୁଅଛି ।

ରିଜ୍‌ୱାନା କଅକବ୍, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା
OIPR-

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com
- **B. Pharm** — *Rs. 58,000/- P.A.* — Eligibility: +2 Sc. (PCB/M & OJEE Appeared)
- **D. Pharm** — *Rs. 48,000/- P.A.* — Eligibility: +2 Sc. (PCB/M)
- **B.M.L.T.** — *Rs. 58,000/- P.A.* — Eligibility: +2 Sc. (PCB/M with 50 % Mark)
- **D.M.L.T.** — *Rs. 48,000/- P.A.* — Eligibility: +2 Sc. Pass (PCB/M)
- **M.P.H.** — *Rs. 42,000/- P.A.* — Eligibility: Any Graguate

ALL COURSE FEES ARE EXCLUDING HOSTEL

**RAIN, SUN AND FIREPROOF**
**KONARK IS THE RIGHT ROOF**
KONARK — Right at the top
USE KONARK AC SHEETS & ACCESSORIES

**UAL - ODISHA**
(PROP. : UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)

**ODISHA WORKS**
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com

**BENGAL WORKS**
**UAL - BENGAL**
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

**U.P. WORK**
**UAL - UTTAR PRADESH**
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com



*WHILE SOME PERSUE FOR EXCELLENCE*
*WE ARE BORN TO EXCELL.*

**ପୌରପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ,**

ପଟ୍ଟାମୁଣ୍ଡାଇ ପୌର ପରିଷଦ ତାହାର ଅଗଣିତ ଟିକସ ଦାତା, ପୌରବାସୀ, ବ୍ୟବସାୟୀ ଅନୁଷ୍ଠାନ ଓ ବୃଦ୍ଧିଜିବୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହଯୋଗ କାମନା କରୁଅଛି ।

ନିବେଦନ
01. ପୌର ପରିଷଦ ଅଞ୍ଚଳର ଜନ ସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
02. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ଓ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇ ନିଅନ୍ତୁ ।
03. ସହର ଓ ଆଭ୍ୟନ୍ତରିଣ ରାସ୍ତା ଗୁଡିକ ଉପରକୁ ଗୃହ ପାଳିତ ପଶୁମାନଙ୍କୁ ଅନଧିକାର ଭାବେ ଛାଡନ୍ତୁ ନାହିଁ ।
04. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ବ୍ୟବସାୟ ଲାଇସେନ୍ସ କରାଇ ନିଅନ୍ତୁ ।
05. ପତିତ ଜମି ଓ ରାସ୍ତା କଡରେ ବୃକ୍ଷ ରୋପଣ କରିବା କାର୍ଯ୍ୟରେ ନିଜକୁ ସାମିଲ କରି ପରିବେଶ ସୁରକ୍ଷାରେ ସହାୟକ ହୁଅନ୍ତୁ ।
06. ସରକାରୀ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରନ୍ତୁ ନାହିଁ ।
07. ପରିଷଦର ସମ୍ପତ୍ତି ସୁରକ୍ଷା କରିବା ଆପଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।
08. ସର୍ବସାଧାରଣ ରାସ୍ତା ଉପରେ ମଇଳା, ଆବର୍ଜ୍ଜନା ଜମା କରନ୍ତୁ ନାହିଁ କିମ୍ବା ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
09. ଡଷ୍ଟ ବିନକୁ ସୁଚାରୁ ରୂପେ ଘରେ ଏବଂ ମାର୍କେଟରେ ବ୍ୟବହାର କରନ୍ତୁ ।
10. ଭୂତଳ ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ କରନ୍ତୁ । ବର୍ଷା ଜଳ ସଂରକ୍ଷଣ ନିମନ୍ତେ ନିଜ ଗୃହରେ Rain Water Harvesting ଉପାୟ ଅବଲମ୍ବନ କରନ୍ତୁ ।

ଆମର ଲକ୍ଷ୍ୟ:-
- ବେକାର ଯୁବକ ଓ ଯୁବତୀଙ୍କ ଥଇଥାନ ପାଇଁ ରାମ ମନ୍ଦିର ନିକଟରେ ମାର୍କେଟ୍ କମ୍ପ୍ଲେକ୍ସ ଚଳିତ ବର୍ଷ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଅଛି ।
- ପଟ୍ଟାମୁଣ୍ଡାଇ ତହସିଲ ପୋଖରୀର ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଚଳିତ ବର୍ଷ ପୂର୍ଣ୍ଣାଙ୍ଗ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।
- ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେଉଅଛି ।
- ୱାର୍ଡ ନଂ-08,12,13, ଓ 15 ଠାରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ଓ.ଆର.ଏସ୍
ନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ
ଅଧ୍ୟକ୍ଷ
ଉପାଧ୍ୟକ୍ଷା ଓ ସମସ୍ତ ପାରିଷଦ ବୃନ୍ଦ

୫ମ ସ୍ୱନକ୍ଷତ୍ର

ସକାଳ THE SAKALA
www.sakalaepaper.com
ନୟାଗଡ଼

### ଥାନାକୁ ନ ଜଣାଇ ଚଢ଼ଉ କଲେ ଏସ୍‌ଡିପିଓ

# ସନ୍ଦେହ ଘେରରେ ଇଟାମାଟି ପୁଲିସର ଭୂମିକା

ନୟାଗଡ଼,୧।୧୨(ସମିସ):

ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ପ୍ରତାପପ୍ରସାଦ ଲାଠିପଡ଼ା ରାସ୍ତାରେ ରହିଥିବା ହୋଟେଲ୍ ଦୀପକ ଉପରେ ରବିବାର ପୁଲିସ ଚଢ଼ଉ କରିଛି। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିବାବେଳେ ଏଥିରେ ସଦର

## ଜେଲ୍ ଗଲେ ଦୀପକ ହୋଟେଲ ମାଲିକ

ଥାନା ଓ ଟାଉନ ଥାନା ପୁଲିସ ସାମିଲ ହୋଇଥିଲେ। ହୋଟେଲ ଭିତରୁ ଜଣେ ଦେହଜୀବୀକୁ ପୁଲିସ ଧରିବାରେ ସଫଳ ହୋଇଥିବାବେଳେ ଗ୍ରାହକ ଖସି ଯାଇଥିଲା। ଏହା ସହିତ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିଲା। ଏହି ଘଟଣାରେ ହୋଟେଲ ମାଲିକ ସୁଦର୍ଶନ ନନ୍ଦଙ୍କୁ ଗିରଫ କରାଯାଇ



ସୋମବାର କୋର୍ଟ ଚାଲାଣ କରାଯାଇଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ କାରାଗାରକୁ ପଠାଯାଇଛି। ପ୍ରତାପପ୍ରସାଦ ଓ ଲାଠିପଡ଼ା ରାସ୍ତାରେ ରହିଥିବା ଏହି ହୋଟେଲରେ ଦୀର୍ଘଦିନ ଧରି ବେଆଇନ ଭାବେ ଦେହ ବ୍ୟବସାୟ ହୋଇ ଆସୁଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଯାଉଥିଲା। ଏନେଇ "ସକାଳ'ରେ ଖବର ପ୍ରକାଶ ପାଇବା ପରେ ରବିବାର ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ଚଢ଼ଉ ହୋଇଥିଲା। ନୟାଗଡ଼ ଏସ୍‌ଡିପିଓଙ୍କ ନେତୃତ୍ୱରେ ସଦର ଥାନା, ଟାଉନ ଥାନା ପୁଲିସ ଚଢ଼ଉ କରି ଉକ୍ତ ହୋଟେଲରୁ ଦେହଜୀବୀଙ୍କୁ ଧରିବାରେ ସଫଳ ହୋଇଥିଲେ। ଉକ୍ତ ହୋଟେଲରେ ଦେହ ବେପାର ହେଉଥିବା ନେଇ ଇଟାମାଟି ପୁଲିସ ଭଲଭାବେ ଜାଣିଥିଲେ ମଧ୍ୟ ଚଢ଼ଉ ନ କରି ସୁରକ୍ଷା ଦେଉଥିବା ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ଚେଇଁ ଶୋଇଥିବାବେଳେ ଏସ୍‌ଡିପିଓ ଚଢ଼ଉ କରିବା ଘଟଣା ଏବେ ଆଲୋଚନାର ବିଷୟ ପାଲଟିଛି। ଇଟାମାଟି ପୁଲିସର ଭୂମିକା ସନ୍ଦେହଘେରକୁ ଆସିଛି। ତେବେ ଦୀପକ ହୋଟେଲ ମାଲିକଙ୍କୁ ସୋମବାର ଇଟାମାଟି ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଲୋକନାଥ ନଗରରେ ଚାଲୁଛି ଦେହ ବେପାର

ନୟାଗଡ଼ ଜିଲ୍ଲା ଇଟାମାଟି ଅଞ୍ଚଳରେ ଦେହ ବ୍ୟବସାୟ ଘଟଣା ସ୍ପଷ୍ଟ ହେବା, ହୋଟେଲ ମାଲିକ ଗିରଫ ହେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ସ୍ଥିତିରେ ନୟାଗଡ଼ ଟାଉନ୍ ଥାନା ଅଞ୍ଚଳର କିଛି ସ୍ଥାନରେ ଦେହ ବେପାର ଖୁଲମ୍‌ଖୁଲା ଚାଲିଥିବା ଅଭିଯୋଗ ହେଉଛି। ନୟାଗଡ଼ ସହର ଲୋକନାଥ ନଗର ତଥା ଏଚ୍‌ଡିଏଫ୍‌ସି ଗଳିରେ ଜଣେ ବ୍ୟକ୍ତିଙ୍କ ଘରେ ଦୈନିକ ଦେହ ବେପାର ଚାଲୁଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ବିଗତ ଦିନରେ ଉକ୍ତ ଘରେ ଗୋଟିଏ ହତ୍ୟାକାଣ୍ଡ ମଧ୍ୟ ଘଟିଥିଲା। ପ୍ରତ୍ୟେକ ଦିନ ସେଠାରେ ଦେହ ବ୍ୟବସାୟ ଦିନବେଳା ଚାଲୁଥିବା ଅଭିଯୋଗ ହେଉଛି। ଟାଉନ୍ ଥାନାର କିଛି କର୍ମଚାରୀ ଏଠାରୁ ମାସିକ ଚାନ୍ଦା ନେଇ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ଏହା ସହିତ ନୟାଗଡ଼ ରାଜାବଗିଚା, ଅମରେନ୍ଦ୍ର ବଜାରରେ ରହିଥିବା କିଛି ହୋଟେଲରେ ମଧ୍ୟ ଦେହ ବ୍ୟବସାୟ ହେଉଥିବା ଅଭିଯୋଗ ହେଉଛି। ଦେହ ବ୍ୟବସାୟୀ ଏବଂ ଗରାଖଙ୍କ ଆଧାର କାର୍ଡ ରଖି ସୁଯୋଗ ଦିଆଯାଉଛି। ଟାଉନ ଥାନା ପୁଲିସ ଏହା ରୋକିବା ଉପରେ କାର୍ଯ୍ୟପନ୍ଥା ସ୍ଥିର କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

### ■ ଜିଲ୍ଲାପାଳଙ୍କୁ ଭେଟିଲା କଂଗ୍ରେସ

## ଶୀଘ୍ର ଧାନକିଣା ଆରମ୍ଭ କରିବାକୁ ଦାବି

ନୟାଗଡ଼,୧।୧୨(ସମିସ): ନୟାଗଡ଼ ଜିଲ୍ଲାରେ ଡିସେମ୍ବର ୨୯ ତାରିଖଠାରୁ ଧାନକିଣା କାର୍ଯ୍ୟ ଶୁଭାରମ୍ଭ କରାଯିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଡିଏଲ୍‌ପିସି ବୈଠକରେ ହୋଇଥିବା ନିଷ୍ପତ୍ତି ଚାଷୀ ବିରୋଧୀ ବୋଲି ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ୍ ଦାଶ ଦାବି କରିଛନ୍ତି। ଏବେ ଧାନ ଅମଳ ହୋଇ ଚାଷୀଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ଧାନ ମହଜୁଦ୍ ଅଛି। ତେଣୁ ଜିଲ୍ଲାରେ ଅଭାବୀ ଧାନ ବିକ୍ରିକୁ ବନ୍ଦ କରିବା ପାଇଁ ଏବେଠାରୁ ଧାନମଣ୍ଡି ଖୋଲି ଧାନକିଣା ଆରମ୍ଭ କରିବା ପାଇଁ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି। ଗତବର୍ଷ ଠିକ୍ ଏହି ଡିସେମ୍ବର ୨୯ ଧାନକିଣା କାର୍ଯ୍ୟ ଆରମ୍ଭ ହେବା ପରେ ପ୍ରାୟ ୧ ମାସ ଯାଏ ମିଲରମାନେ ଧାନ କିଣିବା ପାଇଁ ମଣ୍ଡିକୁ ଗଲେନାହିଁ। ମଣ୍ଡିରେ ତାଲା ପଡ଼ି ରହିଥିଲା। ଜିଲ୍ଲାବ୍ୟାପୀ ପ୍ରତ୍ୟେକ ମଣ୍ଡିରେ ଚାଷୀମାନେ ସେମାନଙ୍କ ଧାନ ବସ୍ତା ଗଦା କରି ଶୀତ କାକର ରାତିରେ ପଡ଼ି ରହିଥିବାର ବିକଳ ଚିତ୍ର ସମସ୍ତେ ଦେଖିଛନ୍ତି। ଜିଲ୍ଲାରେ ମିଲରଙ୍କ ମନମାନୀ, କ୍ୱିଣ୍ଟାଲ ପ୍ରତି ୧୦ କେଜି ଧାନ କାଟିବା ପାଇଁ ମିଲର୍ ସଂଘ ଜିଦ୍ ଆଗରେ ଚାଷୀମାନେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଥିଲେ। ଚଳିତ ବର୍ଷ ଜିଲ୍ଲାରେ ୧୭ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ଥିଲାବେଳେ ଯଦି ଏବେଠାରୁ ଧାନକିଣା କାର୍ଯ୍ୟ ଆରମ୍ଭ ନ ହୁଏ, ତେବେ ଅଭାବୀ ଧାନ ବିକ୍ରିକୁ ଜିଲ୍ଲାପାଳ ରୋକିପାରିବେ ନାହିଁ ବୋଲି କଂଗ୍ରେସ ନେତା ଶ୍ରୀ ଦାଶ କହିଛନ୍ତି। ଡିସେମ୍ବର ମାସ ଶେଷ ବେଳକୁ ଧାନକିଣା କାର୍ଯ୍ୟ ଆରମ୍ଭ କରାଗଲେ ଜିଲ୍ଲାବ୍ୟାପୀ ଚାଷୀଙ୍କର ପ୍ରଭୁତ ଆର୍ଥିକ କ୍ଷତି ହେବାର ସମ୍ଭାବନା ରହିଥିବାବେଳେ ଡିଏଲ୍‌ପିସି ବୈଠକରେ ଜିଲ୍ଲାର ନିର୍ବାଚିତ ଲୋକପ୍ରତିନିଧିମାନେ ଏଭଳି ଚାଷୀ ବିରୋଧୀ ନିଷ୍ପତ୍ତି ନେବାର ଅସଲ ଉଦ୍ଦେଶ୍ୟ କ'ଣ ବୋଲି ଜିଲ୍ଲା କଂଗ୍ରେସ ପ୍ରଶ୍ନ କରିଛି। ନୟାଗଡ଼ ବ୍ଲକ୍ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲ, ବରିଷ୍ଠ କଂଗ୍ରେସ ନେତା ସୁକାନ୍ତ କୁମାର ଶତପଥି, ଲଡୁକେଶ୍ୱର ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ସାନ୍ତ ଏବେ ଚାଷୀ ନେତା ଅଧିକାରୀ ମହାରଣା, ଭଗବାନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ମହୋତ୍ସବ ଅନୁମତି ପାଇଁ ତହସିଲ୍‌ଦାରଙ୍କୁ ଭେଟିଲେ ଭାପୁରବାସୀ



ଭାପୁର,୧।୧୨(ସମିସ): ମୋ ମାଟି ଭାପୁର ତରଫରୁ ୩ବର୍ଷ ହେଲା ଭାପୁର ମହୋତ୍ସବ ସଫଳତାର ସହ ଆୟୋଜିତ ହୋଇଆସୁଛି। ଏବର୍ଷ ଏହି ମହୋତ୍ସବର ଆୟୋଜନ ପାଇଁ ଅନୁମତି ଦେବାକୁ ଭାପୁର ଗ୍ରାମବାସୀମାନେ ତହସିଲ୍‌ଦାରଙ୍କୁ ଭେଟି ଅନୁରୋଧ କରିଛନ୍ତି। 'ମୋ ମାଟି ଭାପୁର' ବାଲୁଙ୍କେଶ୍ୱରଦେବ ହାଇସ୍କୁଲ ନିକଟ ମହୋତ୍ସବ ପଡ଼ିଆରେ ୩ ବର୍ଷ ହେଲା ଜାନୁଆରୀ ୧୦, ୧୧, ୧୨, ୧୩ ତାରିଖରେ ମହୋତ୍ସବ ଆୟୋଜିତ କରିଆସୁଛି। ଏନେଇ ଭାପୁର ଗ୍ରାମବାସୀମାନେ ନିଜକୁ ଗର୍ବିତ ମନେ କରନ୍ତି। ମହୋତ୍ସବ ଦିନ ପାଖେଇ ଆସୁଥିବାରୁ ଅନୁମତି ପ୍ରଦାନରେ ବିଳମ୍ବ ହେଉଥିବାରୁ ଭାପୁର ଗ୍ରାମର ବରିଷ୍ଠ ଓ ଯୁବକମାନେ ଗ୍ରାମର ଖଣ୍ଡୁଆଳ ମନ୍ଦିର ପରିସରରେ ସାଧୁ ଚରଣ ସିଂହଙ୍କ ସଭାପତିତ୍ୱରେ ଏକ ସଭା କରିଥିଲେ। ସେଠାରେ ସମସ୍ତେ ମିଳିତ ହୋଇ ସାଧୁଚରଣ ସିଂହ, କାର୍ତ୍ତିକ ଚନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ସାହୁ, ମକୁନ୍ଦ ସାହୁ, ସନାତନ ସାହୁ, ରମେଶ ଚନ୍ଦ୍ର ବରାଡ଼ଙ୍କ ସହ ୬୦ ଜଣ ଗ୍ରାମବାସୀ ଭାପୁର ତହସିଲ୍‌ଦାର ଲୋପାମୁଦ୍ରା ରଥଙ୍କୁ ଭେଟି ଅନୁମତି ପ୍ରଦାନ ପାଇଁ ଅନୁରୋଧ କରିଥିଲେ।

## ଚକ୍ରଧରପ୍ରସାଦ ଟି-୨୦: ସେମିରେ ନୟାଗଡ଼

ଭାପୁର,୧।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଚକ୍ରଧରପ୍ରସାଦ ଗ୍ରାମର କ୍ରିକେଟ ଆସୋସିଏସନ ତରଫରୁ ଶାଳବଣି ଖେଳ ପଡ଼ିଆରେ ଚାଲିଥିବା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ କ୍ୱାର୍ଟରରେ ଖୋର୍ଦ୍ଧାକୁ ହରାଇ ନୟାଗଡ଼ ସେମି ଫାଇନାଲରେ ପ୍ରବେଶ କରିଛି। ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୯୬ ରନ୍ ସଂଗ୍ରହ କରିଥିଲା। ନୟାଗଡ଼ ଦଳ କୌଣସି ୱିକେଟ୍ ନ ହରାଇ ମାତ୍ର ୮ ଓଭରରେ ୯୭ ରନ୍ କରି ବିଜୟୀ ହୋଇଥିଲା। ଅତିଥି ଭାବେ ଶିକ୍ଷକ ନେତା ପ୍ରସନ୍ନ କୁମାର ଲେଙ୍କା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନା କରିଥିଲେ ସୁବ୍ରତ ନାଥଶର୍ମା ଓ ମନୋଜ ବେହେରା। ସ୍କୋରର୍ ଭାବେ ଅବିନାଶ ନାୟକ, ଶିବୁଲ ନାଥ ଓ ଧାରାବିବରଣୀ ପ୍ରଦାନ କରିଥିଲେ ପ୍ରକାଶ ଚନ୍ଦ୍ର ପ୍ରହରାଜ।

## ରାତିରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଓଡ଼ଗାଁ,୧।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଓଡ଼ଗାଁ ଏନ୍‌ଏସି ଦଳକ ୨ ଅଙ୍ଗନବାଡ଼ି କେନ୍ଦ୍ରରେ ରବିବାର ରାତିରେ କୌଣସି ଦୁର୍ବୃତ୍ତ ରୋଷେଇ ଘରର କବାଟ ଭାଙ୍ଗି ଗ୍ୟାସ୍ ଚୁଲା, ସିଲିଣ୍ଡର, ପ୍ରେସର କୁକର, ଡଙ୍କି ଇତ୍ୟାଦି ସମସ୍ତ ରୋଷେଇ ସାମଗ୍ରୀ ସହିତ ଅବ୍ୟବହୃତ ଏକ ଲୁହା କବାଟକୁ ଚୋରି କରି ନେଇଥିବା ନେଇ ଅଙ୍ଗନବାଡ଼ି କର୍ମୀ ସସ୍ମିତା ଚୌଧୁରୀ ଅଭିଯୋଗ କରିଛନ୍ତି। ସୋମବାର ସକାଳେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବା ସମୟରେ ଚୋରି ହେଉଥିବା ସମ୍ପର୍କରେ ଜଣାପଡ଼ିଥିଲା। ଘଟଣା ସମ୍ପର୍କରେ ଅଙ୍ଗନବାଡ଼ି ୱାର୍କର ପ୍ରଥମେ ଯାଞ୍ଚ କମିଟି ସଦସ୍ୟଙ୍କୁ ଜଣାଇବା ପରେ ସୁପରଭାଇଜର ଏବଂ ସିଡିପିଓଙ୍କୁ ମଧ୍ୟ ଅବଗତ କରାଇଥିଲେ। ଖବର ପାଇ ସୁପରଭାଇଜର ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ ଲିଖିତ ଭାବେ ସିଡିପିଓ ଓ ସୁପରଭାଇଜରଙ୍କୁ ଜଣାଥିବା ପରେ ପରାମର୍ଶ କ୍ରମେ ଅଙ୍ଗନବାଡ଼ି କର୍ମୀ ଓ ଯାଞ୍ଚ୍ କମିଟି ମିଳିତ ଭାବେ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ଅନ୍ୟ ଏକ ଘଟଣାରେ ରଙ୍ଗଣିପାଟଣା କୋଠସାହିର ଶ୍ୟାମଘନ ସାହୁଙ୍କ ପରିବାର ଅନୁପସ୍ଥିତ ଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘର ମଧ୍ୟରେ ପଶି ଝିଅ ବାହାଘର ପାଇଁ ରଖିଥିବା ୩୫ ଗ୍ରାମ୍ ସୁନା ଅଳଙ୍କାର ସହିତ କଂସା ପିତ୍ତଳ ବାସନ, ଲୁଗାପଟା ଏବଂ ୧୫ ହଜାର ଟଙ୍କା ଲୁଟି ନେଇ କଳାକନା ବୁଲେଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଶରଣକୁଳ ଓ ଓଡ଼ଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଚୋରି ସାମଗ୍ରୀ ଉଦ୍ଧାର ଏବଂ ଚୋରକୁ ଗିରଫ ପାଇଁ ତଦନ୍ତ ଚାଲୁ ରହିବ ବୋଲି ଅଧିକାରୀମାନେ କହିଛନ୍ତି।

## ହୃଦ୍‌ଘାତରେ ସ୍କୁଲ ପିଅନଙ୍କ ପରଲୋକ



କଣ୍ଟିଲୋ,୧।୧୨(ସମିସ): କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ସତ୍ୟପ୍ରିୟ ରାଉତରାୟଙ୍କ ୫୬ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ରବିବାର ସକାଳେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ବିଦ୍ୟାଳୟ ତଥା ଗ୍ରାମରେ ଶୋକ ପ୍ରକାଶ ପାଇଛି। ଏ ନେଇ ଏକ ସ୍ମୃତିସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକସଭାରେ ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ ତାଙ୍କର ସ୍ମୃତିଚାରଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ଓମ୍ ସାହିଲ ରାଉତରାୟ ମୁଖାଗ୍ନି ଦେଇଥିଲେ।

### ■ ପରିଚାଳନା ପରିଷଦ ଓ ଆର୍‌ବିଆଇ ଅନୁମୋଦନ ନାହିଁ

## ବଦଳିଲା ଓଡ଼ଗାଁ ସମବାୟ ବ୍ୟାଙ୍କ ଶାଖା ଠିକଣା

ନୟାଗଡ଼,୧।୧୨(ସମିସ): ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଚାଷୀ, ଜନପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଏଭଳି ସ୍ଥିତିରେ ପରିଚାଳନା ପରିଷଦ ବିନା ଅନୁମୋଦନ ଏବଂ ଆର୍‌ବିଆଇ ଅନୁମୋଦନ ନ ଥାଇ ଓଡ଼ଗାଁ ସମବାୟ ବ୍ୟାଙ୍କ ଶାଖା ଠିକଣା ବଦଳିଯାଇଛି। କେନ୍ଦ୍ର ସମବାୟ ବ୍ୟାଙ୍କ ଓଡ଼ଗାଁ ଶାଖା ଯେଉଁଠାରେ ଚାଲିଥିଲା ଉକ୍ତ ଘର ମାଲିକ ଘର ଖାଲି କରିବାକୁ ନୋଟିସ୍ କରିଥିଲେ। ଯାହାକୁ ନେଇ ବ୍ୟାଙ୍କ ଶାଖାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ସମସ୍ତ ନୀତି ଓ ନିୟମକୁ ଅଣଦେଖା କରାଯାଇଛି। କାହା ସ୍ୱାର୍ଥରେ ମୌଜା ବଦଳା ଯାଇଛି ବୋଲି ଏବେ ସମବାୟବିତ୍‌ଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ଓଡ଼ଗାଁ ସମବାୟ ବ୍ୟାଙ୍କ ଓଡ଼ଗାଁ ବଦଳରେ ଦଲକ ମୌଜାରେ ଘରଭଡ଼ା ନେଇ ସ୍ଥାପନ କରାଯିବାକୁ ନେଇ ଏହି ପ୍ରଶ୍ନ ଉଠିଛି। ଓଡ଼ଗାଁ ମୌଜାରେ କୌଣସି ଘରେ ଏହି ବ୍ୟାଙ୍କ ନିର୍ମାଣ କରାଯିବା ବଦଳରେ କାହିଁକି ଦଲକ ମୌଜାରେ ନିର୍ମାଣ କରାଗଲା ବୋଲି ପ୍ରଶ୍ନ ଉଠିଛି।

### କାହା ସ୍ୱାର୍ଥରେ ବଦଳିଲା ମୌଜା

ବ୍ୟାଙ୍କ ଶାଖା ସ୍ଥାନାନ୍ତରଣ କରିବା ପାଇଁ ପରିଚାଳନା ପରିଷଦ କିମ୍ବା ଆର୍‌ବିଆଇ ଅନୁମତି ଅଣାଯାଇ ନ ଥିବାବେଳେ ମନମୁଖୀ କାର୍ଯ୍ୟ ଆଗକୁ ସାଂଘାତିକ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି। ଗୋଟିଏ ମୌଜାରୁ ଅନ୍ୟ ମୌଜାକୁ ଶାଖା ସ୍ଥାନାନ୍ତରଣ ପାଇଁ ସମବାୟ ନିୟମକୁ ଅନୁପାଳନ କରାଯାଇ ନ ଥିବାବେଳେ ୧୫ ଦିନରୁ ଉର୍ଦ୍ଧ୍ୱ ସମୟ ହେବ ନୂତନ ସ୍ଥାନରେ ଶାଖା କାର୍ଯ୍ୟ କରୁଛି। ଆସନ୍ତା ୩ ତାରିଖ ଶାଖା ଉଦ୍‌ଘାଟନ କରିବାକୁ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ସ୍ଥିର ହୋଇଥିବାବେଳେ ଓଡ଼ଗାଁର ଶତାଧିକ ଚାଷୀ ଉକ୍ତ ଦିନ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଓ ଡିଆର୍‌ସିଏସ୍‌ଙ୍କୁ ତାଲା ପକାଇ ଅଟକ ରଖିବା ଯୋଜନାରେ ରହିଛନ୍ତି। ନୀତି ନିୟମ ଅନୁପାଳନ ନ କରି କେନ୍ଦ୍ର ସମବାୟ ବ୍ୟାଙ୍କ ଜନୈକ ବ୍ୟକ୍ତିଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ଶାଖା ଦଲକ ମୌଜାକୁ ସ୍ଥାନାନ୍ତର କରିଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଓଡ଼ଗାଁରେ ଅସନ୍ତୋଷର ନିଆଁ ଜଳୁଛି। ଓଡ଼ଗାଁ ସମବାୟ ସମିତିରେ ଚାଷୀଙ୍କ ଧାରଣାକୁ ଦୃଷ୍ଟି ଦିଆଯାଉ ନ ଥିବାବେଳେ ବ୍ୟାଙ୍କ ଶାଖା ପରିବର୍ତ୍ତନ କରି ଭିତିରିଆ ଖେଳ କରାଯିବା ଦ୍ୱାରା ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକଙ୍କ ଏଭଳି ମନମୁଖୀ କାର୍ଯ୍ୟକୁ ନେଇ ପରିଚାଳନା ପରିଷଦ ମଧ୍ୟ ଖପ୍ପା ହୋଇ ରହିଛନ୍ତି। ଶାଖା ପରିବର୍ତ୍ତନ କରାଯିବା ପ୍ରସଙ୍ଗ ଉଚ୍ଚ ନ୍ୟାୟାଳୟକୁ ଯିବା ନିଶ୍ଚିତ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହା ଦ୍ୱାରା ଓଡ଼ଗାଁ ଶାଖାରେ ତାଲା ଝୁଲିବା ସମ୍ଭାବନା ମଧ୍ୟ ଦେଖାଦେଇଛି। ଜିଲ୍ଲାପାଳ ଘଟଣା ଉପରେ ତର୍ଜମା କରିବା ଆବଶ୍ୟକ ବୋଲି ଅନେକ ଚାଷୀ ମତ ଦେଇଛନ୍ତି।

### ■ 'ସକାଳ' ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା

## ବରିଷ୍ଠ ବର୍ଗ ଦ୍ୱିତୀୟ ସ୍ଥାନରେ ସାଗର



ନୟାଗଡ଼,୧।୧୨(ସମିସ): ଦୈନିକ 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ରାଜସୁନାଖଳା ଡିଆଇଇଟି ଛାତ୍ର ସାଗର ବେହେରା। ସାଗର ନୟାଗଡ଼ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ନୟାଗଡ଼ ବ୍ଲକ୍ ମାଛିପଡ଼ା ଗ୍ରାମର ଛେନାପୋଡ଼ ବ୍ୟବସାୟୀ ଦେବରାଜ ବେହେରା ଓ ଲକ୍ଷ୍ମୀପ୍ରିୟା ବେହେରାଙ୍କ ପୁଅ ସାଗର ଜଣେ ମେଧାବୀ ଛାତ୍ର। ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ବିତର୍କ ପ୍ରତିଯୋଗିତାରେ ସେ କୃତିତ୍ୱ ଅର୍ଜନ କରିଛନ୍ତି। "ସକାଳ" ପକ୍ଷରୁ ଅନୁଷ୍ଠିତ ବିତର୍କ ପ୍ରତିଯୋଗିତାରେ "ଦେଶର ଅଭିବୃଦ୍ଧିରେ ବାଧକ କି ମାଗଣା ଯୋଜନା' ଉପରେ ତଥ୍ୟଭିତ୍ତିକ ଆଲୋଚନା ରଖି ସେ ଏ ସଫଳତା ପାଇଛନ୍ତି। "ସକାଳ' ସିଇଓ ସୁବ୍ରତ ଦାଶ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ତାଙ୍କୁ ପ୍ରଶଂସା କରିଛନ୍ତି। ନୟାଗଡ଼ ପାଇଁ ସାଗର ଗୌରବ ଆଣିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଏହି ଅବସରରେ ସୋମବାର ସନ୍ଧ୍ୟାରେ ତାଙ୍କ ବାସଭବନରେ 'ସକାଳ' ଜିଲ୍ଲା ପ୍ରତିନିଧି ଅନୀଲ କୁମାର ପଣ୍ଡା, କବି ଶୁଭ୍ରାଂଶୁ ବିଶ୍ୱାଳ, ସାମ୍ବାଦିକ ବିଶ୍ୱଜିତ୍ ନାୟକ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେ ବିଭିନ୍ନ ସମୟରେ 'ସକାଳ' ପକ୍ଷରୁ ପାଇଥିବା ୬ଟି ଟ୍ରଫିକୁ ଦେଖାଇବା ସହ ଖୁସି ବ୍ୟକ୍ତ କରିଛନ୍ତି। ୨୦୨୨ ମସିହା ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାରେ ପ୍ରଥମ ଓ ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୦୨୩ ମସିହା ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଦ୍ୱିତୀୟ, ୨୦୨୪ ମସିହା ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ବର୍ଷ ଜିଲ୍ଲାସ୍ତରରେ ପ୍ରଥମ ଓ ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସୁନାମ ଅର୍ଜନ କରିଛନ୍ତି। ଶିକ୍ଷକତା କରିବା ତାଙ୍କ ଜୀବନର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି।

## ଗଣିଆରେ ସାଂସଦ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ



ଗଣିଆ,୧।୧୨(ସମିସ): ଯୁବଗୋଷ୍ଠୀଙ୍କ ମଧ୍ୟରେ ଥିବା କ୍ରୀଡ଼ାକୁ ବିକଶିତ କରିବା ପାଇଁ ସାରା ଭାରତରେ ସାଂସଦ କ୍ରୀଡ଼ା ମହୋତ୍ସବ ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ଗଣିଆ ବ୍ଲକ୍ ପିଏମ୍‌ଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ସାଂସଦ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଶରତ କୁମାର କର, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ରାଉତରାୟ, ପ୍ରଧାନଶିକ୍ଷୟିତ୍ରୀ ନିହାରବାଳା ରାଉତ, ବିଜେପି ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ନୟାଗଡ଼ ଜିଲ୍ଲା ବିଜେପି ଉପସଭାପତି ଚନ୍ଦ୍ରଶେଖର ଦାଶ, କ୍ରୀଡ଼ା ସଂଯୋଜକ ଶୁଭ୍ରଜିତ୍ ପଣ୍ଡା, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ବିଭୂତିଭୂଷଣ ପଣ୍ଡା, ସରପଞ୍ଚ ଗିରିଧାରୀ ସେଠୀ, ସମିତିସଭ୍ୟ ଫକୀର ମୋହନ ଡାକୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ପାଠପଢ଼ା ସହିତ କ୍ରୀଡ଼ା ଏବଂ ସଂସ୍କୃତିକୁ ଅଗ୍ରାଧିକାର ଦେବା ପାଇଁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବ ୪ ଦିନ ଧରି ଚାଲିବ ବୋଲି ଜଣାପଡ଼ିଛି। ପୁଚି, ଚେସ୍, ଖୋ ଖୋ, ବ୍ୟାଡ୍‌ମିଣ୍ଟନ, ଭଲି, କ୍ରିକେଟ, ଫୁଟ୍‌ବଲ ଓ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଖେଳକୁ କ୍ରୀଡ଼ା ଶିକ୍ଷକ ବିକାଶ ରଞ୍ଜନ ମଲ୍ଲ, କୁମୁଦିନୀ ଦେଇ, ଶେଷଦେବ ରାଉତ, ବିନୟ ପରିଡ଼ା ପରିଚାଳନା କରିଥିବାବେଳେ ଭାଗିରଥି ଗଡ଼ନାୟକ, ବାଉରିବନ୍ଧୁ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ଗାଁ ବ୍ଲକ୍‌ରେ ନୂତନ ବିଡିଓଙ୍କ ଯୋଗଦାନ

ଓଡ଼ଗାଁ,୧।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍‌ରେ ସୋମବାର ନୂତନ ବିଡିଓ ପ୍ରତିବାଳା ରଣା ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଦାୟିତ୍ୱରେ ଥିବା ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସମୟରେ ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ଅତିରିକ୍ତ ବିଡିଓ କବିତା କୁମାରୀ ପ୍ରଧାନ, କୁରାଳ ସରପଞ୍ଚ ବିଜନ ପାଇକରାୟଙ୍କ ସହିତ ବ୍ଲକ୍‌ର ସମସ୍ତ ଉପସ୍ଥିତ କର୍ମଚାରୀ ନୂଆ ବିଡିଓଙ୍କୁ ସ୍ୱାଗତ ଜଣାଇଥିଲେ। ସୂଚନା ଥାଉକି, ଓଡ଼ଗାଁରେ କାର୍ଯ୍ୟରତ ବିଡିଓଙ୍କ ଅନେକ ଦିନ ଧରି ପଦୋନ୍ନତି ହୋଇଥିବାରୁ ତାଙ୍କର ଅନ୍ୟତ୍ର ବଦଳି ହୋଇଥିଲା। ଅନ୍ୟପକ୍ଷରେ ଗଣିଆ ତହସିଲ୍‌ଦାର ଭାବେ ଦାୟିତ୍ୱ ତୁଲାଉଥିବା ପ୍ରତିବାଳା ରଣାଙ୍କ ସ୍ଥାନରେ ଅନ୍ୟଜଣେ ତହସିଲ୍‌ଦାର ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କର ମୁଖ୍ୟାଳୟକୁ ସ୍ଥାନାନ୍ତର ହୋଇଥିଲା। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପ୍ରତିବାଳା ରଣା ଓଡ଼ଗାଁ ବ୍ଲକ୍‌ର ବିଡିଓ ଭାବରେ କାର୍ଯ୍ୟରେ ଯୋଗଦେଇଛନ୍ତି।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ନୟାଗଡ଼,୧।୧୨(ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସାହୁ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ ପ୍ରମୁଖ ଉପସ୍ଥିତ ରହି ଶୁଣାଣି କରିଥିଲେ। ଏହି ଶିବିରରେ ୧୧୮ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୧୦୨ଟି ବ୍ୟକ୍ତିଗତ ମାମଲା, ୧୦ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା। ୨୧ ମାମଲାକୁ ତତ୍କାଳ ସମାଧାନ କରାଯାଇଛି।

# ବିଶ୍ୱ ଏଡ୍‌ସ ଦିବସ ଓ ସାଇବର ସଚେତନତା

ଗଣିଆ,୧।୧୨(ସମିସ):

ଗଣିଆ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଏଡ୍‌ସ ଦିବସ ଏବଂ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା ସଲିଳା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ, ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ବାଘେର ପ୍ରମୁଖ ମଞ୍ଚାସୀନ ଥିଲେ। ଡିସେମ୍ବର ୧ ତାରିଖକୁ ବିଶ୍ୱ ଏଡ୍‌ସ ଦିବସ ରୂପେ ପାଳନ କରାଯାଉଥିବାରୁ ଏଡ୍‌ସର ଭୟାବହତା, ନିରାକରଣ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏସ୍‌ଡିପିଓ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀମାନେ ସାଇବର ଠକେଇଠାରୁ ଦୂରେଇ ରହିବାକୁ ସଚେତନ କରିଥିଲେ।

**ଓଡ଼ଗାଁ**

ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ୟୁଥ୍ ରେଡ୍‌କ୍ରସ, ଜାତୀୟ ସେବା




ଯୋଜନା, ରେଡ୍ ରିବନ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ସୋମବାର ପାଳିତ ହୋଇଯାଇଛି। ୟୁଥ୍ ରେଡ୍‌କ୍ରସ ଜିଲ୍ଲା ସଂଯୋଜକ ନିରୋଜ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ସୁକାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ରୂପେ ପ୍ରଦୀପ୍ତ କୁମାର ବିଶ୍ୱାଳ, ବିଶିଷ୍ଟ ଅତିଥି ରୂପେ ଅଧ୍ୟାପିକା ଡ. ସଂଯୁକ୍ତା ଦାସ, ବିଜୟାଲକ୍ଷ୍ମୀ କହଁର ଯୋଗଦେଇଥିଲେ। ଓଡ଼ିଶାର ପ୍ରଥମ ଏଡ୍‌ସ ରୋଗୀ ଓଡ଼ଗାଁରୁ ଚିହ୍ନଟ ହୋଇଥିଲେ ହେଁ ଏଡ୍‌ସ ରୋଗର ଉତ୍ପତ୍ତି ଓ ଭୟାବହତା ସମ୍ପର୍କରେ ଆମେ ଯେତେ ଜାଣିଥିଲେ ମଧ୍ୟ କେବଳ ସଚେତନତା ସମସ୍ତଙ୍କୁ ଏହି ମାରାତ୍ମକ ବ୍ୟାଧିରୁ ରକ୍ଷା ମିଳିପାରିବ ବୋଲି ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ପରିଶେଷରେ ୟୁଥ୍ ରେଡ୍‌କ୍ରସର ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସାପତ୍ର ବଣ୍ଟନ କରାଯାଇଥିଲା। ସୌମ୍ୟଶ୍ରୀ ଓଁ ପ୍ରକାଶ, ଜିତେନ୍ଦ୍ର ସାହୁ, ସୁନୀଲ ପଲେଇ, ଦୁର୍ଗାନାରାୟଣ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

**ଖଣ୍ଡପଡ଼ା**

ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ଣରେ ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ସଂଯୋଜନାରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମହାବିଦ୍ୟାଳୟର ୟୁଥ୍ ରେଡ୍‌କ୍ରସ, ରେଡ୍‌ରିବନ କ୍ଲବ୍, ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ମିଳିତ ଆନୁକୂଲ୍ୟରେ ୨ ଦିନିଆ କାର୍ଯ୍ୟକ୍ରମ ହେଉଥିବା ନେଇ ସୂଚନା ମିଳିଛି। ମଙ୍ଗଳବାର ଏଡ୍‌ସ ସମ୍ପର୍କିତ ଆଲୋଚନାଚକ୍ର ସହିତ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ୟୁଥ୍ ରେଡ୍‌କ୍ରସ ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ

# ନିରାକରଣ ଓ ସଚେତନତା ସୃଷ୍ଟିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଖୋର୍ଦ୍ଧା,୧।୧୨(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲ୍ଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ ୟୁନିଟି ମିଳିତ ଆନୁକୂଲ୍ୟରେ ସିଡିଏମ୍‌ଓ ଅଫିସ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ଏଡସ ଦିବସ ପାଳିତ ହୋଇଛି। ଚଳିତବର୍ଷର ବିଷୟବସ୍ତୁ "ବ୍ୟାଘାତକୁ ଅତିକ୍ରମ କରି ଏଡସ୍ ପ୍ରତିକ୍ରିୟାକୁ ପରିବର୍ତ୍ତନ କରିବା' ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ ମିତ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ପ୍ରାଣ ନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ସୁବୋଦ୍ଧ କୁମାର ଜଗଦେବ ଯୋଗଦେଇ ଏଡସ୍ ନିରାକରଣ ଏବଂ ସଚେତନତା ସୃଷ୍ଟିରେ ମହିଳାମାନଙ୍କ ବଳିଷ୍ଠ ଭୂମିକା ରହିଛି। ଅଜ୍ଞାନତା ଜୀବନକୁ ବେଳେ ବେଳେ ଅନ୍ଧକାର ମଧ୍ୟକୁ ଠେଲି ଦେଇଥାଏ। ମାତ୍ର ସଚେତନତା ଓ ସଂଯମତା ମଣିଷକୁ ଅନେକ ବିପତିରୁ ରକ୍ଷା କରିଥାଏ ବୋଲି କହିଥିଲେ। ଏଚଆଇଭି ଆକ୍ରାନ୍ତ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବାକୁ ସମସ୍ତସ୍ତରରେ ଉଦ୍ୟମର ଆବଶ୍ୟକତା ରହିଥିବା କହିଥିଲେ। ଏଥିସହିତ ଜୀବନକୁ ଗଢି ତୋଳିବାରେ ଅଭିଭାବକ ମାନଙ୍କ ପ୍ରମୁଖ ଭୂମିକା ରହିଥିବା ସେ କହିଥିଲେ।

ଅନ୍ୟତମ ଅତିଥିଭାବେ ଖୋର୍ଦ୍ଧା ନର୍ସିଂ ସ୍କୁଲର ସ୍ୱର୍ଣ୍ଣପ୍ରଭା ସାହୁ ଯୋଗଦେଇ ଏଡସ୍ ନିରାକରଣ ଓ ସଚେତନତା ଉପରେ ମତବ୍ୟକ୍ତ କରିଥିଲେ। ସଭାପତି ଡା. ମିତ୍ର କହିଥିଲେ, ଜିଲ୍ଲାରେ ୨୦୦୨ ମସିହା ଠାରୁ ଅକ୍ଟୋବର ୨୦୨୫ମସିହା ପର୍ଯ୍ୟନ୍ତ ୨୦,୩୯,୪୫୭ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୫୨୫୪ଜଣଙ୍କୁ ଏଚଆଇଭି ପଜିଟିଭ୍ ଥିବା ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଜିଲ୍ଲାର ୨୬୫୩ ଜଣ ଥିବା




ବେଳେ ଜିଲ୍ଲା ବାହାରର ୨୬୦୧ଜଣ ରହିଥିବା ଜଣାପଡିଛି। ଏଥିମଧ୍ୟରୁ ଜିଲ୍ଲାର ୨୦୬୩ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି। ଉକ୍ତ ସମୟ ସୀମା ମଧ୍ୟରେ ୩୧୫ଜଣଙ୍କ ମୃତ୍ୟୁ ହୋଇଛି।

ଜିଲ୍ଲା ପ୍ରକଳ୍ପ ପରିଚାଳକ ବିଧାନ ଚନ୍ଦ୍ର ନାୟକ ସାମାଜିକ ଯୋଗାଯୋଗ ମାଧ୍ୟମ (ଫେସ୍ ବୁକ, ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ)କୁ ପ୍ରାଧାନ୍ୟ ଦେଇ ଏହାର ପୃଷ୍ଠାରେ ଆସୁଥିବା ବାର୍ତ୍ତାକୁ ବହୁଳ ଭାବେ ପ୍ରଚାର, ପ୍ରସାର ଓ ଅନୁସରଣ କରିବା ସହିତ ନିଶୁଳ୍କ ନମ୍ବର-୧୦୯୭ ରେ ଯୋଗାଯୋଗ କରି ଏଡସ୍ ସମ୍ବନ୍ଧୀୟ ଅଧିକ ବିବରଣୀ ଜାଣିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡିଆଇଏସ୍ କିଶୋର କାନୁନଗୋ, ଜୟନ୍ତୀବାଳା ସାମନ୍ତରାୟ, ଅଶୋକ ଦାଶ, ବିମଳଚନ୍ଦ୍ର ମାନସିଂ ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିଭିନ୍ନ ମହାବିଦ୍ୟାଳୟ ଓ ନର୍ସିଂ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଏଡସ୍ ସଚେତନ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଶୁଭାରମ୍ଭ କରିଥିଲେ। ଏଥିସହିତ ଏକ ବାଇକ୍ ଶୋଭାଯାତ୍ରା ବାଟ ଭୂଆସୁଣୀ ମନ୍ଦିର ଠାରୁ ଆରମ୍ଭ ହୋଇ ଜଟଣୀ ରେଳ ଷ୍ଟେସନ ଦେଇ ସିଡିଏମଓଙ୍କ କାର୍ଯ୍ୟାଳୟ ଠାରେ ସମାପ୍ତ ହୋଇଥିଲା। ଏହାକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମିତ୍ର, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଓ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷ ଅଧିକାରୀ ଡା. ସୁବ୍ରତ ତ୍ରିପାଠୀ ଉଦଘାଟନ କରିଥିଲେ।

**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ମଳିପଡ଼ାସ୍ଥ କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ଏକ ବିରାଟ ପଦଯାତ୍ରାରେ ବଜାର ଏବଂ ଗ୍ରାମ ପରିକ୍ରମା କରି ସ୍ଲୋଗାନ ମାନ ଦେଇ ଜନସଚେତନତା ସୃଷ୍ଟି କରିଥିଲେ। ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ରଙ୍କ ପୌରହିତ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମଳିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟକର୍ମୀ ଗୋପିନାଥ ପଲେଇ ଏଡ୍‌ସର କାରଣ, ଭୟାବହତା ଏବଂ ନିରାକରଣ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ପିଲାଙ୍କ ମଧ୍ୟରେ ସାଧାରଣ ଜ୍ଞାନ ଏବଂ ବକ୍ତୃତା ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ ଅଧିକାରୀ ପ୍ରାଣେଶ୍ୱର ଜୟସିଂହ ପରିଚାଳନା କରିଥିଲେ।




## ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଯୋଗାଣରେ ଡିଇଓଙ୍କ ତତ୍ପରତା

ଖୋର୍ଦ୍ଧା, ୧।୧୨ (ସମିସ): ଚଳିତ ଶିକ୍ଷା ବର୍ଷ ସରିବାକୁ ଆଉ ମାତ୍ର ୩ ମାସ ସମୟ ବାକି ଅଛି। ଏ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ସମ୍ପୂର୍ଣ୍ଣ ଭାବେ ୟୁନିଫର୍ମ ପାଇ ନାହାନ୍ତି। କିଛି ପିଲା ଅନ୍ୟ ପୋଷାକ ପିନ୍ଧି ସ୍କୁଲ ଆସୁଥିବା ବେଳେ ଅଧିକାଂଶ ପିଲା ପୋଷାକ ନ ଥିବାରୁ ସ୍କୁଲକୁ ଯାଉ ନାହାନ୍ତି। ସ୍କୁଲରେ ଡ୍ରପ ଆଉଟ୍ ପରିସଂଖ୍ୟାନ ସର୍ଭେରେ ଏହା ଜଣା ପଡ଼ିଲା ପରେ ଶିକ୍ଷା ବିଭାଗ ଅଧିକାରୀଙ୍କ ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲା ରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ୟୁନିଫର୍ମ ଯୋଗାଇବା ପାଇଁ ଚଳିତ ମାସ ଆରମ୍ଭରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡରରେ ଯୋଗ୍ୟ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଖରେ ପୋଷାକ ଯୋଗାଇବା ସକାଶେ ଆବଶ୍ୟକ ସରଞ୍ଜାମ ନ ଥିବାରୁ ଖୋର୍ଦ୍ଧା ବ୍ଲକର ମୁକ୍ତାପୁରରେ ଥିବା ଏକ ଏଜେନ୍ସି ଉପରେ ନିର୍ଭର କରୁଛନ୍ତି। ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ଯୋଗାଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ନ ସରିବାରୁ ଗଣ ଶିକ୍ଷା ବିଭାଗ ପକ୍ଷରୁ କଡା ଚେତାବନୀ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରେରଣ କରାଯାଇଥିଲା। ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଏ ସଂକ୍ରାନ୍ତରେ ଗତ ୨୫ତାରିଖରେ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କୁ ସ୍କୁଲ ତାଲିକା ଭୁକ୍ତ ଏକ ଚିଠି ପ୍ରଦାନ କରିଥିଲେ। ଏହି ଚିଠିରେ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଯୋଗାଇ ନ ଥିବା ସ୍କୁଲର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ରହିଛି। ଏହି ଚିଠି ପାଇବା ପରେ ପୋଷାକ ଯୋଗାଣ ନେଇ ତତ୍ପରତା ପ୍ରକାଶ ପାଇଛି। ତରବରିଆ ଭାବେ ଯୋଗାଣ ହୋଇଥିବା ପୋଷାକରେ ଠିକ୍ ଭାବେ ପିଲାଙ୍କ ମାପ ଅନୁଯାୟୀ ତିଆରି ହୋଇ ନ ଥିବାରୁ ପିଲାମାନେ ପିନ୍ଧି ପାରୁନାହାନ୍ତି। ଅଭିଭାବକମାନେ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ନିକଟରେ ପୋଷାକ ଗୁଣବତ୍ତା ଏବଂ ମାପ ନେଇ ପ୍ରତିଦିନ ଅଭିଯୋଗ କରୁଛନ୍ତି। ଶିକ୍ଷା ଅଧିକାରୀଙ୍କ ଦରମା ବନ୍ଦ ନେଇ କଡା ଚେତାବନୀ ପରେ ବର୍ତ୍ତମାନ ଏହି ପରିସ୍ଥିତି ଖୋର୍ଦ୍ଧା ଶିକ୍ଷା ଜିଲ୍ଲାରେ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କୁ ପଚାରିବାରେ ସେ କୁହନ୍ତି, ଏହା ଆମ ବିଭାଗର ଆଭ୍ୟନ୍ତରିଣ କଥା। ଏହା ବାହାରକୁ ପ୍ରଚାର ହେବା କଥା ନୁହେଁ। ବନ୍ଦ ହୋଇଥିବା ପ୍ରଧାନ ଶିକ୍ଷକମାନଙ୍କ ଦରମା ଖୁବ୍‌ଶୀଘ୍ର ପ୍ରଦାନ କରାଯିବ।

**ଦରମା ବନ୍ଦ ନେଇ କେତେ ସତ୍ୟତା?**

## ରାମେଶ୍ୱରରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ



ନିରାକାରପୁର, ୧।୧୨ (ସମିସ): ଟାଙ୍ଗୀ ବ୍ଲକ ଅଧିନସ୍ଥ ରାମେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟାଙ୍ଗୀ ବିଡ଼ିଓ ରୁମାନା ଜାଫ୍ରି, ତହସିଲଦାର ନିଷ୍ଠା ମହାପାତ୍ର, ସରପଞ୍ଚ ରଞ୍ଜିତା ଜଗଦେବ, ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ ଜଗଦେବ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଞ୍ଜୀବ ପାହାଡ଼ ସିଂହ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଗୃହ, ରାସନକାର୍ଡରେ ନାଁ ଯୋଡ଼େଇ, ନୂତନ ଭତ୍ତା, ଶୌଚାଳୟ, ଉଦ୍ୟାନ କୃଷି, କୃଷି, ପାନୀୟ ଜଳ ସମସ୍ୟା ଆଦି ନିମନ୍ତେ ସର୍ବମୋଟ ୭୬୦ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ୬୦୧ଟି ସାଧାରଣ ଅଭିଯୋଗର ସମାଧାନ ହୋଇଥିବା ବେଳେ ୧୬୯ଟି ଅଭିଯୋଗର ବିଭାଗୀୟ ବିଚାର କରାଯାଇ ସ୍ଥାୟୀ ସମାଧାନ କରାଯିବ ବୋଲି ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ବିରଞ୍ଚି ନାରାୟଣ ଜେନା ସୂଚନା ଦେଇଛନ୍ତି। ଅନୁରୂପଭାବେ ଯୋଗାଣ ବିଭାଗ ଅଧିକାରୀ ଶିବରାମ ବିଶ୍ୱାଳ, ସହକାରୀ କୃଷି ଅଧିକାରୀ ଦୁର୍ଗେସ ପଟ୍ଟନାୟକ, କୃଷି ଅଧିଦର୍ଶକ ପ୍ରତାପ କୁମାର ସାହୁ, ଜଳ ଯୋଗାଣ ଯନ୍ତ୍ରୀ ନିର୍ଲିପ୍ତା ବରାଳ, ଉଦ୍ୟାନ କୃଷି ଅଧିକାରୀ ରୋଜାଲିନ ସାହୁ, ଅଧିଦର୍ଶକ ତ୍ରିନାଥ ସାମନ୍ତରାୟ, ସିଆରସିସି ସୁଶାନ୍ତ କୁମାର ମଲ୍ଲିକ, ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡା, ପ୍ରାଣୀଧନ ଅଧିକାରୀ ପ୍ରିୟଙ୍କା ପ୍ରିୟମ୍ବଦା ପ୍ରିୟଦର୍ଶିନୀ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ମୋଟ ୨୦ଟି ଷ୍ଟଲ ଖୋଲା ଯାଇଥିଲା।

## ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ବେଗୁନିଆ, ୧।୧୨(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି, ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ନାୟକ ଓ ପୂର୍ବତନ ପରିଚାଳନା କମିଟି ସଭାପତି ବଂଶୀଧର ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ପରେ କ୍ରୀଡା ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଶିଶୁ ବାଟିକାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖେଳ ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ ଉତ୍ସବରେ ଶିକ୍ଷାପ୍ରେମୀ ଉପେନ୍ଦ୍ର ଦାସ ଉପସ୍ଥିତ ରହି କ୍ରୀଡା ପତାକା ଅବତରଣ କରିଥିବାବେଳେ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## କୋହଲା ପାଗ ଓ ହାଲୁକା ବର୍ଷା

# ଜମିରୁ ଧାନ କାଟି ଆଣିବାକୁ ଚାଷୀ ତରତର

ବାଲୁଗାଁ, ୧।୧୨(ସମିସ): ବଙ୍ଗୋପସାଗରରେ ଲଘୁଚାପ ସକ୍ରିୟ ହୋଇ ଅବପାତର ରୂପ ନେଇ ବାତ୍ୟା ସମ୍ଭାବନା ଦେଖାଦେଇଛି। ବାତ୍ୟା ଡିଟୱା ପ୍ରଭାବରେ ରବିବାର ଠାରୁ ଦୁଇ ଦିନ ହେବ ସମଗ୍ର ଚିଲିକା ଉପକୂଳ ଅଞ୍ଚଳରେ କୋହଲା ପାଗ ସହ ଆକାଶ ମେଘାଚ୍ଛନ୍ନ ରହିଥିବା ବେଳେ କିଛି ସ୍ଥାନରେ ସାମାନ୍ୟ ବର୍ଷା ହେଇଥିବା ଜଣାଯାଇଛି। ବାତ୍ୟା।। ପ୍ରଭାବରେ ଦକ୍ଷିଣ ଓଡିଶାରେ ବର୍ଷା ହେବାକୁ ବର୍ଷା ସହ ପବନ ହେବା ସମ୍ଭାବନା ଥିବା ପ୍ରଚାର ହେବା ସହ ଖୋର୍ଦ୍ଧା ଜିଲ୍ଲାକୁ ସେଭଳି ପ୍ରଭାବ ନଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ବାତ୍ୟା ଭୟରେ ଖୋର୍ଦ୍ଧା ଜିଲ୍ଲା ଅଧିନସ୍ଥ ବାଣପୁର ଓ ଚିଲିକା ବ୍ଲକର ଚାଷୀ ଚାଷ ଜମିରୁ ଧାନ କାଟି ସୁରକ୍ଷିତ ସ୍ଥାନକୁ ତରବରିଆ ଭାବେ ସ୍ଥାନାନ୍ତର କରିବାରେ ଲାଗିପଡିଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ବାତ୍ୟା ପ୍ରଭାବରେ ଏଭଳି ପାଗକୁ ଦେଖି ସମଗ୍ର ଚିଲିକା ଅଞ୍ଚଳର ଚାଷୀ କୂଳ ଓ ମତ୍ସ୍ୟଜୀବୀ ଛାନିଆ ହୋଇ ଚିନ୍ତାରେ ପଡ଼ିଛନ୍ତି। ଚିଲିକା ବ୍ଲକ ଅଧିନ ବଡ଼କୁଳ, ନିମିକ୍ଷେତା, ଡୁଙ୍ଗମାଳ, ଅଠରବାଟିଆ, ସିଙ୍ଗେଶ୍ୱର, ନାଟୁଣୀ,



ଆଙ୍କୁଲା ସମେତ ବାଣପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ୮୦ ପ୍ରତିଶତ ଧାନ ଫସଲ ପାଚି ଯାଇଥିବାରୁ ଆଉ ଅଳ୍ପ କିଛି ଦିନ ମଧ୍ୟରେ ଅମଳ ହେବାର ଥିଲା। ବର୍ତ୍ତମାନ କିଛି ଚାଷୀ ଧାନ କାଟି ଜମିରେ ପକାଇଛନ୍ତି ତ ଆଉ କିଛି ଜମିହୁଡ଼ାରେ ବିଡ଼ା ବାନ୍ଧି ଗଦା ମାରିଛନ୍ତି ଏବଂ କେତେକ ସ୍ଥାନରେ ଧାନ କଟା ଚାଲିଛି ତ ଆଉ କିଛି ସ୍ଥାନରେ ଧାନ କଟା ଆରମ୍ଭ ହୋଇ ନ ଥିବା ଦେଖିବାକୁ ମିଳୁଛି। କେତେକ ଜମିରେ ଧାନ ପାକଳ ହୋଇ ପଡ଼ିଥିବା ବେଳେ ଧାନ କାଟି କ୍ଷେତରେ ଶୁଖିବାକୁ ୩ ରୁ ୪ ଦିନ ସମୟ ଲାଗିବ। ରବିବାର ଓ ସୋମବାର ଦୁଇ ଦିନ ଧରି କୋହଲା ପାଗ ସହ ଆକାଶ ମେଘାଚ୍ଛନ୍ନ ଓ କିଛି ସ୍ଥାନରେ ସାମାନ୍ୟ ବର୍ଷା ହୋଇଥିବାରୁ ଭୟରେ ଚାଷୀ ମାନେ ବର୍ତ୍ତମାନ ସମୟରେ ସଂଗେ ସଂଗେ ଧାନ ଅମଳ କରି ଚାଷ ଜମିରୁ ଧାନ ଅନ୍ୟତ୍ର ସ୍ଥାନାନ୍ତର କରିବା ସମ୍ଭବପର ହୋଇପାରି ନ ଥିବାରୁ ଚଷୀ କୂଳ ଛାନିଆଁ ହୋଇ ଚିନ୍ତାରେ ପଡ଼ିଛନ୍ତି। ଚଳିତ ବର୍ଷ ଭଲଧାନ ଅମଳ କରିବା ପାଇଁ ଚାଷୀ ବହୁ ଆଶା ବାନ୍ଧିଥିବା ବେଳେ ସାମ୍ଭାବ୍ୟ ବାତ୍ୟା ଯୋଗୁଁ ଯଦି ବର୍ଷା ସହ ପବନ ହୁଏ, ତେବେ ସମସ୍ତ ଫସଲ ନଷ୍ଟ ହୋଇ ଚାଷୀମାନଙ୍କ ଆଶା ମଉଳି ଯାଇ ଆଶା ଆଶା ମଧ୍ୟରେ ରହିଯିବାକୁ ନେଇ ଚାଷୀକୂଳ ଏବେ ଚିନ୍ତାରେ ପଡିଛନ୍ତି।

## କାଇପଦର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ଦାବି

ଖୋର୍ଦ୍ଧା,୧।୧୨(ସମିସ): ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ କାଇପଦର ପଂଚାୟତ ନିର୍ବାହୀ ଅଧିକାରୀଙ୍କୁ ବିରୋଧ କରିଛନ୍ତି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି। ନିର୍ବାହୀ ଅଧିକାରୀ ବହୁ ବେଆଇନ କାର୍ଯ୍ୟ କରୁଥିବା ଅଭିଯୋଗ ଆଜି ଜିଲ୍ଲାପାଳଙ୍କ ନିକଟରେ



ହୋଇଛି। ସ୍ଥାନୀୟ ସରପଂଚଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଏବଂ ଅନ୍ୟତ୍ର ବଦଳି ଦାବି କରି ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ, କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର କରାଇ ଦେବା ନାଁରେ ୱାର୍ଡ଼ ନଂ -୧୦ ର ୱାର୍ଡ଼ ମେମ୍ବରଙ୍କ ସହ ମିଶି ହିତାଧିକାରୀ ମାନଙ୍କଠାରୁ ୧୦ ହଜାର ଟଙ୍କା ଲାଂଚ ନେଉଛନ୍ତି। ସେହିପରି ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କ ଭତ୍ତା ହଡପ କରିବା, ପଂଚାୟତରେ କାର୍ଯ୍ୟ ସରିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ବିଲ୍ ନ କରିବା, ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀଙ୍କୁ ଦୀର୍ଘ ଏକ ବର୍ଷ ହେବ ସହାୟତା ରାଶି ପ୍ରଦାନ ନ କରିବା, ଯୋଗାଣ ସହାୟକ, ଏସଇଏମ ଏବଂ ପିଅନଙ୍କ ଦରମା ଠିକସମୟ ରେ ନ ଦେବା, ପଞ୍ଚାୟତକୁ ନିୟମିତ ଭାବରେ ନ ଆସିବା ନେଇ ଅଭିଯୋଗ ହୋଇଛି। ତେଣୁ ତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କାଇପଦର ପଞ୍ଚାୟତରୁ ଅନ୍ୟତ୍ର ବଦଳି ପାଇଁ ଆଜି ସରପଞ୍ଚ ନଳିନୀ ଅରିସଲଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏଥିରେ ନାଏବ ସରପଂଚ ସମ୍ୟରଞ୍ଜନ ନାୟକ ଏବଂ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, କର୍ମଚାରୀ ଏବଂ ଗ୍ରାମବାସୀ ସାମିଲ ହୋଇଥିଲେ।

## ମତ୍ସ୍ୟଜୀବୀଙ୍କୁ ମାଛଧରା ସାମଗ୍ରୀ ବଣ୍ଟନ



ବାଲୁଗାଁ,୧।୧୨(ସମିସ) : ସାମଗ୍ରିକ ଗ୍ରାମୀଣ ଉନ୍ନତି କାର୍ଯ୍ୟକ୍ରମ ଅଧିନରେ ଏଚଡିଏଫସି ବ୍ୟାଙ୍କ ତରଫରୁ ଆର୍ଥିକ ସହାୟତାରେ ମତ୍ସ୍ୟଜୀବୀଙ୍କୁ ମାଛଧରା ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଚିଲିକା ବ୍ଲକର ୩ ପଞ୍ଚାୟତର ମତ୍ସ୍ୟଜୀବୀଙ୍କୁ ମାଛଧରା ଜାଲ, ଜାଲ ରସି, ଲାଇଫ୍ ଜ୍ୟାକେଟ୍, ଲାଇଫ୍ ବୟ ରିଙ୍ଗ୍, ସିଗ୍ନାଲ୍ ଲାଇଟ୍, ପ୍ରାଥମିକ ଚିକିତ୍ସା କିଟ୍, ଥର୍ମୋକୁଲ୍ ବକ୍ସ, ଡିପ୍ ଫ୍ରିଜର ଆଦି ମାଛଧରା ସାମଗ୍ରୀ ପ୍ରଦାନ କରିଥିଲେ। ଏଚଡିଏଫସି ବ୍ୟାଙ୍କର ଓଡିଶା ଆଞ୍ଚଳିକ ମୁଖ୍ୟ ତଥା ଭୁବନେଶ୍ୱର ଶାଖାର ଉପ-ସଭାପତି ଅନିମେଶ ବିଶ୍ୱାଳ, ଓଡିଶାର ସିଏସଆର ମ୍ୟାନେଜର ଚନ୍ଦନ ନାୟକ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ପ୍ରୟତ୍ନ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଳୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ; ଏଜି କ୍ଲବ ଚାମ୍ପିଅନ

ନିରାକାରପୁର, ୧।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଗୟାବନ୍ଧ ଖେଳ ପଡିଆରେ ବାପୁଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜି ଫାଇନାଲ ମ୍ୟାଚରେ ଯଦୁମଣି ସ୍ପୋର୍ଟସ କ୍ଲବ୍, ଇଟାମାଟି ଓ ଏ ଜି ଫୁଟବଲ କ୍ଲବ୍, ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯଦୁମଣି ସ୍ପୋର୍ଟସ କ୍ଲବ୍, ଇଟାମାଟି କୁ ଖୋର୍ଦ୍ଧା ଏ ଜି ଫୁଟବଲ କ୍ଲବ ୩-୧ ଗୋଲରେ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଆଜିର ଖେଳକୁ ଶରତ ଛୋଟରାୟ, ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର ଓ ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ସ୍ଥାନୀୟ ଖେଳ ପଡିଆକୁ ଷ୍ଟାଡିୟମରେ ରୂପାନ୍ତରିତ କରାଯିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ଓଡ଼ିଶା ବୀର ପାଇକ ସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତ, ରଞ୍ଜନ ଭୋଳ, ରଜାକ ଖାଁ, ଭାଗିରଥି ଭୁଜବଳ ଓ ନବ କିଶୋର ଭୁଜବଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭ୍ୟ ସୁଶାନ୍ତ ଶ୍ରୀଚନ୍ଦନ, ଜୟକୃଷ୍ଣ ଶ୍ରୀଚନ୍ଦନ, ମଞ୍ଜୁର ଖାଁ, ୱାହିଦ ଖାଁ, ଅର୍ଜୁନ ଭୁଜବଳ, ବିଶ୍ୱନାଥ ଭୁଜବଳ, ହଜାରୀ ଭୁଜବଳ ଓ ସନ୍ତୋଷ ଭୁଜବଳ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀସିଦ୍ଧ ମହାବୀରଙ୍କ ବାର୍ଷିକ ଉତ୍ସବ

ବେଗୁନିଆ,୧।୧୨(ସମିସ): ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟର ନିକଟରେ ଏଇ ଆମରି ଗାଁ ପକ୍ଷରୁ ଶ୍ରୀସିଦ୍ ମହାବୀରଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ଅବସରପ୍ରାପ୍ତ ନାଏବ ସୁବେଦାର ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ଆଗମନ ପରେ ବୈଦିକ ବ୍ରାହ୍ମଣ ପ୍ରଫୁଲ୍ଲ କୁମାର କରଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକ ଗୌରାଙ୍ଗ ପଣ୍ଡା କର୍ତ୍ତା ଭାବେ ଉପବେସନ କରି ବିଧି ଅନୁସାରେ ହୋମ କାର୍ଯ୍ୟ ଆରମ୍ଭ ହୋଇଥିଲା। ତତ୍ ସହିତ ନାମ ସଙ୍କୀର୍ତ୍ତନ କରାଯାଇ ଭାବମୟ ସୃଷ୍ଟି ହୋଇଥିଲା।

## ଆନ୍ତଃ ଉଚ୍ଚମାଧ୍ୟମିକ ବିଦ୍ୟାଳୟସ୍ତରୀୟ ବାଳିକା ଖୋ-ଖୋ ପ୍ରତିଯୋଗିତା

# ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜୋନ୍ ଚାମ୍ପିଅନ

ବାଣପୁର, ୧।୧୨ (ସମିସ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଆୟୋଜିତ ଆନ୍ତଃ ବିଦ୍ୟାଳୟ ସ୍ତରୀୟ ବାଳିକା ଖୋ-ଖୋ କ୍ରୀଡା-୨୦୨୫ ଜୋନ-୫ ପ୍ରତିଯୋଗିତା ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଚଳିତ ମାସ ୨୮ରୁ ଆରମ୍ଭ ହୋଇ ୩୦ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ମିଟୁ ନାୟକ ଯୋଗଦେଇ ପ୍ରତିଯୋଗିତାର ଶୁଭ ଉଦ‌ଘାଟନ କରିଥିବା ବେଳେ ଉଦଯାପନୀ ଉତ୍ସବରେ ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ



ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ତିନି ଦିନ ଧରି ଚାଲିଥିବା ଜୋନ୍-୫ର ଏହି ଖୋ-ଖୋ ପ୍ରତିଯୋଗିତାରେ ଭୁବନେଶ୍ୱର କିସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚାନ୍ଦପୁର ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋଦାବରୀଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ସରସ୍?ତୀ ଶିଶୁ ବିଦ୍ୟାମନ୍ଦିର ଆଦି ବହୁ ଖୋ-ଖୋ ଟିମ ଅଂଶ ଗ୍ରହଣ କରିଥିଲେ। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବାଣପୁର ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହାରି ରନର୍ସ୍ ଅପ୍ ଟ୍ରଫି ପାଇଥିବା ବେଳେ ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋ-ଖୋ ଟିମ ବିଜୟଲାଭ କରି ଜୋନ-୫ ର ଚାମ୍ପିଅନ ବିବେଚିତ ହୋଇଛି। ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ, କମ୍ପ୍ୟୁଟର ପ୍ରଶିକ୍ଷକ ଶିବ ଶଙ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ମ୍ୟାଚ୍ ଅଫିସିଆଲ ଭାବେ ସୁନୀଲ ପଟ୍ଟନାୟକ, କଳ୍ପଶ୍ରୀ ପ୍ରଧାନଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡା ଶିକ୍ଷକ ସମସ୍ତ ମ୍ୟାଚ ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ଦାସ, ଅଧ୍ୟାପିକା ସୁଚିତ୍ରା ଦାସ, ରବିନ୍ଦ୍ର କୁମାର ମାର୍ଥା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

ଗମ୍ଭାରୀମୁଣ୍ଡା, ୧।୧୨ (ସମିସ): ସ୍ୱାମୀ ବିବେକାନନ୍ଦ ସେବା ସଂଘ ଆୟତପୁର କ୍ଲବ ଆନୁକୂଲ୍ୟରେ ଆୟତପୁରଠାରେ ଚାଲିଥିବା ବ୍ଲକସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଓଡାଇଶୁଣି ସ୍ପୋର୍ଟସ ଆସୋସିଏସନ ଆୟତପୁର ଭଲିବଲ କ୍ଲବ ଏବଂ ମା ଭଗବତୀ ଭଲିବଲ ଟିମ୍, ବଉଳାବନ୍ଧ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଓଡାଇଶୁଣି ସ୍ପୋର୍ଟସ ଆସୋସିଏସନ୍ ଆୟତପୁର ଭଲୀବଲ କ୍ଲବ ଟିମ୍ ରନର୍ସ ଅପ୍ ହୋଇଥିବା ବେଳେ ମା ଭଗବତୀ ଭଲୀବଲ ଟିମ୍, ବାଉଳାବନ୍ଧ ବିଜେତା ହୋଇଥିଲା। ଏହି ଅବସରରେ ଅତିଥି ଭାବେ ନିଖିଲ କୁମାର



କୋକୁଲା(ଜିଲ୍ଲା ଅଧିକାରୀ), ସୁଭେନ୍ଦ୍ର ନାଥ ସାହୁ(ମୋ ଭାରତ କୋଷାଧ୍ୟକ୍ଷ), କୁଳମଣି ମଲ୍ଲିକ(ସହଯୋଗୀ କୋଷାଧ୍ୟକ୍ଷ), ବିଭୂତି ଭୂଷଣ ଗୁମାନ ସିଂ, ସ୍ୱାମୀ ବିବେକାନନ୍ଦ ସେବା ସଂଘ ଆୟତପୁର କ୍ଲବର ସଭାପତି ରଞ୍ଜିତ କୁମାର ପ୍ରଧାନ, ସମ୍ପାଦକ ଶେଷଦେବ ଜେନା, ଉତ୍ତମ ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମା ଭଗବତୀ ଭଲିବଲ ଟିମ୍, ବଉଳାବନ୍ଧ କ୍ଲବକୁ ଚାମ୍ପିଅନ୍ ଟ୍ରଫି ସହ ୫୦୦୦ ଟଙ୍କା ଏବଂ ମା ଓଡାଇଶୁଣି ସ୍ପୋର୍ଟସ ଆସୋସିଏସନ୍ ଆୟତପୁର ଟିମ୍‌କୁ ରନର୍ସ ଅପ୍ ଟ୍ରଫି ସହ ୩୦୦୦ ଟଙ୍କା ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପୁଅପିଲା ମାନଙ୍କ ୧୦୦ ମିଟର ଦୌଡ଼ ପ୍ରତିଯୋଗୀତାରେ ସମୀର ପରିଡ଼ା(ପ୍ରଥମ) ଶ୍ରୀନିବାସ ବିଶୋଇ(ଦ୍ୱିତୀୟ) ଓମ୍ ଜେନା(ତୃତୀୟ), ଝିଅ ମାନଙ୍କ ମଧ୍ୟରେ ସୁମନ ପ୍ରଧାନ(ପ୍ରଥମ) ବିଜୟଲକ୍ଷ୍ମୀ ସାହୁ(ଦ୍ୱିତୀୟ) ଓ ସୋନାଲି ବେହେରା(ତୃତୀୟ) ସ୍ଥାନ ଅଧିକାର କରିଥିଲେ। ସ୍ଲୋ ସାଇକଲରେ ପୁଅ ପିଲାମାନଙ୍କ ମଧ୍ୟରେ ସୁକାନ୍ତ ମୁଦୁଲି(ପ୍ରଥମ) ଆକାଶ ସାହୁ(ଦ୍ୱିତୀୟ) ବିକାଶ ସାମନ୍ତରାୟ(ତୃତୀୟ) ସ୍ଥାନ ଅଧିକାର କରିଥିଲେ। ଝିଅମାନଙ୍କ ମଧ୍ୟରେ ବିଜୟଲକ୍ଷ୍ମୀ ସାହୁ(ପ୍ରଥମ) ଆଦ୍ୟାଶା ନାୟକ(ଦ୍ୱିତୀୟ) ଓ ସୁମନ ପ୍ରଧାନ(ତୃତୀୟ) ସ୍ଥାନ ଅଧିକାର କରିଥିଲେ।

### ପ୍ରେସର କୁକର ଫାଟି ଛାତ୍ର ଗୁରୁତର ଘଟଣା

## ବିଧାନସଭାରେ ବିଜେଡିର ଉଦ୍‌ବେଗ

ଭୁବନେଶ୍ୱର, ୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କେ.ସେମଳା ଗାଁର ଏକ ସ୍କୁଲ ହଷ୍ଟେଲରେ ପ୍ରେସର କୁକର ଫାଟି ଜଣେ ଛାତ୍ର ଗୁରୁତର ହେବା ଘଟଣାକୁ ନେଇ ସୋମବାର ବିଧାନସଭାରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଛାତ୍ରଟି ଆହତ ହେବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ନିଆନଯିବା ଏବଂ ଏପରି ଅଭାବନୀୟ ସ୍ଥିତି କିପରି ଘଟିଲା ତାହାକୁ ନେଇ ବିଜେଡିର ବିଧାୟକମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକମାନେ ଦାବି କରିଥିଲେ। ଅପରପକ୍ଷେ, ବିଜେଡିର ଅଭିଯୋଗ ଉପରେ ପାଲଟା ଅଭିଯୋଗ ଆଣିଥିଲେ ନବରଙ୍ଗପୁର ବିଜେପି ବିଧାୟକ ଗୌରୀଶଙ୍କର ମାଝୀ। ଏପରି ଦୁଃଖଦପୂର୍ଣ୍ଣ ଘଟଣାରେ ଆମ ପିଲାମାନଙ୍କୁ ନେଇ ବିରୋଧୀ ରାଜନୀତି କରୁଛନ୍ତି ବୋଲି ସେ ଯୁକ୍ତି ବାଢ଼ିଥିଲେ।

ଆଜି ଶୂନ୍ୟକାଳରେ ପ୍ରଥମେ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରା। ସେ କହିଥିଲେ ଯେ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା, ତାହାର ପୁଙ୍ଖନାପୁଙ୍ଖ ତଦନ୍ତର ଆବଶ୍ୟକତା ରହିଛି। ବିଧାୟକ ପ୍ରଦୀପ ଦିଶାରୀ କହିଥିଲେ, ବିଭିନ୍ନ ସୂତ୍ରରୁ ଶୁଣିବାକୁ ମିଳୁଛି ଯେ ଉକ୍ତ ହଷ୍ଟେଲରେ କର୍ମଚାରୀଙ୍କ ଦରମା ବନ୍ଦ ଅଛି। ଅନ୍ୱେଷା ଯୋଜନା ବନ୍ଦ କରିବାକୁ ସରକାର ଉଦ୍ୟମ କରୁଥିବା ବେଳେ ଏପରି ସ୍ପର୍ଶକାତର ଘଟଣା ଘଟିବା ଦୁର୍ଭାଗ୍ୟଜନକ। ବିଧାୟକ ଧ୍ରୁବଚରଣ ସାହୁ ଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀ ଥିବା କାରଣରୁ ଆଦିବାସୀ ପିଲାଙ୍କୁ ଉନ୍ନତ ସୁରକ୍ଷା ଏବଂ ଶିକ୍ଷା ମିଳିବ ବୋଲି ସମସ୍ତେ ଆଶା ରଖିଥିଲେ। ମାତ୍ର ସରକାର ଅନ୍ୱେଷା ଯୋଜନାକୁ ବନ୍ଦ କରିବାକୁ ଉଦ୍ୟମ କରୁଥିବା ବେଳେ ଏହି ଦୁର୍ଘଟଣା ଏହାର ପରିଣତି ନୁହେଁ ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

### ଏସ୍‌ଆଇ ଚାକିରି ବିକ୍ରି ମାମଲା

## ୨ ଦିନିଆ ରିମାଣ୍ଡରେ ଅରବିନ୍ଦ

ଭୁବନେଶ୍ୱର, ୧।୧୨(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ୪ ମଧ୍ୟସ୍ଥଙ୍କ ସିବିଆଇ ରିମାଣ୍ଡ ଶେଷ ହେବା ପରେ ସୋମବାର ଆଉ ଜଣେ ମଧ୍ୟସ୍ଥକୁ ରିମାଣ୍ଡରେ ନେଇଛି ସିବିଆଇ। ସେ ହେଲା, ବାଲେଶ୍ୱର ଜିଲ୍ଲାର ଅରବିନ୍ଦ ଦାସ। ଅରବିନ୍ଦକୁ ୩ଦିନିଆ ରିମାଣ୍ଡ ପାଇଁ ସିବିଆଇ ଆବେଦନ କରିଥିବା ବେଳେ କୋର୍ଟ ୨ ଦିନ ପାଇଁ ଅନୁମତି ଦେଇଛନ୍ତି। ତଦନୁସାରେ, ସିବିଆଇ ଆଜି ସଂଧ୍ୟାରେ ତାକୁ ରିମାଣ୍ଡରେ ନେଇଛି। ଅରବିନ୍ଦ ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିର ଘନିଷ୍ଠ ସହଯୋଗୀ। ସେ ଏସ୍‌ଆଇ ଚାକିରି ବିକ୍ରି କ୍ରାଇମ୍ ସିଣ୍ଡିକେଟ୍‌ର ଉତ୍ତର-ଓଡ଼ିଶା ମୁଖ୍ୟ ଭାବେ କାମ କରୁଥିଲା। ଦୀଘା ଚାପ୍ଟରକୁ ସେ ସମ୍ପୂର୍ଣ୍ଣ ଭାବେ ସମ୍ଭାଳୁଥିଲା। ଉତ୍ତର-ଓଡ଼ିଶାରେ ତାଙ୍କର ଦଲାଲ ନେଟ୍‌ୱର୍କ ରହିଥିଲା। ଅନେକ ଛୋଟ ଦଲାଲ, କୋଚିଂ ସେଣ୍ଟର କର୍ମଚାରୀ, ସରକାରୀ ଏବଂ ବେସରକାରୀ କଲେଜ କର୍ମଚାରୀଙ୍କୁ ସେ କମିସନ୍ ଦେଇ ନିଜ ପାଖରେ ରଖିଥିଲେ। ସୋମନଙ୍କ ଜରିଆରେ ଆଶାର୍ଥୀଙ୍କୁ କ୍ୟାସ ଫର୍ ଜବ୍ ସ୍କିମ୍‌ରେ ଚୟନ କରୁଥିଲେ। ନିଜେ କିଛି କମିସନ ରଖି ସମସ୍ତ ଟଙ୍କା ସଙ୍କର ପୃଷ୍ଟିଙ୍କୁ ହସ୍ତାନ୍ତର କରୁଥିବା ଜଣାପଡ଼ିଛି।

### ନବୀନଙ୍କ ଆଗରେ ଅଭିଯୋଗ ବାଢ଼ିଲେ ଭଦ୍ରକର ଦଳୀୟ ନେତା

# ଅଧ୍ୟକ୍ଷମାନଙ୍କୁ ଧମକାଇ ଦଳ ଛାଡ଼ିବାକୁ ବାଧ୍ୟ କରାଯାଉଛି

ଭୁବନେଶ୍ୱର, ୧।୧୨(ସମିସ): ଭଦ୍ରକରେ ଦେଖାଦେଇଥିବା ରାଜନୈତିକ ହଟଚମଟକୁ ନେଇ ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକ ଭଦ୍ରକ ଜିଲ୍ଲାର ବରିଷ୍ଠ ନେତାମାଙ୍କ ସହ ଆଲୋଚନା କରିବା ସହିତ ଦଳ କିପରି ଏଠାରେ ସଂଗଠିତ ହୋଇ ରହିବ, ସେନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ନିଜେ ବିଜେପି ରାଜ୍ୟ ସଭାପତି ଭିଆଉଛନ୍ତି ଏଭଳି କାଣ୍ଡ

### ଅଧ୍ୟକ୍ଷମାନଙ୍କ ସହ ଆଲୋଚନା କରିବେ ପ୍ରଫୁଲ୍ଲ ସାମଲ

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ବରିଷ୍ଠ ବିଜେଡି ବିଧାୟକ ଡଃ ବ୍ୟୋମକେଶ ରାୟ କହିଛନ୍ତି ଯେ ବିଜେପି ସରକାର ଆସିବା ପରେ ବିଜେଡି ବ୍ଲକ୍ ଅଧ୍ୟକ୍ଷମାନଙ୍କ ଉପରେ ବିଭିନ୍ନ ଉପାୟରେ ଚାପ ପ୍ରୟୋଗ କରାଯାଉଛି। ସେମାନଙ୍କୁ ଡରାଇ ଧମକାଇ ବିଜେପି ନଜ ଦଳକୁ ନେବା ପାଇଁ ଉଦ୍ୟମ କରୁଛି। କଳ-ବଳ-କୌଶଳ ଲଗାଇ ବିଜେପି ଏହି କାମ କରୁଥିବା ଯୋଗୁଁ ଜିଲ୍ଲାରେ ୪ ଜଣ ବ୍ଲକ୍ ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେଇଛନ୍ତି। ନିଜେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏହି କାର୍ଯ୍ୟ କରୁଛନ୍ତି ଓ ଏହାଦ୍ୱାରା ଗଣତାନ୍ତ୍ରିକ ପରମ୍ପରାରେ ଏକ କଳୁଷିତ ବାତାବରଣ ସୃଷ୍ଟି ହେଉଛି।



ଭଦ୍ରକ ଜିଲ୍ଲାରେ ଯେଉଁ ଅଧ୍ୟକ୍ଷମାନେ ଦଳ ଛାଡ଼ି ଯାଉଛନ୍ତି, ସେମାନେ ଦଳରୁ ଗଲେ କୌଣସି ପ୍ରଭାବ ପଡ଼ିବ ନାହିଁ। ଜିଲ୍ଲାର ବିଧାୟକ ପ୍ରାର୍ଥୀ ଓ ବିଧାୟକମାନଙ୍କ ବିଜୁ ଜନତା ଦଳ ସଂଗଠନ ଉପରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି ଭଦ୍ରକ ଜିଲ୍ଲାରେ ବହୁତ ଭଲ ଫଳାଫଳ କରିବ।

ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ ଆମ ଦଳର ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ ସାମଲଙ୍କୁ ଭଦ୍ରକ ଜିଲ୍ଲାର ଦାୟିତ୍ୱ ଦେଇଛନ୍ତି। ଯେଉଁ ଅଧ୍ୟକ୍ଷମାନେ ଦଳ ଛାଡୁଛନ୍ତି ବା ଏଭଳି ଆଶଙ୍କା ରହୁଛି, ଦଳର ନେତାମାନଙ୍କ ସହ ସେ ଆଲୋଚନା କରିବେ। ଜିଲ୍ଲାରେ ଦଳର ସ୍ଥିତି ମଜଭୁତ କରିବାକୁ ସଭାପତି ତାଙ୍କୁ ଦାୟିତ୍ୱ ଦେଇଛନ୍ତି। ତେବେ ଏହି ନେତାମାନେ ଅନ୍ୟ ଦଳକୁ ଯିବା ଦ୍ୱାରା ବିଜେଡିରେ କୌଣସି କ୍ଷତି ହେବ ନାହିଁ ଶ୍ରୀ ମଲ୍ଲିକ ଦୋହରାଇଛନ୍ତି। ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲ କହିଛନ୍ତି, ଓଡ଼ିଶାର ପ୍ରିୟ ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ନବୀନଙ୍କ ମୂଲ୍ୟବୋଧ ଓଡ଼ିଶାର ଯେକୌଣସି ନେତାଙ୍କ ମୂଲ୍ୟବୋଧଠାରୁ ଅଧିକ। ନବୀନ ପଟ୍ଟନାୟକଙ୍କୁ ଛାଡ଼ି କେହି ଯିବେ ନାହିଁ। ଯେଉଁମାନଙ୍କ କୌଣସି ମୂଲ୍ୟନାହିଁ, ସେମାନେ ଦଳ ଛାଡୁଛନ୍ତି। ବିଜୁ ଜନତା ଦଳରେ ମୁଁ ଅଛି, ଏହି ଦଳରେ ରହିବି ଓ ଦଳକୁ ମଜଭୁତ କରିବି ବୋଲି ପ୍ରଫୁଲ୍ଲ କହିଛନ୍ତି।

### ବାଙ୍କୀ ଜନଶୁଣାଣିରେ ଅଭାବନୀୟ ଘଟଣା

## ଭତ୍ତା ନ ମିଳିବାରୁ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

କଟକ, ୧।୧୨ (ସମିସ): କଟକ ଜିଲ୍ଲା ବାଙ୍କୀ ବ୍ଲକ୍ କାର୍ଯ୍ୟାଳୟରେ ଚାଲିଥିବା ଜିଲ୍ଲାପାଳଙ୍କ ଜନଶୁଣାଣି ସମୟରେ ଏକ ଅଭାବନୀୟ ତଥା ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ସରକାରୀ ସହାୟତା ପାଇବାରେ ବାରମ୍ବାର ବିଫଳ ହେବା ପରେ ଜଣେ ମହିଳା ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି।

ସୂଚନା ମୁତାବକ, ସ୍ୱାମୀଙ୍କ ମୃତ୍ୟୁ ପରେ ବୈଦେଶ୍ୱର ଗାଁର ମହିଳା ସସ୍ମିତା ମାଝୀ ଦୀର୍ଘ ଦିନ ଧରି ନିଜ ପରିବାର ଭତ୍ତା ବାବଦରେ ପ୍ରାପ୍ୟ ୨୦ ହଜାର ଟଙ୍କା ପାଇବା ପାଇଁ ସଂଘର୍ଷ କରୁଥିଲେ। ଏହି ପ୍ରାପ୍ୟ ପାଇବା ଲାଗି ସେ ବାରମ୍ବାର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ସସ୍ମିତା ସେଠୀଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। ମାତ୍ର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ, ଲିଗାଲ ହେୟାର ସାର୍ଟିଫିକେଟ୍‌ରେ କିଛି ତ୍ରୁଟି ରହିଥିବା ଦର୍ଶାଇ ବାରମ୍ବାର ତାଙ୍କୁ ଫେରାଇ ଦେଉଥିଲେ। ବ୍ଲକ୍‌ରୁ ନିରନ୍ତର ନିରାଶ



ଜିଲ୍ଲାପାଳଙ୍କ ସମ୍ମୁଖରେ ଦେହରେ ପେଟ୍ରୋଲ ଢାଳିଲେ ମହିଳା

ଏବଂ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଆର୍ଥିକ ଅନାଟନରେ ଥିବା ସସ୍ମିତା ହତାଶ ହୋଇପଡ଼ିଥିଲେ। ଆଜି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଚାଲିଥିବା ସମୟରେ ଉପସ୍ଥିତ ଅଧିକାରୀ ଓ ଜନସାଧାରଣଙ୍କ ସମ୍ମୁଖରେ ସସ୍ମିତା ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ତେବେ ତୁରନ୍ତ ସେଠାରେ ଉପସ୍ଥିତ ଥିବା ପୁଲିସ ଓ ସୁରକ୍ଷା କର୍ମୀମାନେ ତାଙ୍କଠାରୁ ପେଟ୍ରୋଲ ବୋତଲ ଛଡ଼ାଇ ନେବା ସହ ତାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ସସ୍ମିତା କହିଛନ୍ତି ଯେ ଯଦି ଆଗାମୀ ଦିନରେ ତାଙ୍କ ସମସ୍ୟାର ସମାଧାନ ନ ହୁଏ, ତେବେ ସେ ପୁନର୍ବାର ଆତ୍ମାହୁତି ପରି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେବେ। ଏହି ଘଟଣା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ସାଧାରଣ ଲୋକଙ୍କ ସମସ୍ୟାକୁ ସରକାରୀ କର୍ମଚାରୀମାନେ କିପରି ଅଣଦେଖା କରୁଛନ୍ତି ଏବଂ ଜନ ଅଭିଯୋଗ ଶୁଣାଣି ଭଳି କାର୍ଯ୍ୟକ୍ରମରେ ମଧ୍ୟ ଲୋକଙ୍କୁ କିପରି ନିରାଶ ହେବାକୁ ପଡୁଛି।

### ଋଣ କିସ୍ତି ଶୁଝି ନପାରିବାରୁ ଝିଅକୁ ମାଡ଼ ମାରି ଲହୁଲୁହାଣ

## ମୁଲତବୀ ଆଲୋଚନାରେ ବର୍ଷିଲେ ବିରୋଧୀ

ଭୁବନେଶ୍ୱର, ୧।୧୨(ସମିସ): ରାଜ୍ୟରେ ପୂର୍ବ ବିଜେଡି ସରକାର ମହିଳାଙ୍କୁ ସଶକ୍ତ, ଆତ୍ମନିର୍ଭର ଭାବେ ଗଢ଼ି ତୋଳିବା ପାଇଁ ମିଶନ ଶକ୍ତିକୁ ବଳ ଦେଇଥିଲେ। ମାତ୍ର ମିଶନ ଶକ୍ତିର ସାମାଜିକ ଆନ୍ଦୋଳନ ବର୍ତ୍ତମାନ ଭୁଶୁଡ଼ିବାକୁ ବସିଲାଣି। ମିଶନ ଶକ୍ତିରେ ମା' ଋଣ ଆଣିଥିବା ବେଳେ କିସ୍ତି ଖିଲାପ କାରଣରୁ ଝିଅକୁ ରାଜରାସ୍ତାରେ ମାଡ଼ ଖାଇ ଲହୁଲୁହାଣ କରାଗଲା। ଏହା ଅତ୍ୟନ୍ତ ସ୍ପର୍ଶକାତର ଘଟଣା। ଏ ଯୁଗରେ ମଧ୍ୟ ଦ୍ରୌପଦୀଙ୍କ ବସ୍ତ୍ରହରଣ ହେଉଛି ବୋଲି ସୋମବାର ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ବିରୋଧୀ କଡ଼ା ସମାଲୋଚନା କରିଛନ୍ତି। ଅପରପକ୍ଷେ, ଶାସକ ଦଳର ସଭ୍ୟ ଅଭିଯୋଗକୁ କପୋଳକଳ୍ପିତ କହିବା ସହ ମହିଳାଙ୍କ ସୁରକ୍ଷା ପାଇଁ ମୋହନ ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି।



"ଏ ଯୁଗରେ ବି ଦ୍ରୌପଦୀଙ୍କ ବସ୍ତ୍ର ହରଣ"

ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ ଭଦ୍ରକ ଜିଲ୍ଲା ଗଣିଯାଙ୍ଗ ଅରଞ୍ଜ ଗାଁରେ ଏସ୍‌ଏଚ୍‌ଜି ଗ୍ରୁପ ମହିଳାଙ୍କ ମୃତ୍ୟୁ ପରେ ଋଣ ପାଇଁ ତାଙ୍କ ଝିଅଙ୍କୁ ମାଡ଼ ମରାଯାଇଛି। ମିଶନ ଶକ୍ତିର ସାମାଜିକ ଆନ୍ଦୋଳନ ରାଜ୍ୟରେ ବର୍ତ୍ତମାନ ଭୁଶୁଡ଼ିବାକୁ ବସିଲାଣି। ଏହି ଘଟଣା ତାହାର ଜ୍ୱଳନ୍ତ ଉଦାହରଣ। ବିଜେଡି ବିଧାୟକ ସଞ୍ଜୀବ ମଲ୍ଲିକ କହିଥିଲେ ଯେ ମୋ ଅଞ୍ଚଳର ଜଣେ ଭଉଣୀ ଉପରେ ଅତ୍ୟାଚାର ହୋଇଛି, ଯାହାର ଭିଡିଓ ଗଣମାଧ୍ୟମରେ ଘୂରି ବୁଲୁଛି। ଋଣ ଟଙ୍କା ନଦେବାରୁ ରାସ୍ତା ମଝିରେ ଯୁବତୀଙ୍କୁ ମାଡ଼ କରାଯିବା ସହ ତାଙ୍କ ଡ୍ରେସ ଚିରି ଦିଆଗଲା। ଏ ଯୁଗର ମଧ୍ୟ ଦ୍ରୌପଦୀଙ୍କ ବସ୍ତ୍ରହରଣ ହେଉଛି। ଝିଅର ଇଚ୍ଛା ଥିଲା ମା'ର କିସ୍ତି ଶୁଝିବା। ହେଲେ ତାଙ୍କୁ ଏଭଳି ମାଡ଼ ମାରି ନିର୍ଯାତନା ଦିଆଯିବା ଘଟଣା ନିନ୍ଦନୀୟ। ଏଭଳି ଏକ ସମ୍ବେଦନଶୀଳ ଘଟନାର ତୁରନ୍ତ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଥିଲେ। ବିଜେଡି ବିଧାୟିକା ସୁଭାସିନୀ ଜେନା କହିଥିଲେ ଯେ ଏହା ଏକ ରାଜନୈତିକ ବିଷୟ ନୁହେଁ ବରଂ ମାନବୀୟ ବିଷୟ। ତେଣୁ ପ୍ରସଙ୍ଗକୁ ହାଲୁକା ଭାବରେ ନନେଇ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କଂଗ୍ରେସ ବିଧାୟକ ଅଶୋକ ଦାସ କହିଥିଲେ ଯେ ଦେଶର ରାଷ୍ଟ୍ରପତି, ଆମ ବାଚସ୍ପତି , ଉପମୁଖ୍ୟମନ୍ତ୍ରୀ ଜଣେ ମହିଳା। ମହିଳା ସଶକ୍ତୀକରଣ ରାଷ୍ଟ୍ରରେ ଏଭଳି ଘଟଣା ନିନ୍ଦନୀୟ। ଏସଏଚଜି ପରିଚାଳନା ପାଇଁ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା ହେଉ। ବିଜେପି ବିଧାୟକ ସୀତାଂଶୁ ମହାପାତ୍ର କହିଥିଲେ ଯେ ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ, କପୋଳକଳ୍ପିତ।

## ବିଶ୍ୱ ବାଣିଜ୍ୟ

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୭୯
- ପାଉଣ୍ଡ ୧୧୮.୭୪
- ୟୁରୋ ୧୦୩.୧୯
- ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୬୦୦ (ନୂଆଦିଲ୍ଲୀ)
- ରୁପା : ୧,୮୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୬୪୧.୦୦
- ନିଫ୍ଟି ୨୬,୧୭୫.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ନଭେମ୍ବରରେ ଜିଏସ୍‌ଟି ସଂଗ୍ରହ କମିଲା

## ଅକ୍ଟୋବର ତୁଳନାରେ ୨୬ ହଜାର କୋଟି କମ୍

ନୂଆଦିଲ୍ଲୀ,୧।୧୨(ଏଜେନ୍ସି): ନଭେମ୍ବରରେ ଦ୍ରଦେଶରେ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ସଂଗ୍ରହରେ ବଡ଼ ଧରଣର ହ୍ରାସ ଘଟିଛି। ଚଳିତବର୍ଷ ଅକ୍ଟୋବରରେ ୧.୯୬ ଲକ୍ଷ କୋଟି ଟଙ୍କାର ଜିଏସଟି ସଂଗ୍ରହ ହୋଇଥିବାବେଳେ ନଭେମ୍ବରରେ ୧.୭୦ ଲକ୍ଷ କୋଟି ଟଙ୍କା ସଂଗୃହୀତ ହୋଇଛି। ଫଳରେ ଅକ୍ଟୋବାର ତୁଳନାରେ ନଭେମ୍ବରରେ ଅକ୍ଟୋବର ତୁଳନାରେ ୨୬ ହଜାର କୋଟି ଟଙ୍କାର କମ୍ ଜିଏସ୍‌ଟି ସଂଗ୍ରହ ହୋଇଛି, ଯାହାକି ବିଗତ ୧୨ ମାସରେ ସବୁଠୁ କମ୍। ୨୦୨୪ ନଭେମ୍ବରରେ ୧.୬୯ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ଆୟ ହୋଇଥିଲା। କେବଳ ୨୦୨୪ ନଭେମ୍ବର ତୁଳନାରେ ଚଳିତବର୍ଷର ନଭେମ୍ବରରେ ଜିଏସ୍‌ଟି ସଂଗ୍ରହରେ ୦.୭%ର ବୃଦ୍ଧି ଘଟିଛି। ଘରୋଇ କ୍ଷେତ୍ରରେ ରାଜସ୍ୱରେ ୧.୫% ହ୍ରାସ ଯୋଗୁ ଜିଏସ୍‌ଟିରେ ଏଭଳି ହ୍ରାସ ଘଟିଥିବା କୁହାଯାଉଛି।

## ଜିନ୍ଦଲ ଷ୍ଟେନଲେସ୍‌ର ଲୟାଲ୍ଟି ପ୍ରୋଗ୍ରାମ୍ 'ଜେଏସ୍‌ଏଲ୍ ସାଥୀ ପ୍ରଗତି'

ଭୁବନେଶ୍ୱର, ୧।୧୨(ସମିସ): ଭାରତର ସବୁଠାରୁ ବଡ଼ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ଦେଶରେ ପ୍ରଥମ ଥର ପାଇଁ ଷ୍ଟେନଲେସ୍ ଷ୍ଟିଲ୍ ପାଇପ୍ସ ଆଣ୍ଡ ଟ୍ୟୁବ୍ସ (ପି ଆଣ୍ଡ ଟି)ର ସବୁଠାରୁ ବଡ଼ ଲୟାଲ୍ଟି ପ୍ରୋଗ୍ରାମ୍ 'ଜେଏସ୍‌ଏଲ୍ ସାଥୀ ପ୍ରଗତି' ଆରମ୍ଭ ଘୋଷଣା କରିଛି। ଏହା ଖୁଚୁରା ବ୍ୟବସାୟୀ ଓ ଫ୍ୟାବ୍ରିକେଟରମାନଙ୍କୁ (ଯେଉଁମାନେ ଏହି କ୍ଷେତ୍ରର ମୂଲ୍ୟ ଶୃଙ୍ଖଳାର ମୁଖ୍ୟ ଅଂଶୀଦାର) ସଶକ୍ତ କରିବା ପାଇଁ ତିଆରି ହୋଇଛି। ନୂଆ ପ୍ରୋଗ୍ରାମ୍ 'ଜେଏସ୍‌ଏଲ୍ ସାଥୀ ପ୍ରଗତି' ଯୋଜନା ଏହି ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇ ପ୍ରକୃତତ୍ୱ ନିଶ୍ଚିତତାକୁ ଏକ ନିର୍ଦ୍ଦିଷ୍ଟ ଯୋଗାଯୋଗ ମଡେଲ୍ ସହ ମିଶାଇ ଖୁଚୁରା ବ୍ୟବସାୟୀ ଓ ଫ୍ୟାବ୍ରିକେଟରମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ଜେଏସ୍‌ଏଲ୍ ପାଇପ୍ ଓ ଟ୍ୟୁବ୍‌ରେ ଏକ ଅନନ୍ୟ କ୍ୟୁଆର୍ କୋଡ୍ ରହିଛି। ଜେଏସ୍‌ଏଲ୍ ସାଥୀ ପ୍ରଗତି ଆପ୍ ମାଧ୍ୟମରେ ଏହି କୋଡ୍ ସ୍କାନ୍ କରି ଖୁଚୁରା ବ୍ୟବସାୟୀ ଓ ଫ୍ୟାବ୍ରିକେଟରମାନେ ତୁରନ୍ତ ଉତ୍ପାଦର ପ୍ରକୃତତ୍ୱ ଯାଂଚ କରିପାରିବେ।

### ରେକର୍ଡ ସ୍ତରକୁ ଖସିଲା ଟଙ୍କା

# ୧ ଡଲାର= ୮୯.୭୯ ଟଙ୍କା

## ୨୦୨୫ରେ ଟଙ୍କା ଏ ପର୍ଯ୍ୟନ୍ତ ୪.୭୭% ଦୁର୍ବଳ ହୋଇଛି

ମୁମ୍ବଇ, ୧।୧୨(ଏଜେନ୍ସି): ଆମେରିକୀୟ ଡଲାର ତୁଳନାରେ ଘରୋଇ ମୁଦ୍ରା ଟଙ୍କା ଏହାର ରେକର୍ଡ ସର୍ବନିମ୍ନ ସ୍ତରକୁ ଖସିଆସିଛି। ସୋମବାର କାବରାର ପ୍ରାରମ୍ଭରେ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୩୪ ପଇସା ହ୍ରାସ ପାଇ ୮୯.୭୯ ଟଙ୍କାରେ ପହଞ୍ଚିଛି। ଦୁଇ ସପ୍ତାହ ପୂର୍ବେ ଟଙ୍କା ମୂଲ୍ୟ ସର୍ବକାଳୀନ ସର୍ବନିମ୍ନ ୮୯.୬୬ ଟଙ୍କା ସ୍ତରରେ ରହିଥିଲା। ଘରୋଇ ଷ୍ଟକ୍ ବଜାରରେ ହ୍ରାସ ସହ ବିଦେଶୀ ପାଣ୍ଠିର ବର୍ହିଗମନ ଯୋଗୁ ଟଙ୍କା ଚାପରେ ରହିଛି। ସୋମବାର ସକାଳେ ଟଙ୍କା ପ୍ରତି ଡଲାର ୮୯.୪୫ ଟଙ୍କାରେ କାରବାର ଆରମ୍ଭ କରିଥିଲା।

୨୦୨୫ରେ ଟଙ୍କା ଏ ପର୍ଯ୍ୟନ୍ତ ୪.୭୭% ଦୁର୍ବଳ ହୋଇଛି। ଚଳିତବର୍ଷ ଜାନୁଆରୀ ପହିଲାରେ ଟଙ୍କା ଡଲାର ତୁଳନାରେ ୮୫.୭୦ ଟଙ୍କା ସ୍ତରରେ ରହିଥିଲା। ଏବେ ଏହା ୮୯.୭୯ ଟଙ୍କା ସ୍ତରକୁ ଖସିଆସିଛି। ଟଙ୍କାରେ ହ୍ରାସର ଅର୍ଥ ହେଉଛି ଭାରତ ପାଇଁ ଆମଦାନି ମହଙ୍ଗା ହେବ। ଏହାବ୍ୟତୀତ, ବିଦେଶକୁ ଯାତ୍ରା ଏବଂ ପାଠପଢ଼ା ମଧ୍ୟ ମହଙ୍ଗା ହୋଇଛି। ଉଦାହରଣ ସ୍ୱରୂପ, ଯେତେବେଳେ ଡଲାର ତୁଳନାରେ ଟଙ୍କା ୫୦ ଟଙ୍କା ରହିଥିଲା, ସେତେବେଳେ ଆମେରିକାରେ ଭାରତୀୟ ଛାତ୍ରମାନେ ୫୦ ଟଙ୍କାରେ ୧ ଡଲାର ପାଇପାରିବେ।



ବର୍ତ୍ତମାନ, ଛାତ୍ରମାନଙ୍କୁ ଡଲାର ପାଇଁ ୮୯.୭୯ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହା ଛାତ୍ରମାନଙ୍କ ପାଇଁ ଫି, ରହିବା, ଖାଦ୍ୟ ଏବଂ ଅନ୍ୟାନ୍ୟ ଜିନିଷର ଖର୍ଚ୍ଚ ବୃଦ୍ଧି କରିବ।

ଆମଦାନିକାରୀଙ୍କ ନିକଟରେ ଡଲାରର ପ୍ରବଳ ଚାହିଦା ମଧ୍ୟ ଟଙ୍କାର ବିନିମୟ ମୂଲ୍ୟକୁ ତଳ ମୁହାଁ କରିଛି। ତେଲ କିଣା, ସୁନା କିଣା ଏବଂ କର୍ପୋରେଟ୍ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଋଣ ପରିଶୋଧ ମଧ୍ୟ ଚାପ ବଢ଼ାଇଛି। ବାଣିଜ୍ୟ ଉତ୍ତେଜନା ଆମେରିକା ସହିତ ଆଲୋଚନାରେ ବାଧା ସୃଷ୍ଟି କରୁଛି। ଟ୍ରମ୍ପ ପ୍ରଶାସନ ଦ୍ୱାରା ଟିକସ ଲାଗୁ ଏହି ସ୍ଥିତିକୁ ଆହୁରି କଷ୍ଟକର କରିଦେଇଛି।

### ଏଚ୍-୧ ବି ଭିସା ବନ୍ଦ କରିବା ଉଚିତ ନୁହେଁ

## ଆମେରିକା ଭାରତୀୟ ପ୍ରତିଭାରୁ ବେଶ ଲାଭ ପାଇଛି: ମସ୍କ

ନୂଆଦିଲ୍ଲୀ,୧।୧୨(ଏଜେନ୍ସି): ଭାରତ ବିଶ୍ୱ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏଠାରେ ବହୁତ ଭଲ ପ୍ରତିଭା ଅଛନ୍ତି। ଆମେରିକା ଭାରତୀୟଙ୍କଠାରୁ ବହୁତ ଲାଭ ପାଇଛି। ଟେସ୍‌ଲା ଏବଂ ସ୍ପେସଏକ୍ସରେ ସବୁଠାରୁ ସ୍ମାର୍ଟ ଲୋକ ହେଉଛନ୍ତି ଭାରତୀୟ। ଏଚ୍-୧ବି କାର୍ଯ୍ୟକ୍ରମର ଅପବ୍ୟବହାର କରାଯାଇଥିଲା, କିନ୍ତୁ ଏହାକୁ ବନ୍ଦ କରିବା ଭୁଲ। ସୀମା ନିୟନ୍ତ୍ରଣ ବିନା କୌଣସି ଦେଶ କାର୍ଯ୍ୟ କରିପାରିବ ନାହିଁ, କିନ୍ତୁ ପ୍ରତିଭାବାନ୍ ପ୍ରବାସୀମାନଙ୍କୁ ସ୍ୱାଗତ କରାଯିବା ଉଚିତ। ଆମେରିକାକୁ ଶ୍ରେଷ୍ଠ ପ୍ରତିଭାର ଆବଶ୍ୟକତା ରହିଛି, ଏବଂ ଭାରତ ଏଥିରେ ଏକ ଅଗ୍ରେତା। ଆମ କମ୍ପାନୀଗୁଡ଼ିକରେ ଆମେ ସାରା ବିଶ୍ୱରୁ ଶ୍ରେଷ୍ଠ ଲୋକଙ୍କୁ ଆଣୁ। ପ୍ରବାସ ନୀତି ସନ୍ତୁଳିତ ହେବା ଆବଶ୍ୟକ। ଅବୈଧ ପ୍ରବାସ ବନ୍ଦ ହେବା ଉଚିତ, କିନ୍ତୁ ଦକ୍ଷ ଭିସାକୁ ପ୍ରୋତ୍ସାହିତ କରାଯିବା ଉଚିତ୍ ବୋଲି ଟେସଲା ଏବଂ ସ୍ପେସଏକ୍ସର ସିଇଓ ଏଲୋନ ମସ୍କ ଏକ ପଡକାଷ୍ଟରେ କହିଛନ୍ତି।

ମସ୍କ କହିଛନ୍ତି, ମୋ ସାଥୀ ହୃଦୟରୁ ଅଧା ଭାରତୀୟ। ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ସୁବ୍ରହ୍ମଣ୍ୟମ୍ ଚନ୍ଦ୍ରଶେଖରଙ୍କ ନାମ ଅନୁସାରେ ସେ ତାଙ୍କ ପୁଅର ନାମ ଶେଖର ରଖିଛନ୍ତି। ଆଗାମୀ ୧୦-୨୦ ବର୍ଷ ମଧ୍ୟରେ କାମ ଏକ ବିକଳ୍ପ ହୋଇଯିବ। ଲୋକମାନେ ଚାହିଁଲେ କାମ କରିପାରିବେ, କିମ୍ବା ଚାହିଁଲେ କରିବେନି। ଏଆଇ ଏତେ କାମ ସୃଷ୍ଟି କରିବ ଯେ ରୋବୋଟ୍ ଏବଂ ମେସିନ୍ ଅଧିକାଂଶ ଆବଶ୍ୟକତା ପୂରଣ କରିବ। ଚାକିରି ମଣିଷ ପାଇଁ ଆବଶ୍ୟକତା ଅପେକ୍ଷା ଅଧିକ ହବି ଭଳି ହୋଇଯିବ।

## ବେଦାନ୍ତ ଝାରସୁଗୁଡ଼ାରେ ବିଶ୍ୱ ଗୁଣବତ୍ତା ମାସ ପାଳନ

ଭୁବନେଶ୍ୱର,୧।୧୨(ସମିସ): ବେଦାନ୍ତ ଆଲୁମିନିୟମ ଝାରସୁଗୁଡାର ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟରେ ବିଶ୍ୱ ଗୁଣବତ୍ତା ସପ୍ତାହ (୧୦-୧୪ ନଭେମ୍ବର) ପାଳିତ ହୋଇଯାଇଛି। ଏହି ବର୍ଷର ଥିମ୍ 'ଗୁଣବତ୍ତା: ଭିନ୍ନ ଭାବରେ ଚିନ୍ତା କର' ରହିଥିଲା। ୧୫୦୦ ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ ଏକ ଗୁଣବତା ସଚେତନତା ରାଲି ସହିତ ଉତ୍ସବ ଆରମ୍ଭ ହୋଇଥିଲା, ଯାହା ନୂତନ ଦୃଷ୍ଟିକୋଣ ମାଧ୍ୟମରେ ଗୁଣବତ୍ତାର ପୁନଃକଳ୍ପନାର ବାର୍ତ୍ତା ପ୍ରସାର ଉପରେ ଧ୍ୟାନ ଦେଇଥିଲା। ଏକ ପ୍ଲାଂଟ-ବ୍ୟାପୀ ଗୁଣବତ୍ତା କୁଇଜ୍ ଏହି ଗତିକୁ ଆହୁରି ମଜବୁତ କରିଥିଲା, ଅଂଶଗ୍ରହଣକାରୀମାନେ ଶିଳ୍ପ ଗୁଣବତା ପ୍ରଣାଳୀ, ମାନଦଣ୍ଡ ଏବଂ ସମସ୍ୟା ସମାଧାନ ଢାଂଚା ବିଷୟରେ ସେମାନଙ୍କର ଜ୍ଞାନ ପରୀକ୍ଷା କରାଯାଇଥିଲା। ଏହି ପ୍ରୟାସର ସଫଳତା ଉପରେ ବେଦାନ୍ତ ଝାରସୁଗୁଡାର ସିଇଓ ସି.ଚନ୍ଦ୍ରୁ କହିଛନ୍ତି, ବେଦାନ୍ତ ଝାରସୁଗୁଡାରେ ଗୁଣବତ୍ତା ହେଉଛି ଆମେ କରୁଥିବା ପ୍ରତ୍ୟେକ କାର୍ଯ୍ୟର ମୂଳ, ଏକ ଧାରଣା ଯାହାକୁ ଆମେ ଏକ ସଂସ୍କୃତି, ଦାୟିତ୍ୱ ଏବଂ ପ୍ରତ୍ୟେକ ଅଂଶୀଦାରଙ୍କ ପ୍ରତି ଆମର ପ୍ରତିଶ୍ରୁତି ଭାବରେ ଗ୍ରହଣ କରୁ। ଏହି ବର୍ଷର ବିଶ୍ୱ ଗୁଣବତା ମାସର ପଦକ୍ଷେପଗୁଡ଼ିକ ଆମକୁ ଏକ ଦୃଢ଼ ମାଲିକାନା ଭାବନାରେ ଆକର୍ଷିତ କରିଛି।

## ସବୁ ଫୋନ୍‌ରେ ରହିବ ସାଇବର ସୁରକ୍ଷା ଆପ୍

ନୂଆଦିଲ୍ଲୀ,୧।୧୨(ଏଜେନ୍ସି): ଏଣିକି ପ୍ରତ୍ୟେକ ନୂତନ ସ୍ମାର୍ଟଫୋନ୍‌ରେ ସାଇବର ସୁରକ୍ଷା ଆପ୍ 'ସଞ୍ଚାର ସାଥୀ' ପୂର୍ବରୁ ସଂସ୍ଥାପିତ ହୋଇ ବଜାରକୁ ଆସିବ। କାରଣ ବର୍ତ୍ତମାନ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତାଙ୍କୁ ସରକାର ପୂର୍ବରୁ ସଂସ୍ଥାପିତ ହୋଇଥିବା ସାଇବର ସୁରକ୍ଷା ଆପ୍ ବିଶିଷ୍ଟ ସ୍ମାର୍ଟଫୋନ୍ ବିକ୍ରିକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଆପଲ୍ , ସାମସଙ୍ଗ, ଭିଭୋ, ଓପୋ ଏବଂ ସାଓମି ଭଳି କମ୍ପାନୀଗୁଡ଼ିକୁ ୯୦ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବହାରକାରୀମାନେ ଆପ୍ ଡିଲିଟ୍ କିମ୍ବା ଅକ୍ଷମ କରିପାରିବେନାହିଁ। ଏହା ଏକ ସଫ୍ଟୱେର୍ ଅପଡେଟ୍ ମାଧ୍ୟମରେ ପୁରୁଣା ଫୋନ୍‌ରେ ସଂସ୍ଥାପିତ ହେବ। ତଥାପି, ଏହି ନିର୍ଦ୍ଦେଶ ଏ ପର୍ଯ୍ୟନ୍ତ ସାର୍ବଜନୀନ

### କମ୍ପାନୀଗୁଡ଼ିକୁ ୯୦ ଦିନ ମହଲତ

ହୋଇନାହିଁ। ବରଂ କିଛି ନିର୍ଦ୍ଦିଷ୍ଟ କମ୍ପାନୀଗୁଡ଼ିକୁ ବ୍ୟକ୍ତିଗତ ଭାବରେ ପଠାଯାଇଛି। ସରକାରଙ୍କ ଲକ୍ଷ୍ୟ ହେଉଛି ସାଇବର ଠକେଇ, ନକଲି ଆଇଏମ୍‌ଇଆଇ ନମ୍ବର ଏବଂ ଫୋନ୍ ଚୋରିକୁ ରୋକିବା। ସଞ୍ଚାର ସାଥୀ ଆପ୍ ଏ ପର୍ଯ୍ୟନ୍ତ ୭ ଲକ୍ଷରୁ ଅଧିକ ହଜିଯାଇଥିବା କିମ୍ବା ଚୋରି ହୋଇଥିବା ମୋବାଇଲ୍ ଫୋନ୍ ପୁନରୁଦ୍ଧାର କରିଛି। ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି, "ନକଲି ଆଇଏମ୍‌ଇଆଇ ଦ୍ୱାରା ହେଉଥିବା ଠକେଇ ଏବଂ ନେଟୱାର୍କ ଅପବ୍ୟବହାରକୁ ରୋକିବା ପାଇଁ ଏହି ଆପ୍ ଅତ୍ୟାବଶ୍ୟକ। ଭାରତରେ ୧.୨ ବିଲିୟନରୁ ଅଧିକ ମୋବାଇଲ୍ ବ୍ୟବହାରକାରୀ ଅଛନ୍ତି, ଯାହା ବିଶ୍ୱର ସବୁଠାରୁ ବଡ଼ ବଜାର, କିନ୍ତୁ ନକଲି କିମ୍ବା ଡୁପ୍ଲିକେଟ୍ ଆଇଏମ୍‌ଇଆଇ ନମ୍ବର ଯୋଗୁଁ ସାଇବର ଅପରାଧ ବୃଦ୍ଧି ପାଉଛି।

# ଚିନ୍ତା ବଢ଼ାଇଲାଣି ବିଏଲ୍‌ଓଙ୍କ ମୃତ୍ୟୁ

## ଆତ୍ମହତ୍ୟା କଲେଣି ୨୯, ହୃଦ୍‌ଘାତ ନେଲାଣି ୪୧ ଜଣଙ୍କ ଜୀବନ

ମୁରାଦାବାଦ, ୧।୧୨ (ଏଜେନ୍ସି): ମୁଁ ବଞ୍ଚିବାକୁ ଚାହୁଁଛି। ମାତ୍ର କାମର ଚାପ ବଞ୍ଚିବାକୁ ଦେବ ନାହିଁ। ଏଭଳି କହି ଏସ୍‌ଆଇଆର ପ୍ରକ୍ରିୟାରେ ସାମିଲ ଜଣେ ବୁଥ୍ ଲେଭୁଲ ଅଫିସର (ବିଏଲଓ) ଆତ୍ମହତ୍ୟା କରିଛନ୍ତି। ମୃତ୍ୟୁ ପୂର୍ବରୁ ସେ କରିଥିବା ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହା ଏସ୍‌ଆଇଆରକୁ ନେଇ ବିଏଲଓଙ୍କ ଉପରେ କିଭଳି ଭାବେ ଚାପ ରହିଛି ତାହା ଦର୍ଶାଉଛି। ସୂଚନା ଅନୁଯାୟୀ, ମୃତକ ହେଉଛନ୍ତି ଉତ୍ତର ପ୍ରଦେଶ ମୁରାଦାବାଦର ସର୍ବେଶ ସିଂହ। ସେ ସରକାରୀ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାମ କରୁଥିଲେ। ଅକ୍ଟୋବର ୭ରେ ସେ ବିଏଲଓ ଭାବେ ନିଯୁକ୍ତ ହୋଇଥିଲେ। ଏସ୍‌ଆଇଆର ପାଇଁ ତାଙ୍କୁ ଘର ଘର ବୁଲି ଭୋଟରଙ୍କ ସୂଚନା ଓ ପ୍ରମାଣପତ୍ର ସଂଗ୍ରହ କରିବାକୁ ପଡୁଥିଲା। ରବିବାର ସକାଳେ ତାଙ୍କ ମୃତଦେହ ମିଳିଥିଲା। ପ୍ରଥମେ ସ୍ତ୍ରୀ ବବ୍‌ଲି ତାଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ଘଟଣାସ୍ଥଳରୁ ସୁଇସାଇଡ୍ ନୋଟ ଜବତ କରାଯାଇଛି। ଏଥିରେ କାର୍ଯ୍ୟଚାପ ସହ୍ୟ କରିପାରୁ ନ ଥିବା ସେ ଲେଖିଥିଲେ।

ମୃତ୍ୟୁ ପୂର୍ବରୁ କରିଥିବା ଭିଡିଓ ଏବଂ ଲେଖିଥିବା ଚିଠିରେ ସର୍ବେଶ କହୁଛନ୍ତି ଯେ 'ଦିଦି, ମୋତେ କ୍ଷମା କରିଦେବ। ମାଆ ଦୟାକରି ମୋ ପିଲାଙ୍କ ଯତ୍ନ ନେବ। ଏହି କାର୍ଯ୍ୟ କରିବାରେ ମୁଁ ବିଫଳ ହୋଇଛି। ତେଣୁ ଏପରି ପଦକ୍ଷେପ ନେଉଛି, ଯେଉଁଥି ପାଇଁ କେବଳ ମୁଁ ଦାୟୀ ରହିବି। ଆଉ କାହାର କୌଣସି ଦୋଷ ନାହିଁ। ମୁଁ ଅତ୍ୟନ୍ତ ଦୁଃଖିତ। ୨୦ ଦିନ ହେଲାଣି ଭଲ ସେ ଶୋଇ ପାରିନି। ଯଦି ପାଖରେ ସମୟ ଥାଆନ୍ତା ତେବେ ଏହି କାମ ସାରିଦେଇଥାନ୍ତି। ମୋର ୪ଟି ଛୋଟ ଝିଅ ଅଛନ୍ତି। ଦୟାକରି ମୋତେ କ୍ଷମା କରିଦେବ। ମୁଁ ତୁମମାନଙ୍କ ଠାରୁ ବହୁତ ଦୂରକୁ ଚାଲିଯାଉଛି। ବଞ୍ଚିବାକୁ ଚାହୁଁଥିଲେ ବି କିଛି କରିପାରୁନି। ବହୁତ ଦୁଃଖ କଷ୍ଟରେ ଫସି ଥିବା ମୁଁ ଅନୁଭବ କରୁଛି। ଦୁଃଖଦ ସ୍ଥିତି ମୋତେ ଘେରି ରହିଛି ଏବଂ ଗଭୀର ଯନ୍ତ୍ରଣା ଭୋଗୁଛି' ବୋଲି ସର୍ବେଶ ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ଏବେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଜାରି ରହିଛି। ନିର୍ଦ୍ଦିଷ୍ଟ ସମୟରେ ଏହାକୁ ସାରିବା ପାଇଁ ବିଏଲଓଙ୍କ ଉପରେ ଚାପ ରହିଛି। ଏହା ସହିତ କ୍ଷମତାସୀନ ଦଳର ନେତା ଏବଂ କର୍ମୀ ମଧ ଧମକାଉଛନ୍ତି। ଏହି କାରଣ ଏ ପର୍ଯ୍ୟନ୍ତ ୨୯ ବିଏଲଓ ଆତ୍ମହତ୍ୟା କଲେଣି। ଆଉ କିଛି ରିପୋର୍ଟରେ ଏସଆଇଆର ଭୟରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଭୟ, ଚିନ୍ତା, ଚାପ ଏବଂ ଅବସାଦ ଯୋଗୁଁ ବିଏଲଓଙ୍କ ମୃତ୍ୟୁ ହେଉଛି। ତେବେ ଏଭଳି ମୃତ୍ୟୁକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ଖାରଜ କରାଯାଇଛି। କାର୍ଯ୍ୟ ଚାପ ଯୋଗୁଁ କାହାର ମୃତ୍ୟୁ ହୋଇ ନ ଥିବା କୁହାଯାଉଛି। ଅନ୍ୟପଟେ ଇସି ୧୨ ରାଜ୍ୟରେ ଏସଆଇଆର ଅବଧିକୁ ୭ ଦିନ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।



ବିଏଲଓଙ୍କ ଆତ୍ମହତ୍ୟା ପୂର୍ବର ଭିଡିଓ ଭାଇରାଲ


### ପଶ୍ଚିମବଙ୍ଗରେ ଏସଆଇଆର ବିରୋଧରେ ବିଏଲଓଙ୍କ ବିକ୍ଷୋଭ

ଅକ୍ଟୋବର ୨୮ ତାରିଖରୁ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଙ୍କୁ ନିଯୁକ୍ତ କରାଯାଇଛି। ଏହା ସତ୍ତ୍ୱେ ଅନେକ ରାଜ୍ୟରୁ ବିଏଲଓଙ୍କ ଆତ୍ମହତ୍ୟା ଏବଂ ମୃତ୍ୟୁର ଖବର ସାମ୍ନାକୁ ଆସୁଛି। ଆଜି ଉତ୍ତର ପ୍ରଦେଶର ସମ୍ବଲରେ ଜଣେ ସହାୟକ ବିଏଲଓ ଶୋଇଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ରାଜ୍ୟରେ ଏପର୍ଯ୍ୟନ୍ତ ଆଠ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ତିନି ଜଣ ଆତ୍ମହତ୍ୟା କରିଥିବାବେଳେ ତିନି ଜଣ ହୃଦ୍‌ଘାତରେ ଏବଂ ଜଣେ ବ୍ରେନ ହ୍ୟାମରେଜରେ ପ୍ରାଣ ହରାଇ ଥିଲେ। ଏ ପର୍ଯ୍ୟନ୍ତ ୭ ରାଜ୍ୟରେ ୨୯ ବିଏଲଓଙ୍କ ମୃତ୍ୟୁ ହୋଇଥିବାବେଳେ ମଧ୍ୟପ୍ରଦେଶ ସର୍ବାଧିକ ନଅ ଜଣ ସାମିଲ ଅଛନ୍ତି। ଏପରି ସମୟରେ ସୋମବାର କୋଲକାତାରେ ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଙ୍କ କାର୍ଯ୍ୟାଳୟ ବାହାରେ ବିଏଲଓ ଅଧିକାର ସୁରକ୍ଷା କମିଟିର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପୁଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଏବଂ ଅନେକ ଦଳୀୟ ବିଧାୟକ ନିର୍ବାଚନ ଅଧିକାରୀଙ୍କ ସହ ବୈଠକ ପାଇଁ ପହଞ୍ଚିଥିଲେ। ବିକ୍ଷୋଭକାରୀମାନେ ଏଠାରେ ଉପସ୍ଥିତ ବିଜେପି କର୍ମୀଙ୍କ ସହ ଧସ୍ତାଧସ୍ତି ହୋଇଥିଲେ। ସିଇଓଙ୍କ ସହ ବିଜେପିର ବୈଠକକୁ ସେମାନେ ବିରୋଧ କରିଥିଲେ। ବିଏଲଓମାନେ କାମ କରିବା ସ୍ଥିତିରେ ସୁଧାର ଦାବି କରି କିଛି ଦିନ ହେଲା ବିକ୍ଷୋଭ କରି ଆସୁଛନ୍ତି। ସୋମବାର ଏହି ଆନ୍ଦୋଳନ ଜୋରଦାର ହୋଇଥିଲା। ମୃତ ବିଏଲଓଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଥିଲା। ଏ ନେଇ ସିଇଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ତେବେ ଟିଏମସି ପ୍ରରୋଚନାରେ ଏହି ଆନ୍ଦୋଳନ ଚାଲିଛି ବୋଲି ଇସିଙ୍କୁ ପକ୍ଷରୁ କୁହାଯାଇଛି।

## ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ: ୬ ସୈନିକଙ୍କ ମୃତ୍ୟୁ

ଇସଲାମାବାଦ, ୧।୧୨ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନରେ ପୁଣି ଆତ୍ମଘାତୀ ଆକ୍ରମଣ ହୋଇଛି। ବେଲୁଚିସ୍ତାନ ପ୍ରଦେଶର ନୋକୁଣ୍ଡି ଅଞ୍ଚଳରେ ଅବସ୍ଥିତ ଚାଗାଇରେ ଫ୍ରଣ୍ଟିୟର୍ କର୍ପସ୍ (ଏଫସି) ମୁଖ୍ୟାଳୟର ମୁଖ୍ୟ ଫାଟକରେ ସୋମବାର ସକାଳେ ଆତ୍ମଘାତୀ ବିସ୍ଫୋରଣ ଘଟି ଛଅ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏହି ଆକ୍ରମଣ ପାଇଁ ବେଲୁଚିସ୍ତାନ ଲିବରେସନ୍ ଫ୍ରଣ୍ଟ (ବିଏଲଫ) ର ସାଦଓ ଅପରେସନାଲ୍ ବାଟାଲିଅନ୍ (ଏସଓବି) ନିଜକୁ ଦାୟୀ କରିଛି। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବିପୁଳ କ୍ଷୟକ୍ଷତି ହୋଇଛି। ପାକିସ୍ତାନୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ମୁଖ୍ୟ ଫାଟକ ଉପରେ ଆକ୍ରମଣ ପରେ ସଶସ୍ତ୍ର ଆକ୍ରମଣକାରୀମାନେ ନୋକୁଣ୍ଡିରେ ଥିବା ଏଫସି ମୁଖ୍ୟାଳୟରେ ପ୍ରବେଶ କରିଥିଲେ। ଏଠାରେ ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଆକ୍ରମଣକୁ ଦେଖି ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଅନ୍ୟପଟେ ସୁରକ୍ଷାବାହିନୀକୁ ସହାୟତା ପାଇଁ କ୍ୱେଟାରୁ ଦୁଇଟି ହେଲିକପ୍ଟର ପଠାଯାଇଛି। ଏହା ପୂର୍ବରୁ ଗତ ୨୪ ଘଣ୍ଟା ତଳେ ପାକିସ୍ତାନର ୭ଟି ସ୍ଥାନରେ ବିସ୍ଫୋରଣ ହୋଇଥିଲା।

## ଦ୍ୱିତୀୟ ବିବାହ କଲେ ସାମନ୍ଥା



କୋଏମ୍ବାଟୁର, ୧।୧୨ (ଏଜେନ୍ସି): ଅଭିନେତ୍ରୀ ସାମନ୍ଥା ରୂଥ୍ ପ୍ରଭୁ ସୋମବାର ଦ୍ୱିତୀୟ ବିବାହ କରିଛନ୍ତି। ସେ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କ ହାତ ଧରିଛନ୍ତି। କୋଏମ୍ବାଟୁରର ଇଶା ଯୋଗ କେନ୍ଦ୍ରର ଲିଙ୍ଗ ଭୈରବୀ ମନ୍ଦିରରେ ପ୍ରାଚୀନ ଯୋଗିନୀ ପରମ୍ପରାରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହର ଫଟୋ ପୋଷ୍ଟ କରି ସାମନ୍ଥା ଏହି ସୂଚନା ଦେଇଛନ୍ତି। ଏହି ବିବାହରେ କେବଳ ପରିବାର ଲୋକେ ଏବଂ ଘନିଷ୍ଠ ବନ୍ଧୁ ସାମିଲ ହୋଇଥିଲେ। ଓସୋଙ୍କ ଇଶା ଫାଉଣ୍ଡେସନର ଲିଙ୍ଗ ଭୈରବୀ ମନ୍ଦିରରେ ଯୋଗିନୀ ପରମ୍ପରରା ଭୂତ ସୁଦ୍ଧି ବିବାହ କରିଛନ୍ତି। ଏହା ଏଭଳି ଏକ ବିବାହ ଯେଉଁଥିରେ ଦମ୍ପତିଙ୍କ ମଧ୍ୟରେ ଗଭୀର ସମ୍ପର୍କ ସୃଷ୍ଟି ହୋଇଥାଏ। ଏହା କେବଳ ଚିନ୍ତାଧାରା କିମ୍ବା ଶରୀର ମଧ୍ୟରେ ସୀମିତ ନ ହୋଇ ଶରୀରର ପଞ୍ଚ ଭୂତ ସହ ଯୋଡ଼ି ଥାଏ। ଏହି ବିବାହ ପଞ୍ଚ ଭୂତକୁ ଶୁଦ୍ଧି କରିଥାଏ। ସମ୍ପର୍କରେ ଶାନ୍ତି, ସମୃଦ୍ଧି ଏବଂ ଆଧ୍ୟାତ୍ମିକ ସନ୍ତୁଳନ ସୃଷ୍ଟି କରିଥାଏ। ଏହି ବିବାହକୁ ନେଇ ରାଜ୍‌ଙ୍କ ପୂର୍ବତନ ପତ୍ନୀ ଶ୍ୟାମଲୀ ଡେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଛନ୍ତି। ଧୈର୍ଯ୍ୟ ନ ଥିବା ଲୋକେ ଅଧୈର୍ଯ୍ୟପୂର୍ଣ୍ଣ କାମ କରନ୍ତି ବୋଲି ସେ ଲେଖିଛନ୍ତି।

## କଂଗ୍ରେସର ରଣନୀତି ବୈଠକରେ ସାମିଲ ହେଲେନି ଥରୁର

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): କଂଗ୍ରେସ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ତଥା ସାଂସଦ ଶଶୀ ଥରୁର ପୁଣି ଥରେ ଦଳର ରଣନୀତି ଗ୍ରୁପର ଜରୁରୀ ବୈଠକରେ ସାମିଲ ହୋଇ ନାହାନ୍ତି। ସଂସଦର ଶୀତ ଅଧିବେଶନ ଆରମ୍ଭ ହେବାର ଦିନକ ପୂର୍ବରୁ ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଏହି ବୈଠକ ବସିଥିଲା। ତେବେ କେରଳରେ ନିଜ ୯୦ ବର୍ଷୀୟ ମାଆଙ୍କ ପାଖରେ ଥିବାରୁ ଏଥିରେ ଅନୁପସ୍ଥିତ ଥିଲେ ବୋଲି ଶଶୀ ଥରୁରଙ୍କ ଅଫିସ ପକ୍ଷରୁ କୁହାଯାଇଛି। ଥରୁର ଦ୍ୱିତୀୟ ଥର ପାଇଁ ଦଳୀୟ ବୈଠକରେ ଅନୁପସ୍ଥିତ ରହିଛନ୍ତି। ପୂର୍ବରୁ ସେ ଅସୁସ୍ଥ ଥିବା ଦର୍ଶାଇ ଏସଆଇଆର ପ୍ରସଙ୍ଗରେ କଂଗ୍ରେସ ବୈଠକରେ ଯୋଗ ଦେଇ ନ ଥିଲେ। ସେ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକ କାର୍ଯ୍ୟକ୍ରମରେ ଥରୁର ଯୋଗ ଦେଇଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା।

# ନେତାଙ୍କ ସମ୍ପର୍କୀୟଙ୍କ ଲାଗି ଯୋଗ୍ୟ କର୍ମୀଙ୍କୁ ଅଣଦେଖା

ନାଗପୁର, ୧।୧୨ (ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ପୁଣି ବଡ଼ ଟିପ୍ପଣୀ ଦେଇଛନ୍ତି। ରାଜନୀତିରେ ପରିବାରବାଦକୁ ସେ ସମାଲୋଚନା କରିଛନ୍ତି। ନିଷ୍ଠାପର କର୍ମୀଙ୍କ ଅଣଦେଖା କଲେ ବିରକ୍ତି ଲାଗେ ବୋଲି ସେ କହିଛନ୍ତି। ରାଜନେତାଙ୍କ ପାରିବାରିକ



ଉତ୍ତରାଧିକାରୀଙ୍କୁ ନିର୍ବାଚନରେ ହରାଇବା ପାଇଁ ସେ ଜନତାଙ୍କୁ ଆହ୍ୱାନ ଦେଇଛନ୍ତି। ରବିବାର ନାଗପୁରର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଗଡ଼କରୀ ଏହି ଟିପ୍ପଣୀ ଦେଇଥିଲେ। ସଙ୍କେତରେ ନିଜ ଦଳର କିଛି ନୀତି ଏବଂ ନେତାଙ୍କୁ ମଧ ସେ ସମାଲୋଚନା କରିଥିବା କୁହାଯାଉଛି।

ଗଡ଼କରୀ କହିଥିଲେ ଯେ ରାଜନୀତିରେ ବଡ଼ ନେତାଙ୍କ ସମ୍ପର୍କୀୟଙ୍କ ଲାଗି ଯୋଗ୍ୟ କର୍ମୀଙ୍କୁ ଅଣଦେଖା କରାଯାଇଥାଏ। ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ଯେଉଁ ନେତାମାନେ ବଂଶବାଦକୁ ସମାଲୋଚନା କରୁଥିଲେ, ସେମାନେ ପରେ ନିଜ ସମ୍ପର୍କୀୟଙ୍କୁ ଟିକଟ ଦେବା ପାଇଁ ଦାବି କରିଥାନ୍ତି। ଏହା ଅତ୍ୟନ୍ତ ଦୁଃଖର ବିଷୟ। ଏଭଳି ଆଭିମୁଖ୍ୟ ଦ୍ୱାରା ଦଳର ପୁରୁଖା କର୍ମୀଙ୍କ ସହ ଅନ୍ୟାୟ ହେଉଛି। ୨୦-୩୦ ବର୍ଷ ହେଲା ଦଳ ପାଇଁ କାମ କରୁଥିବା ବ୍ୟକ୍ତି ଟିକଟ

### ଯିଏ ବଂଶବାଦକୁ ସମାଲୋଚନା କରୁଛି ସେ ସମ୍ପର୍କୀୟଙ୍କ ପାଇଁ ଟିକଟ ମାଗୁଛି: ଗଡ଼କରୀ

ମାଗିବାକୁ ଆସିଲେ ତାଙ୍କୁ ନ ଦେଇ ନେତା ନିଜ ପତ୍ନୀ, ପୁଅ କିମ୍ବା ଅନ୍ୟ ସମ୍ପର୍କୀୟଙ୍କୁ ଦେଉଛନ୍ତି। ଏହା ଗଭୀର ଭାବେ ବ୍ୟଥିତ କରୁଛି। ବଂଶବାଦ ଅପେକ୍ଷା ଯୋଗ୍ୟତାକୁ ପ୍ରାଥମିକତା ଦିଆଯିବା ଉଚିତ୍। ଏବେ ଏହି ପ୍ରସଙ୍ଗରେ ଜନସାଧାରଣଙ୍କୁ ନିଷ୍ପତ୍ତି ନେବାକୁ ପଡିବ। ବଂଶବାଦର ରାଜନୀତି ଦ୍ୱାରା ଦଳ ଏବଂ ଜନସାଧାରଣ ଉଭୟଙ୍କ କ୍ଷତି ହେଉଛି। ଏହାର ସମାଧାନ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଗଡ଼କରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ବିଜେପି ପ୍ରତି କଟାକ୍ଷ ଭାବରେ ଦେଖାଯାଉଛି। କାରଣ ଏହି ଦଳ ଯାହା କହୁଛି ତାର ଓଲଟା କରୁଛି। ବଂଶବାଦକୁ ବିରୋଧ କରୁଥିଲେ ବି ନେତାଙ୍କ ପତ୍ନୀ, ପୁତ୍ର ଏବଂ ସମ୍ପର୍କୀୟଙ୍କୁ ଟିକଟ ଦେଉଥିବା ଦେଖାଯାଉଛି। କଂଗ୍ରେସ, ଠାକରେ ପରିବାର ଏବଂ ମୁଲାୟମ ସିଂହ ଯାଦବ ତଥା ଲାଲୁ ଯାଦବଙ୍କ ଭଳି ରାଜନୈତିକ ପରିବାର ଉପରେ ବଂଶବାଦକୁ ନେଇ ବିଜେପି ଅଭିଯୋଗ ଲଗାଇ ଥିଲା। ମାତ୍ର ମହାରାଷ୍ଟ୍ରରେ ସ୍ଥାନୀୟ ସଂସ୍ଥା ନିର୍ବାଚନରେ ଅନେକ ବିଜେପି ବିଧାୟକ, ସାଂସଦ ଏବଂ ମନ୍ତ୍ରୀଙ୍କ ପରିବାର ସଦସ୍ୟ ଯଥା ମା, ସ୍ତ୍ରୀ, ପିଲା କିମ୍ବା ନିକଟ ସମ୍ପର୍କୀୟଙ୍କୁ ପ୍ରାର୍ଥୀ କରାଯାଇଛି। ଏହା ଦ୍ୱାରା ବିଜେପିର ବିଶ୍ୱସ୍ତ କର୍ମୀ ନିରାଶ ହୋଇଛନ୍ତି। ସେମାନେ ଏହାକୁ ଦଳର ନୀତି ବିରୋଧୀ ବୋଲି କହୁଛନ୍ତି। ମନ୍ତ୍ରୀ ଗିରୀଶ ମହାଜନଙ୍କ ପତ୍ନୀ ସାଧନା ମହାଜନ ବିନା ନିର୍ବାଚନରେ ନଗର ପରିଷଦର ଅଧ୍ୟକ୍ଷ ପଦ ଜିତିବାରୁ ବିଜେପିରେ ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହି ନିର୍ବାଚନରୁ କଂଗ୍ରେସ, ଏନ୍‌ସିପି (ଏସପି) ଏବଂ ଅଜିତ ପାୱାର ଗୋଷ୍ଠୀ ଓହରିଯିବାରୁ ସାଧନା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ମନ୍ତ୍ରୀ ଜୟକୁମାର ରାୱଲଙ୍କ ମା ନୟନ କୁଁଅର ଡୋଣ୍ଡିୟାଚା-ବରବାଡେ ନଗର ପରିଷଦର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। କାରଣ ତାଙ୍କ ବିରୋଧରେ ଛିଡ଼ା ହୋଇଥିବା ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଖାରଜ ହୋଇ ଯାଇଥିଲା।

## ବିମାନ ଉପରେ ହୋଇଥିଲା ସାଇବର ଆକ୍ରମଣ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଶେଷରେ କେନ୍ଦ୍ର ସରକାର ସତ ସ୍ୱୀକାର କରିଛନ୍ତି। ଗତ ୭ ତାରିଖରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ)ର ଅଟୋମେଟିକ ମେସେଜ ସ୍ୱିଚିଂ ସିଷ୍ଟମ (ଏଏମଏସଏସ) ରେ ସାଇବର ଆକ୍ରମଣ ହୋଇଥିଲା ବୋଲି ମାନିଛନ୍ତି। ରାଜ୍ୟସଭାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ ଏହା ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ 'ଆଇଜିଆଇର ରନୱେ ୧୦ରେ ବିମାନ ଜିପିଏସ ଆଧାରିତ ଅବତରଣ ପ୍ରକ୍ରିୟା ଆପଣାଉ ଥିବାବେଳେ ଜିପିଏସ ସ୍ପୁଫିଂ ହୋଇଥିଲା। ସାଇବର ଆକ୍ରମଣ ଯୋଗୁଁ ଭୁଲ୍ ସିଗ୍‌ନାଲ ମିଳିଥିଲା। ଏହା ପରେ ପାଇଲଟ ତୁରନ୍ତ ବ୍ୟାକ୍‌ଅପ ବ୍ୟବହାର କରିଥିଲେ। ତେବେ ଅନ୍ୟ ରନୱେ ଉପରେ ଏହି ସ୍ପୁଫିଂର କୌଣସି ପ୍ରଭାବ ପଡ଼ି ନ ଥିଲା। କାରଣ ସେଗୁଡ଼ିକରେ 'ଟ୍ରାଡିସନାଲ ଗ୍ରାଉଣ୍ଡ ବେସ୍‌ଡ ନେଭିଗେସନ ସିଷ୍ଟମ' ବ୍ୟବହାର କରାଯାଉଥିଲା'। ଏହି ଘଟଣା ଯୋଗୁଁ ଗତ ୭ ତାରିଖରେ ଦିଲ୍ଲୀ ବିମାନବନ୍ଦରରେ ବିମାନ ପରିଚାଳନା ୧୨ ଘଣ୍ଟାରୁ ଅଧିକ ସମୟ ପ୍ରଭାବିତ ହୋଇଥିଲା। ୮୦୦ରୁ ଅଧିକ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ବିଳମ୍ବରେ ଉଡ଼ାଣ କରିଥିଲା। ୨୦ଟି ଉଡ଼ାଣକୁ ବାତିଲ କରିବାକୁ ପଡ଼ିଥିଲା। ସେହିପରି ସାରା ବିଶ୍ୱରେ ର୍‍ୟାନସମୱେୟର-ମାଲୱେୟର ଆକ୍ରମଣର ବିପଦ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି।

**ବିଳମ୍ବିତ ହୋଇଥିଲା ୮୦୦ ବିମାନ**

# ବନ୍ୟା ବିପ୍ଳାତ: ହଜାରେ ମୃତ; ଶତାଧିକ ନିଖୋଜ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦକ୍ଷିଣ ଏସିଆରେ ବନ୍ୟା ବିପ୍ଳାତ ସୃଷ୍ଟି କରିଛି। ଇଣ୍ଡୋନେସିଆ, ଶ୍ରୀଲଙ୍କା, ମାଲେସିଆ ଏବଂ ଥାଇଲାଣ୍ଡରେ ଆସିଥିବା ଏହି ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନ ଜନିତ ମୃତ୍ୟୁସଂଖ୍ୟା ହଜାରେ ପାର୍ କରିଛି। ଶତାଧିକ ଲୋକ ନିଖୋଜ ମଧ ଅଛନ୍ତି। ଅନେକ ଦେଶରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ରିପୋର୍ଟ ଅନୁଯାୟୀ, ଇଣ୍ଡୋନେସିଆରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ୫୦୨ରେ ପହଞ୍ଚି ଯାଇଛି। ଏବେ ବି ୫୦୮ ଜଣ ନିଖୋଜ ଅଛନ୍ତି। ଇଣ୍ଡୋନେସିଆର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏହି ସୂଚନା ଦେଇଛନ୍ତି। ସେହିପରି ଶ୍ରୀଲଙ୍କାରେ ୩୪୦ ଜଣ ପ୍ରାଣ ହରାଇଛନ୍ତି। ରାଜଧାନୀ କଲମ୍ବୋରେ ରବିବାର ରାତିସାରା ଜଳସ୍ତର ବଢ଼ି ଚାଲିଥିଲା। ସକାଳେ ବର୍ଷା ଥମିଯିବାରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଏହା ଦ୍ୱାରା ପାଣି ଛାଡ଼ିଯିବ ବୋଲି ଆଶା କରାଯାଉଛି। ଶ୍ରୀଲଙ୍କା ଏବଂ ଇଣ୍ଡୋନେସିଆରେ ଉଦ୍ଧାରକାର୍ଯ୍ୟ ପାଇଁ ସେନା ମୁତୟନ କରାଯାଇଛି। ଅନ୍ୟପଟେ ଥାଇଲାଣ୍ଡର ଦକ୍ଷିଣ ଭାଗରେ ଆସିଥିବା ବନ୍ୟା ୧୭୬ ଜଣଙ୍କ ଜୀବନ ନେଇଛି। ଏହାକୁ ଗତ ଦଶ ବର୍ଷ ମଧ୍ୟରେ ଆସିଥିବା ସବୁଠାରୁ ଭୟଙ୍କର ବନ୍ୟା ଧରାଯାଉଛି। ସେହିପରି ମାଲେସିଆର ପେରଲିସ ରାଜ୍ୟରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଦକ୍ଷିଣ ଏସିଆରେ ଆସିଥିବା ଏହି ବନ୍ୟା ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଅନେକ କୋଠାବଡ଼ି ଭୁଶୁଡ଼ି ପଡ଼ିଥିବାବେଳେ ପୋଲ ଭାଙ୍ଗି ଯାଇଛି। ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ଶ୍ରୀଲଙ୍କାରେ ବାତ୍ୟା ଦାତୱା ପ୍ରଭାବରେ ହେଉଥିବା ବର୍ଷା ଥମିବାରେ ଲାଗିଛି। ଏହା ତାମିଲନାଡୁକୁ ମଧ ପ୍ରଭାବିତ କରିଥିଲା। ବର୍ଷା ଜନିତ ଦୁର୍ଘଟଣାରେ ତିନି ଜଣଙ୍କ ଜୀବନ ଯାଇଥିଲା।



## କୁକୁର ଧରି ସଂସଦରେ ପହଞ୍ଚିଲେ ରେଣୁକା

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ସଂସଦର ଶୀତ ଅଧିବେଶନର ପ୍ରଥମ ଦିନରେ ସୋମବାର କଂଗ୍ରେସ ସାଂସଦ ରେଣୁକା ଚୌଧୁରୀଙ୍କୁ ନେଇ ବିବାଦ ହୋଇଛି। ସେ କୁକୁରକୁ ସାଙ୍ଗରେ ଧରି ସଂସଦ ପରିସରରେ ପହଞ୍ଚିଛନ୍ତି। ଏ ବିଷୟରେ ପଚାରିବାରୁ ସେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ନେଇ ହଙ୍ଗାମା ହୋଇଛି। ସେ କହିଛନ୍ତି ଯେ 'ସରକାରଙ୍କୁ ପଶୁ ପସନ୍ଦ ନୁହେଁ। ଏହା ଅତ୍ୟନ୍ତ ଛୋଟ ଏବଂ କାହାର କ୍ଷତି କରୁ ନ ଥିବା ପଶୁ। କାମୁଡୁ ଥିବା ଏବଂ ଦଂଶନ କରୁଥିବା ବ୍ୟକ୍ତି ସଂସଦ ଭିତରେ ଅଛନ୍ତି। କୁକୁର ଏଭଳି କରେ ନାହିଁ।' ଏହି ଘଟଣାକୁ ବିଜେପି ତୀବ୍ର ବିରୋଧୀ କରିଛି। ଏହା ଦ୍ୱାରା ସଂସଦ ମର୍ଯ୍ୟାଦାର ଉଲ୍ଲଂଘନ ବୋଲି କୁହାଯାଇଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।



**'କୁକୁର କାମୁଡୁନି; କାମୁଡ଼ିବା ଲୋକ ସଂସଦରେ ଅଛନ୍ତି'**

ବିବାଦ ହେବାପରେ ରେଣୁକା ଏ ନେଇ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଘଟଣାକୁ ଅଯଥାରେ ଆଲୋଚନାର ପରିସରକୁ ଅଣାଯାଉଛି। ଯଦି କୁକୁର ଗୃହ ଭିତରକୁ ପଶିଆସିଲା ତେବେ ସମସ୍ୟା କ'ଣ? ଏହି କୁକୁର କାହାକୁ କାମୁଡ଼ିବ ନାହିଁ ବୋଲି ବିଶ୍ୱାସ ମୋର ଅଛି। କୁକୁରକୁ ଗୃହ ଭିତରକୁ ନ ନେବାର କୌଣସି ପ୍ରୋଟୋକଲ ଅଛି କି? ରାସ୍ତାରେ ଆସିବା ବେଳେ କାର୍ ଏବଂ ସ୍କୁଟର ଧକ୍କା ହେବାରୁ କୁକୁର ଛୁଆଟି ପଳେଇ ଆସିଥିଲା। ରାସ୍ତାରେ ସେ ବୁଲୁଥିବାବେଳେ ଗାଡ଼ି ତଳେ ଚାପି ହୋଇଯିବ ଭାବି ତାକୁ ଆଣି ଆସିଥିଲି। ପହଞ୍ଚିବା ପରେ ତାକୁ ପଠାଇ ଦେଲି। ଗାଡ଼ି ଏବଂ କୁକୁର ଉଭୟ ପଳେଇ ଗଲେଣି। ଏବେ କାହାକୁ ନେଇ ଚର୍ଚ୍ଚା ହେଉଛି। ଯେଉଁମାନେ ବାସ୍ତବରେ କାମୁଡୁଛନ୍ତି ସେମାନେ ସଂସଦରେ ବସିଛନ୍ତି। ସେ ସରକାର ଚଳାଉଛନ୍ତି। ଏଥିରେ ତ କାହାର ସମସ୍ୟା ନାହିଁ। କୁକୁର ନେଇ ଆସିଗଲେ ତାହା ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଯାଉଛି। ଲାଗୁଛି ସରକାରଙ୍କ ପାଖରେ କୌଣସି ପ୍ରସଙ୍ଗ ନାହିଁ। ଯଦି ସରକାର ସଂସଦ ଅଧିବେଶନକୁ ନେଇ ଚିନ୍ତିତ ତେବେ ଅବଧି କାହିଁକି ହ୍ରାସ କଲେ। ମାସକର ଅଧିବେଶନକୁ ପନ୍ଦର ଦିନକୁ କାହିଁକି ହ୍ରାସ କରାଗଲା? ଆମେ ଗୃହରେ କେଉଁ ପ୍ରସଙ୍ଗ ଉଠାଇବୁ ତାହାକୁ ନେଇ ଆପଣମାନେ ଚିନ୍ତିତ କାହିଁକି? ସୂଚନାଯୋଗ୍ୟ ଯେ ସଂସଦକୁ ପୋଷା ପଶୁପକ୍ଷୀ ନେଇଯିବାକୁ ନିୟମର ଉଲ୍ଲଂଘନ ଧରାଯାଏ। ସଂସଦ ଭବନ ପରିସରର ଆଚର ନିୟମ ଏବଂ 'ଲୋକସଭା ହ୍ୟାଣ୍ଡବୁକ ଫର ମେମ୍ବର୍ସ' ଅଧୀନରେ ଏହା ଭୁଲ୍।

# ବିହାର: ଶପଥପତ୍ର ପଢ଼ିପାରିଲେନି ବାହୁବଳୀଙ୍କ ପତ୍ନୀ ବିଭା ଦେବୀ



ପାଟନା, ୧।୧୨ (ଏଜେନ୍ସି): ଅନେକ ସମୟରେ ନେତା, ମନ୍ତ୍ରୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରିବାକୁ ଦାବି ହେଉଛି। କିନ୍ତୁ ପ୍ରାୟ ସବୁ ଦଳ ଏହି ଦାବିକୁ ଏଡ଼ାଇ ଚାଲିଛନ୍ତି। ତଳସ୍ତରର ସରକାରୀ କର୍ମଚାରୀ ହେବାକୁ ନିର୍ଦ୍ଦିଷ୍ଟ ଯୋଗ୍ୟତା ଏବଂ ଆପରାଧିକ ପୃଷ୍ଠଭୂମିରୁ ନ ଆସୁଥିବାର ନିୟମ ଥିବାବେଳେ ନେତାଙ୍କ ପାଇଁ ଏଭଳି କୌଣସି ନିୟମ ନାହିଁ କହିଲେ ଚଳେ। ଏବେ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ତଥା ପଢ଼ି ନ ପାରିବାରୁ ଜଣେ ନବ ନିର୍ବାଚିତ ବିଧାୟିକା କିଭଳି ହଟହଟା ହୋଇଛନ୍ତି ତାହାର ଭିଡିଓ ସାରା ଦେଶରେ ଭାଇରାଲ ହେବାରେ ଲାଗିଛି। ବିହାର ବିଧାନସଭାରେ ଏଭଳି ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ୧୮ତମ ବିଧାନସଭାର ପ୍ରଥମ ଅଧିବେଶନରେ ନବ ନିର୍ବାଚିତ ସଦସ୍ୟ ଶପଥ ନେଉଛନ୍ତି। କିନ୍ତୁ ବାହୁବଳୀ ରାଜବଲ୍ଲଭଙ୍କ ପତ୍ନୀ ତଥା ନୱାଦାର ଜେଡିୟୁ ବିଧାୟିକା ବିଭା ଦେବୀ ଶପଥ ପତ୍ର ପଢ଼ି ନ ପାରି ସର୍ବସମ୍ମୁଖରେ ହଟହଟା ହୋଇଛନ୍ତି।

ବିଭା ଦେବୀ ଶପଥ ନେବାକୁ ଛିଡ଼ା ହୋଇଥିଲେ। ସେ ଭୁଲ୍ ଶବ୍ଦ ଉଚ୍ଚାରଣ କରି ଶପଥ ପାଠ ଆରମ୍ଭ କରିଥିଲେ। ଶପଥ ନେଉଛି ବଦଳରେ ସତତ ନେଉଛୁ ବୋଲି କହିଥିଲେ। ରହି ରହି ସେ ଶପଥ ପତ୍ର ପଢ଼ି ଚାଲିଥିଲେ। କ୍ରମାଗତ ଭାବେ ସଠିକ ଶବ୍ଦ ଉଚ୍ଚାରଣ କରିପାରୁ ନ ଥିଲେ। ମଝିରେ ମଝିରେ ଅଟକି ଯାଉଥିଲେ। ତାଙ୍କର ସ୍ଥିତି ସଦନରେ ଉପସ୍ଥିତ ଥିବା ସବୁ ଲୋକଙ୍କ ପାଇଁ ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଯାଇଥିଲା। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଭା ଦେବୀ କଷ୍ଟେ ମଷ୍ଟେ ଶପଥ ନେବାକୁ ପ୍ରୟାସ କରିଥିଲେ। ଏହି ସମୟରେ ତାଙ୍କ ନିକଟରେ ଜେଡିୟୁ ବିଧାୟିକା ମନୋରମା ଦେବୀ ବସିଥିଲେ। ଶପଥ ପତ୍ର ପଢ଼ି ଦେବାକୁ ପ୍ରଭା ଦେବୀ ତାଙ୍କୁ ଅନୁରୋଧ କରିଥିଲେ। ଛୁଟକୀ ପଢ଼ି ଦେ, କହି ଦେ ବୋଲି କହିଥିଲେ। ମନୋରମା ଦେବୀ କହିବା ସତ୍ତ୍ୱେ ବି ବିଭା ଠିକ୍‌ରେ ପଢ଼ି ପାରି ନ ଥିଲେ। ଜେନତେନ ପ୍ରକାରରେ ଖଣ୍ଡି ଅକ୍ଷରରେ ସେ ଶପଥ ନେଇଥିଲେ। ଏହି ଭିଡିଓକୁ ନେଇ ସାମାଜିକ ଗଣମାଧ୍ୟମରେ ମେମେର ବନ୍ୟା ଆସିଛି। ଶପଥ ପତ୍ର ପଢ଼ି ପାରୁ ନ ଥିବା ମହିଳା ବିହାରର କେମିତି ବିକାଶ କରିବେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ସୂଚନାଯୋଗ୍ୟ ଯେ ସ୍ୱାମୀଙ୍କ ରାଜନୈତିକ ପ୍ରଭାବକୁ ଆଗକୁ ବଢ଼ାଇ ବିଭା ଦେବୀ ନୱାଦା ସିଟ୍‌ରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ଅନ୍ୟ ପଟେ ଆଜି ଆରଜେଡି ନେତା ତେଜସ୍ୱୀ ଯାଦବ, ବିଜେପି ବିଧାୟିକା ମୈଥିଳୀ ଠାକୁର, ବାହୁବଳୀ ଅଶୋକ ମାହୋତଙ୍କ ପତ୍ନୀ ଅନିତା ଦେବୀ ପ୍ରମୁଖ ଶପଥ ଗ୍ରହଣ କରିଛନ୍ତି।

## ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ପାଇଁ ଖାଲି ଚାଷୀ ଦାୟୀ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣକୁ ନେଇ ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ଭର୍ତ୍ସନା କରିଛନ୍ତି। ବାୟୁ ପ୍ରଦୂଷଣ ପାଇଁ କେବଳ ଚାଷୀଙ୍କୁ ଦାୟୀ କରିବାରୁ କୋର୍ଟ ଆପତ୍ତି ଉଠାଇଛନ୍ତି। ଏମସି ମେହତାଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ ପାଳ ଜାଳିବା ଘଟଣା ନୂଆ ନୁହେଁ। ୪-୫ ବର୍ଷ ତଳେ କୋଭିଡ୍ ଏବଂ ଲକଡାଉନ୍ ସମୟରେ ମଧ ନଡ଼ା ପୋଡ଼ା ଯାଉଥିଲା। ଏହା ସତ୍ତ୍ୱେ ଆକାଶ ସ୍ୱଚ୍ଛ ଏବଂ ନୀଳ ଦେଖାଯାଉଥିଲା। ଏବେ କାହିଁକି ନୁହେଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି? ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ପାଳ ପୋଡ଼ିବା ଉପରେ ବିତର୍କ ରାଜନୈତିକ କିମ୍ବା ଅହଂକାରର ପ୍ରସଙ୍ଗ ହେବା ଉଚିତ୍ ନୁହେଁ। ଦିଲ୍ଲୀର ବିଷାକ୍ତ ବାୟୁର ଅନେକ କାରଣ ଅଛି। ପାଳ ପୋଡ଼ିବା ବ୍ୟତୀତ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣର କାରଣଗୁଡ଼ିକ ଉପରେ ବୈଜ୍ଞାନିକ ବିଶ୍ଳେଷଣ କରାଯିବା ଉଚିତ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୦ରେ ଅନୁଷ୍ଠିତ ହେବ।

# ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଆରମ୍ଭ






ଭୁବନେଶ୍ୱର,୧।୧୨(ସମିସ): ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା 'ଦ ସଙ୍ଗଲ'ରେ ଆଜିଠାରୁ ଆରମ୍ଭ ହୋଇଛି ୩୭ତମ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଡିସେମ୍ବର ୭ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୫ ଓ ୧୭ ବର୍ଷରୁ କମ୍ ବୟସ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବ୍ୟାଡମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆର ଓ ଓଡ଼ିଶା ବ୍ୟାଡମିଣ୍ଟନ ସଂଘର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ବାଳିକା ଓ ୩୦୦ରୁ ଊର୍ଦ୍ଧ୍ୱ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୧୩ ବର୍ଷରୁ କମ୍ ଜାତୀୟ ଚାମ୍ପିଅନ ଏବଂ ୧୫ ବର୍ଷରୁ କମ୍ ରନର୍ସଅପ୍ ଓଡ଼ିଶାର ତନ୍‌ଭି ପତ୍ରୀ ଏହି ଟୁର୍ଣ୍ଣାମେଣ୍ଟରେ ବାଳିକା ବିଭାଗର ଉଭୟ ଟାଇଟଲ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି।

# 'କୋହଲିଙ୍କ ଭବିଷ୍ୟତ ନେଇ ପ୍ରଶ୍ନ ଉଠାଇବା ଅନାବଶ୍ୟକ'

ନୂଆଦିଲ୍ଲୀ,୧।୧୨(ଏଜେନ୍ସି):

ଫର୍ମ ହେଉ ଅବା ଫିଟ୍‌ନେସ, ୩୭ ବର୍ଷରେ ବିରାଟ କୋହଲି ଯେପରି ଖେଳୁଛନ୍ତି ତାଙ୍କର ଭବିଷ୍ୟତ ନେଇ ଆଲୋଚନା କରିବା କିମ୍ବା ପ୍ରଶ୍ନ ଉଠାଇବା ଅପ୍ରାସଙ୍ଗିକ ଓ ଅନାବଶ୍ୟକ ବୋଲି କହିଛନ୍ତି ଭାରତୀୟ ଦଳର ବ୍ୟାଟିଂ କୋଚ୍ ସିତାଂଶୁ କୋଟକ। ରାଞ୍ଚିରେ ଗତକାଲି ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ସେ ଯେପରି ପ୍ରଭାବଶାଳୀ ଖେଳ ପ୍ରଦର୍ଶନ କରିଥିଲେ, ସେଥିରୁ ସେ ତାଙ୍କ ଉପସ୍ଥିତି ଜାହିର କରିଛନ୍ତି। ବିରାଟ କୋହଲି ଏବେ କେବଳ ଦିନିକିଆ ଫର୍ମାଟରେ ଖେଳୁଛନ୍ତି। ଟେଷ୍ଟ ଓ ଟି-୨୦ର ଅନ୍ତର୍ଜାତୀୟ ଫର୍ମାଟରୁ ସେ ଅବସର ନେଇସାରିଛନ୍ତି। ଭାରତୀୟ ଦଳର ନିରାଶାଜନକ ପ୍ରଦର୍ଶନ ପରେ କୋହଲି ଟେଷ୍ଟ ଫର୍ମାଟକୁ ଫେରିବେ ବୋଲି ଜୋର କଳ୍ପନା ଜଳ୍ପନା ଚାଲିଛି। ସେ ନିଜେ ଏହାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଗତକାଲି ସେ କହିଥିଲେ, ଭାରତ ଲାଗି ଖେଳିବାକୁ ଗଲାବେଳେ ସେ ସର୍ବଦା ୧୨୦ ଭାଗ ଚେଷ୍ଟା କରିଥାନ୍ତି। ଏବେ ମୁଁ କେବଳ ଦିନିକିଆ ଫର୍ମାଟରେ ଖେଳ ଜାରି ରଖିବି ବୋଲି କହିବା ପରେ ଟେଷ୍ଟକୁ ତାଙ୍କର ପ୍ରତ୍ୟାବର୍ତ୍ତନ ଆଉ ସମ୍ଭବ ନୁହେଁ ବୋଲି ଏଥିରୁ ସ୍ପଷ୍ଟ ହୋଇଛି।



୨୦୨୭ରେ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ଖେଳାଯିବ। ବିରାଟ କୋହଲି ଏବଂ ରୋହିତ ଶର୍ମା ଏହି ବିଶ୍ୱକପ୍ ଖେଳି ଅବସର ନେବାକୁ ଆଗ୍ରହୀ ବୋଲି ଆଲୋଚନା ହେଉଛି। ଉଭୟ ଅନ୍ତର୍ଜାତୀୟ କ୍ରିକେଟର ଅନ୍ୟ ଦୁଇ ଫର୍ମାଟରୁ ଅବସର ନେଇ ସାରିଥିବାରୁ ଏବେ କେବଳ ଦିନିକିଆ ଖେଳୁଛନ୍ତି। ଏହା ବ୍ୟତୀତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ସେ ଯେତିକି ପରିମାଣରେ କ୍ରିକେଟ ଖେଳୁଛନ୍ତି, ସେଥିରୁ ବିଶ୍ୱକପ ପର୍ଯ୍ୟନ୍ତ ତାଙ୍କ ଫିଟ୍‌ନେସ ସ୍ତରରେ କିଛି ପରିବର୍ତ୍ତନ ହେବାର ଆଶଙ୍କା ନାହିଁ। ଏଣୁ ତାଙ୍କ ଭବିଷ୍ୟତ ସମ୍ପର୍କରେ କଳ୍ପନା ଜଳ୍ପନା, ଆଲୋଚନା କିମ୍ବା ପର୍ଯ୍ୟାଲୋଚନା କରିବା ଅନୁଚିତ ହେବ ବୋଲି କୋଟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଟିମ୍ ମ୍ୟାନେଜ୍‌ମେଣ୍ଟ ଏ ସମ୍ପର୍କରେ କଥାବାର୍ତ୍ତା ହେବା ତ ଦୂରର କଥା, ଭାବିବାକୁ ମଧ୍ୟ ଉଚିତ ମନେକରିନାହିଁ।

ରାଞ୍ଚିରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ କୋହଲି ତାଙ୍କ ଚିରାଚରିତ ଶୈଳୀରେ ବ୍ୟାଟିଂ କରି ଜୀବନର ୫୨ତମ ଶତକ ହାସଲ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟର ଗୋଟିଏ ଫର୍ମାଟରେ ଏହା ସର୍ବାଧିକ ଶତକ। ଟେଷ୍ଟ କ୍ରିକେଟରେ ସଚିନ ତେନ୍ଦୁଲକର ୫୧ଟି ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ସେ ୧୦୨ଟି ବଲ୍‌ରୁ ଶତକ ହାସଲ କରିଥିଲେ। ସେ ମୋଟ ୧୨୦ଟି ବଲ୍ ଖେଳି ୧୩୫ ରନ୍ କରିଥିଲେ। ଏହା ମଧ୍ୟରେ ୧୦ଟି ସୁଦୃଶ୍ୟ ଚୌକା ଓ ୭ଟି ବିରାଟ ଛକା ରହିଥିଲା। ଏଥିରୁ ତାଙ୍କ ଫର୍ମ ଓ ଫିଟ୍‌ନେସ୍‌ର ପ୍ରମାଣ ମିଳିଥାଏ। ତାଙ୍କ ଶତକ ଓ ଅନ୍ୟତମ ବରିଷ୍ଠ ଖେଳାଳି ରୋହିତ ଶର୍ମାଙ୍କ ସହ ଦ୍ୱିତୀୟ ୱିକେଟ ଭାଗୀଦାରିରେ ୧୩୬ ରନ୍ ସଂଗୃହୀତ ହୋଇଥିଲା। ଏହି ରନ୍ ବଳରେ ଭାରତ ଏକ ବିଶାଳ ସ୍କୋର (୮ୱିକେଟରେ ୩୪୯ ରନ୍) କରିଥିଲା। କୁଳଦୀପ ଯାଦବ ୪ଟି ଓ ହର୍ଷିତ ରାଣା ୩ଟି ୱିକେଟ ନେବା ଫଳରେ ଭାରତ ଏହି ମ୍ୟାଚ୍‌କୁ ୧୭ ରନ୍‌ରେ ଜିତିନେଇଥିଲା।

## ସେହ୍ୱାଗଙ୍କ ପ୍ରଶଂସା

ବିରାଟ କୋହଲି ପୁଣିଥରେ ପ୍ରମାଣିତ କରିଛନ୍ତି ଯେ, ଚା' ତିଆରି କରିବା ଆମ ଲାଗି ଯେତିକି ସହଜ, ବିରାଟଙ୍କ ଲାଗି ରନ୍ ସଂଗ୍ରହ କରିବା ସେତିକି ସହଜ। ସେ ଆହୁରି କହନ୍ତି, ରେକର୍ଡ ପଛରେ କୋହଲି ଦୌଡ଼ୁନାହାନ୍ତି, ବରଂ ରେକର୍ଡ ତାଙ୍କ ପଛରେ ଦୌଡ଼ୁଛି। ଆଜ୍ ଭି ଭୁକ୍ ୱହି, ଜୁନୁନ ୱହି ବୋଲି ସେ କହିଛନ୍ତି। କିଙ୍ଗ୍ ଷ୍ଟେଜ୍ କିଙ୍ଗ୍ ବା ରାଜା ସର୍ବଦା ରାଜା ଭଳି ରହିବ ବୋଲି ସେହ୍ୱାଗ ତାଙ୍କ ପ୍ରଶଂସାରେ କୋହଲିଙ୍କୁ ପୋତିଦେଇଛନ୍ତି।

# ମହିଳା ହକି ଦଳର କୋଚ୍ ପଦ ଛାଡ଼ିଲେ ହରେନ୍ଦ୍ର

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଏକ ଅପ୍ରତ୍ୟାଶିତ ଘଟଣାକ୍ରମେ ଭାରତୀୟ ସିନିଅର ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ସୋମବାର ନିଜ ପଦରୁ ଇସ୍ତଫା



ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ହରେନ୍ଦ୍ର ନିଜର ନିଷ୍ପତ୍ତି ମେଲ୍ ଯୋଗେ ହକି ଇଣ୍ଡିଆକୁ ଜଣାଇ ଦେଇଛନ୍ତି। ୫୬ ବର୍ଷୀୟ ହରେନ୍ଦ୍ର ଗତବର୍ଷ ଏପ୍ରିଲରେ ଏହି ଗୁରୁଦାୟିତ୍ୱ ସମ୍ଭାଳିଥିଲେ। ୨୦୨୮ ଅଲିମ୍ପିକ୍ସ ପର୍ଯ୍ୟନ୍ତ ସେ ଟିମ୍ ସହ ଜଡ଼ିତ ରହିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଅଚାନକ ପଦ ଛାଡ଼ିବା ନେଇ ନାନା ଆଲୋଚନା ହେଉଛି। ରିପୋର୍ଟ ଅନୁସାରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳର କୋଚ୍ ରହିଥିବା ନେଦରଲାଣ୍ଡସର ଶୋଡ୍ ମାରିନ ପୁଣିଥରେ ଏହି ସମ୍ମାନଜନକ ପଦ ସମ୍ଭାଳିବେ। ତାଙ୍କ ତତ୍ତ୍ୱାବଧାନରେ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନରେ ରହିଥିଲା। ତେବେ ହକି ଇଣ୍ଡିଆ ପକ୍ଷରୁ ଏନେଇ ଅଫିସିଆଲ୍ ଭାବେ କିଛି ଘୋଷଣା କରାଯାଇନାହିଁ। ସ୍ମରଣଯୋଗ୍ୟ, ହରେନ୍ଦ୍ରଙ୍କ ପ୍ରଶିକ୍ଷଣରେ ୨୦୧୬ରେ ଭାରତୀୟ ଦଳ ଜୁନିଅର ପୁରୁଷ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ସେ ଆମେରିକା ପୁରୁଷ ଦଳର କୋଚ୍ ଦାୟିତ୍ୱ ସମ୍ଭାଳିଥିଲେ।

# ଦୃଷ୍ଟିହୀନ ମହିଳା ବିଶ୍ୱଚାମ୍ପିଅନ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା

ଭୁବନେଶ୍ୱର,୧।୧୨(ସମିସ): ଶ୍ରୀଲଙ୍କାରେ ଅନୁଷ୍ଠିତ ପ୍ରଥମ ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟରେ ଭାରତ ଚାମ୍ପିଅନ ହୋଇଛି। ଏହି ଚାମ୍ପିଅନ ଭାରତୀୟ ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବାଲେଶ୍ୱରର ଫୁଲ ସୋରେନ୍। ଏମାନଙ୍କ ବ୍ୟତୀତ ଆଉ ୩ଜଣ ଖେଳାଳି ମୟୂରଭଞ୍ଜ ଜିଲ୍ଲାର। ସେମିଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବାସନ୍ତୀ ହାଁସ୍‌ଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି। ଏ ସମସ୍ତ ଖେଳାଳି ଓଡ଼ିଶାରେ ପହଞ୍ଚିବା ପରେ ବିମାନବନ୍ଦରରେ ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାସଭବନରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ୧୧ ଲକ୍ଷ ଲେଖାଏଁ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହି ଖେଳାଳିଙ୍କ ସହ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ତଥା କମିଶନର ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡଃ. ଯେଦୁଲା ବିଜୟ, ଦଳର କୋଚ୍ ଦେବାଶିଷ ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କିନ୍ତୁ ଅନ୍ୟ ଖେଳାଳିମାନଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ରାଶି ତୁଳନାରେ ଏହା ବହୁତ କମ୍ ବୋଲି ଆଲୋଚନା ହେଉଛି।



## ୨୩ ବର୍ଷରୁ କମ୍ ମହିଳା ଟି-୨୦

# ମୁମ୍ବଇଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧।୧୨(ସମିସ): କେରଳର ତିରୁଅନନ୍ତପୁରମଠାରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଏଲିଟ୍ ବିଭାଗ ମୁକାବିଲାରେ ଓଡ଼ିଶା ୧୮ ରନ୍‌ରେ ମୁମ୍ବଇଠାରୁ ହାରିଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବଇ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୪୦ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଥମ ୩ ବ୍ୟାଟର ୦, ୪, ୬ରେ ଆଉଟ ହେବା ପରେ ଦଳ ୧୫ ରନ୍‌ରେ ୩ ୱିକେଟ ହରାଇଥିଲା। ଏହା ପରେ ନଂ-୮ ବ୍ୟାଟର ହର୍ଲି ଗାଲା ଅପରାଜିତ ୩୦, ନଂ-୪ ଓ ୫, ତୁଶି ଶାହ ଓ ସାଧବୀ ସଞ୍ଜୟ ୨୪ ରନ୍ ଲେଖାଏଁ, ନଂ-୮ ଶ୍ରଦ୍ଧା ୨୩ ରନ୍ କରିଥିଲେ। ଓଡ଼ିଶାର ଶ୍ରେୟା ପ୍ରିୟଦର୍ଶିନୀ ୨ଟି, ଅନନ୍ୟା ମିଶ୍ର, ଶୁଭ୍ରନିର୍ଝରିଣୀ ସ୍ୱାଇଁ ଓ ଏସ୍‌ବି ଲରେନ୍ସ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।


ଶ୍ରେୟା ପ୍ରିୟଦର୍ଶିନୀ


ତନ୍ମୟୀ ବେହେରା

ଜବାବରେ ଓପନର ତନ୍ମୟୀ ବେହେରାଙ୍କ ୩୯ ବଲ୍‌ରେ ୪୪ ଓ ନଂ-୩ ବ୍ୟାଟର ତଥା ଅଧିନାୟିକା ଅଲିସ୍ମା ବିଶ୍ୱାଳଙ୍କ ୩୯ ବଲ୍‌ରେ ୩୮ ରନ୍ ସତ୍ତ୍ୱେ ଦଳ ସମାନ ସଂଖ୍ୟକ ଓଭର ଖେଳି ୬ ୱିକେଟରେ ୧୨୨ ରନ୍ କରିବାକୁ ସମର୍ଥ ହୋଇଥିଲା। ସିନିୟର ଖେଳାଳିଙ୍କୁ ନେଇ ଗଠିତ ଓଡ଼ିଶା ଦଳର ବ୍ୟାଟିଂ ଏଠାରେ କାମ ଦେଇ ନ ଥିଲା। ମୁମ୍ବଇର ଜିଲ ଡିମେଲୋ ଓ କାଶିଶ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

## ଜୁନିଅର ମହିଳା ହକି ବିଶ୍ୱକପ୍ ଉଦ୍‌ଘାଟିତ

# ବିଜୟରୁ ଭାରତର ଅଭିଯାନ

ସାଣ୍ଟିଆଗୋ, ୧।୧୨ (ଏଜେନ୍ସି): ଜୁନିଅର ମହିଳା ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣ ସୋମବାରଠାରୁ ଚିଲିରେ ଆରମ୍ଭ ହୋଇଛି। ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟରେ ଭାରତୀୟ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଭାରତ ପ୍ରଥମ ମ୍ୟାଚରେ ନାମିବ୍ୟାକୁ ୧୩-୦ ଗୋଲ୍‌ର ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଏଥିସହ ପୁଲ୍-ସି'ରେ ସ୍ଥାନ ପାଇଥିବା ଭାରତ ୩ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ବୁଧବାର ଜର୍ମାନୀକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ପ୍ରଥମ ଦିବସରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଜର୍ମାନୀ ୭-୧ ଗୋଲ୍‌ରେ ଏକପାଖିଆ ଭାବେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଏଥର ବିଶ୍ୱକପ୍‌ରେ ୫ଟି ମହାଦେଶର ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ୧୯୮୯ରୁ ଏହି ମେଗା ଇଭେଣ୍ଟ ଖେଳାଯାଇ ଆସୁଥିଲେ ମଧ୍ୟ ଭାରତ ଥରେ ହେଲେ ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇନାହିଁ।

## ଏଫ୍‌ଆଇଏଚ୍ ପୁରୁଷ ହକି ଜୁନିଅର ବିଶ୍ୱକପ୍

# କ୍ୱାର୍ଟରରେ ଜର୍ମାନୀ

ମଦୁରାଇ,୧।୧୨(ଏଜେନ୍ସି): ବିଶ୍ୱର ନଂ-୧ ଟିମ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ହକି ଜୁନିଅର ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆଜି ଏଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମୁକାବିଲାରେ ଜର୍ମାନୀ ୫-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରି ଗ୍ରୁପ୍-ଏ'ରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରଥମ ସ୍ଥାନ ଅଧିକାର କରିଛି। ଜର୍ମାନୀ ଏବେ ଚେନ୍ନଇରେ କ୍ୱାର୍ଟର ଫାଇନାଲ ଖେଳିବ। ସେହିପରି ଏହି ଗ୍ରୁପ୍‌ରେ କାନାଡାକୁ ୯-୧ ଗୋଲରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସ୍ଥାନରେ ରହିଛି। ଗ୍ରୁପ୍-ବି'ରେ ଆସନ୍ତାକାଲି ଭାରତ ଓ ସ୍ୱିଜରଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବ।

# ଦୃଢ଼ସ୍ଥିତିରେ ଉତ୍ତରାଖଣ୍ଡ

**କୁଚ୍‌ବିହାର ଟ୍ରଫି**

ଭୁବନେଶ୍ୱର, ୧।୧୨(ସମିସ): ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ୧୯ ବର୍ଷରୁ କମ୍ ୩ ଦିନିଆ କୁଚ୍‌ବିହାର ଟ୍ରଫି ଆଜିଠାରୁ ଆରମ୍ଭ ହୋଇଛି। ଉତ୍ତରାଖଣ୍ଡର କାଶିପୁରଠାରେ ପ୍ରଥମ ଦିନ ଖେଳରେ ଓଡ଼ିଶା ମାତ୍ର ୧୪୬ ରନ୍‌ରେ ଅଲଆଉଟ ହୋଇଯାଇଛି। ଜବାବରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଉତ୍ତରାଖଣ୍ଡ ୨ ୱିକେଟରେ ୧୪୯ ରନ୍ କରିଛି। ଉତ୍ତରାଖଣ୍ଡ ପକ୍ଷରୁ ଅଧିନାୟକ ରଖିତ ଡାଲାକୋଟି ସର୍ବାଧିକ ୬୪ ଓ ଆଦିତ୍ୟ ନାଇଥାନି ୫୯ ରନ୍‌ରେ ବ୍ୟାଟିଂ କରୁଥିଲେ। ପ୍ରିୟାଂଶୁ ମହାନ୍ତି ଓ ସମ୍ବିତ ବେଜା ୱିକେଟ ଦୁଇଟି ସମାନ ଭାବେ ବାଣ୍ଟି ନେଇଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରିୟାଂଶୁ ସିଂଙ୍କ ବୋଲିଂର ମୁକାବିଲା କରି ନ ପାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରିୟାଂଶୁ ୧୫.୧ ଓଭରରେ ୩୩ ରନ୍ ଦେଇ ସର୍ବାଧିକ ୮ଟି ୱିକେଟ ନେଇଥିଲେ। ଓଡ଼ିଶା ଇନିଂସରେ ଦଳର ପ୍ରଥମ ୪ଜଣ ଓ ନଂ-୬ ବ୍ୟାଟର ଦୁଇ ଅଙ୍କରେ ପହଞ୍ଚିପାରି ନ ଥିଲେ। ପୀୟୁଷ ରଞ୍ଜନ ମନ୍ତ୍ରୀ ସର୍ବାଧିକ ୬୧ ରନ୍ କରିଥିଲେ।

## ଇଣ୍ଟରନ୍ୟାସନାଲ ଓପନ୍ ଗେଟବଲ୍ ଉଦ୍‌ଯାପିତ

# ଡବଲ୍ସରେ ଓଡ଼ିଶା-ଏ ଚାମ୍ପିଅନ

ଭୁବନେଶ୍ୱର, ୧।୧୨ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି। ଏଥିରେ ଡବଲ୍ସ ବର୍ଗରେ ଓଡ଼ିଶା-ଏ ଦଳ ଚାମ୍ପିଅନ ଓ ତାଇୱାନ-ସି ରନର୍ସଅପ୍ ହୋଇଥିଲା। ସେହିଭଳି କ୍ଲାସିକ ବର୍ଗରେ ତାଇୱାନ-ବି ଟାଇଟଲ୍ ହାସଲ କରିଛି। ଫାଇନାଲରେ ତାଇୱାନ ବିହାରକୁ ପରାସ୍ତ କରିଥିଲା। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ଏହି ଦୁଇଦିନିଆ ପ୍ରତିଯୋଗିତାରେ ଭାରତର ୧୮ ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ସେହିଭଳି ଇଣ୍ଡୋନେସିଆ ଓ ତାଇୱାନରୁ ମଧ୍ୟ ଖେଳାଳି ଏଥିରେ ଭାଗନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରୋଟାରିଆନ ମନୋଜ ତ୍ରିପାଠୀ, ଡ. ପ୍ରବୋଧ ମହାନ୍ତି, ଯଜ୍ଞଶିଷ ମହାପାତ୍ର, ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ତାରିଣୀ ପ୍ରସାଦ ମହାନ୍ତି, ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ ପ୍ରମୁଖ ଉପସ୍ଥିତ ରହିଥିଲେ।




# ବାରବାଟୀରେ ଖେଳିବେ ଗିଲ୍, ପାଣ୍ଡ୍ୟା!

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ ପୂର୍ବରୁ ଆହତ ସମସ୍ୟା ଦେଇ ଗତି କରୁଥିବା ଭାରତର ଦୁଇ ପ୍ରମୁଖ ଖେଳାଳି ଶୁବମନ ଗିଲ୍ ଓ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଧିରେ ଧିରେ ସୁସ୍ଥ ହୋଇଛନ୍ତି। ପାଣ୍ଡ୍ୟାଙ୍କୁ ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ରେ ବରୋଦା ପକ୍ଷରୁ ଖେଳିବାକୁ ବିସିସିଆଇ ସୋମବାର ସବୁଜ ସଙ୍କେତ ପ୍ରଦାନ କରିଛି। ଫଳରେ ସେ ମଙ୍ଗଳବାର ବରୋଦା-ପଞ୍ଜାବ ମୁକାବିଲାରେ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଗିଲ୍ ସୋମବାର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ନିୟମିତ ଫିଟନେସ ଯାଞ୍ଚ ପାଇଁ ରିପୋର୍ଟ କରିଛନ୍ତି। ଏହାପରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବେ କି ନାହିଁ ସ୍ପଷ୍ଟ ହେବ। ତେବେ ରିପୋର୍ଟ ଅନୁଯାୟୀ ଟି-୨୦ ସିରିଜ ଲାଗି ଦଳ ଘୋଷଣା ବେଳକୁ ଉଭୟ ପାଣ୍ଡ୍ୟା ଓ ଗିଲ୍ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିବେ ବୋଲି କୁହାଯାଉଛି। ଏଭଳି ହେଲେ କଟକର ବାରବାଟୀରେ ଖେଳାଯିବାକୁ ଥିବା ସିରିଜର ପ୍ରଥମ ମ୍ୟାଚରେ ଉଭୟ ତାରକା ଖେଳାଳିଙ୍କୁ କ୍ରିକେଟ୍‌ପ୍ରେମୀ ଦେଖିବାକୁ ପାଇବେ।

## ଲିସବନ୍ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍ ଜିମ୍ନାଷ୍ଟିକ୍

# ଏଏମ୍/ଏନ୍‌ଏସ୍ ଏଚ୍‌ପିସି ଆଥ୍‌ଲେଟ୍‌ଙ୍କୁ ୨୦ ପଦକ



ଭୁବନେଶ୍ୱର, ୧।୧୨ (ସମିସ): ପର୍ତ୍ତୁଗାଲର ଲିସବନରେ ଅନୁଷ୍ଠିତ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫରମାନ୍ସ ସେଣ୍ଟର (ଏଚ୍‌ପିସି)ର ଆଥ୍‌ଲେଟ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୨୦ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ ରହିଛି। ବିଶ୍ୱର ୧୮ଟି ଇଲାଇଟ୍ ଜିମ୍ନାଷ୍ଟିକ କ୍ଲବ ବିପକ୍ଷରେ ଖେଳି ଜିଏଚପିସି ଆଥ୍‌ଲେଟ୍‌ମାନେ ଏହି ପଦକ ସଫଳତା ପାଇଛନ୍ତି।

ଜୁନିଅର ପୁରୁଷ ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ବର୍ଗରେ ଅଂଶୁମାନ ସୁନ୍ଦରା ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଦଳଗତ ଇଭେଣ୍ଟରେ ଅଂଶୁମାନ, ଦେବାଶିଷ ରେଢ୍ଡୀ ଓ ବିରୁଙ୍କୁ ନେଇ ଗଠିତ ଦଳ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲା। ତୃତୀୟ ସ୍ୱର୍ଣ୍ଣପଦକ ସିନିଅର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସର ଦଳଗତ ଇଭେଣ୍ଟରୁ ଆସିଥିଲା। ସୁମିତ ଧଳ, ମୃତ୍ୟୁଞ୍ଜୟ ପଟ୍ଟନାୟକ ଓ ଜଗଦୀଶ ବାରିକ ସଦସ୍ୟ ରହିଥିଲେ।

## ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ା

# ଫାଇନାଲରେ କିଟ୍ ମହିଳା ହକି ଦଳ




ଭୁବନେଶ୍ୱର, ୧।୧୨ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ାରେ କିଟ୍ ମହିଳା ହକି ଦଳ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ଫାଇନାଲରେ ପ୍ରବେଶ କରିଛି। ସୋମବାର ଖେଳାଯାଇଥିବା ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ କିଟ୍ ପେନାଲ୍ଟି ସୁଟ୍ ଆଉଟ୍‌ରେ ୩-୨ ଗୋଲ୍‌ରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ବୁଧବାର ମହିଳା ହକି ଫାଇନାଲ ଖେଳାଯିବ। ଏଥିରେ ଆଇଟିଏମ୍ ଗ୍ୱାଲିଅର ଓ କିଟ୍ ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ସେହିଭଳି ଦେବାଶିଷ ସାହୁ ଓ କବୀର ହଂସଙ୍କୁ ନେଇ ଗଠିତ କିଟ୍ ପୁରୁଷ ଟେନିସ ଦଳ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ଅପରପକ୍ଷରେ କିଟ୍ ମହିଳା ଭଲିବଲ୍ ଦଳ ମଧ୍ୟ ପ୍ରଥମ ମ୍ୟାଚରେ ୩-୧ ସେଟରେ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ହରାଇ ଅଭିଯାନ ଆରମ୍ଭ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS